
সର୍ବାଧିକ ଛକା ମାରି ରେକର୍ଡ କଲେ ବିରାଟ
ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 42 | ଭାଗ ୩୪ | ସଂଖ୍ୟା ୪୨ Bhubaneswar | Monday 5 May 2025 | Page 8 Rs. 4.00 ● ଭୁବନେଶ୍ୱର ସୋମବାର ୫ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ସ୍ଲାବ୍ ଖସି ୩ ଜଣଙ୍କ ମୃତ୍ୟୁ ମାମଲା

## ବୈଷୟିକ କମିଟି ଗଠିତ, ୧୫ ଦିନରେ ରିପୋର୍ଟ



**ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ: ମନ୍ତ୍ରୀ**

**ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ):** ଗତକାଲି କଟକ ରିଙ୍ଗରୋଡ଼ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ସମୟରେ ଅଚାନକ ସ୍ଲାବ୍ ଖସିପଡ଼ିବା ଫଳରେ ଦୁଇ ଜଣ ଯନ୍ତ୍ରୀଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏପରି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଦାୟିତ୍ୱ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବୈଷୟିକ କମିଟିକୁ ଦିଆଯିବ ବୋଲି ଘୋଷଣା କରିଥିଲେ। ଏହି ଅନୁସାରେ ଆଜି ଏକ ତିନିଜଣିଆ ତଦନ୍ତ କମିଟି ଗଠନ କରାଯାଇଛି। ଏଥିରେ ପୂର୍ତ୍ତ ବିଭାଗ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ମୁଖ୍ୟ ରହିଥିବା ବେଳେ ସଦସ୍ୟ ଭାବେ ରାସ୍ତା-୨ର ମୁଖ୍ୟ ଯନ୍ତ୍ରୀ ଓ କଟକ ଅତିରିକ୍ତ ଜିଲ୍ଲାପାଳଙ୍କୁ ରଖାଯାଇଥିବା ନେଇ ଆଇନ ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି କମିଟି ସବୁ ଦିଗରୁ ଅନୁଧ୍ୟାନ କରି ଆଗାମୀ ୧୫ ଦିନ ମଧ୍ୟରେ ରିପୋର୍ଟ ଦେବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।ଏଥିସହ ସେ ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆଜି ସୋସିଆଲ୍ ମିଡିଆ 'ଏକ୍ସ'ରେ ସୂଚନା ଦେଇଛନ୍ତି। ସେ ସେଥିରେ ଉଲ୍ଲେଖ କରିଛନ୍ତି ଯେ ଏହି ଅଘଟଣ ନେଇ ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ତେବେ ଏହା ପଛର କାରଣ କ'ଣ ତାହା ଖୁବ ଶୀଘ୍ର ଉନ୍ମୋଚିତ ହେବ ଏବଂ ଦୋଷୀଙ୍କ ➪ପୃଷ୍ଠା-୬

# ଭାରତକୁ ପାକ୍ ରାଷ୍ଟ୍ରଦୂତଙ୍କ ପରମାଣୁ ଧମକ



**କହିଲେ ସବୁ ଶକ୍ତି ବ୍ୟବହାର କରିବୁ**



**ନୂଆଦିଲ୍ଲୀ,୪।୫:** ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରେ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ରୁଷରେ ଅବସ୍ଥାପିତ ପାକିସ୍ତାନର ରାଷ୍ଟ୍ରଦୂତ ଭାରତ ବିରୋଧରେ ଉତ୍ତେଜନାମୂଳକ ଧମକ ଜାରି କରି କହିଛନ୍ତି। ଯଦି ପାକିସ୍ତାନ ବିରୋଧରେ ଭାରତ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ଇସଲାମାବାଦ ପରମାଣୁ ଅସ୍ତ୍ର ସମେତ ସମ୍ପୂର୍ଣ୍ଣ ଶକ୍ତି ବଳରେ ଦିଲ୍ଲୀକୁ ଦୃଢ଼ ଜବାବ ଦେବ। ରୁଷର ଗଣମାଧ୍ୟମ ଆରଟିକୁ ଦେଇଥିବା ସାକ୍ଷାତକାରରେ ରାଷ୍ଟ୍ରଦୂତ ମହମ୍ମଦ ଖଲିଦ ଜମାଲି ଅଭିଯୋଗ କରିଛନ୍ତି ଯେ ଲିକ୍ ହୋଇଥିବା ଦସ୍ତାବିଜରୁ ଜଣାପଡ଼ୁଛି ଯେ ଭାରତ ପାକିସ୍ତାନର ନିର୍ଦ୍ଦିଷ୍ଟ ଟାର୍ଗେଟ୍ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଛି ଏବଂ ଯୁଦ୍ଧ 'ନିଶ୍ଚିତ' ବୋଲି ଚେତାବନୀ ଦେଇଛି। ସୀମାପାର ଆତଙ୍କବାଦରେ ପାକିସ୍ତାନର ସମ୍ପୃକ୍ତିକୁ ଭାରତ କୂଟନୈତିକ ସ୍ତରରେ ଉନ୍ମୋଚନ କରିବା ସହ ଆତଙ୍କବାଦୀ ସଂଗଠନକୁ ଆଶ୍ରୟ ଦେବା ପାଇଁ ଇସଲାମାବାଦକୁ ଦାୟୀ କରିବା ପାଇଁ ବିଶ୍ୱସ୍ତରୀୟ ସମର୍ଥନ ଲୋଡ଼ିଥିବା ବେଳେ ସେ ଏଭଳି ମନ୍ତବ୍ୟ ଦେଇଛନ୍ତି। ଭାରତର ଉଗ୍ର ଗଣମାଧ୍ୟମ ଏବଂ ସେହି ପକ୍ଷରୁ ବାହାରୁଥିବା ଦାୟିତ୍ୱହୀନ ବୟାନ ଆମକୁ ଯୁଦ୍ଧ ପ୍ରସ୍ତୁତି ପାଇଁ ବାଧ କରିଛି। ଆହୁରି କିଛି ଲିକ୍ ହୋଇଥିବା ଦସ୍ତାବିଜ ଅଛି ଯେଉଁଥିରେ ପାକିସ୍ତାନର କିଛି ଅଞ୍ଚଳରେ ଆକ୍ରମଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ତେଣୁ ଏହା ଆମକୁ ଦୃଢ଼ ଅନୁଭବ କରୁଛି ଯେ ଏହା ହେବାକୁ ଯାଉଛି ଏବଂ ଏହା ନିଶ୍ଚିତ। ଭାରତ ଓ ପାକିସ୍ତାନ ପ୍ରସଙ୍ଗରେ ଆମେ ସଂଖ୍ୟାଗତ ଶକ୍ତିର ଏହି ବିତର୍କରେ ସାମିଲ ହେବାକୁ ଚାହୁଁନାହୁଁ। ଆମେ ଉଭୟ ପାରମ୍ପରିକ ଏବଂ ପରମାଣୁ ଶକ୍ତିର ସମ୍ପୂର୍ଣ୍ଣ ସ୍ପେକ୍ଟ୍ରମ୍ ବ୍ୟବହାର କରିବୁ। ଜମାଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ ପାକିସ୍ତାନର ସଶସ୍ତ୍ର ବାହିନୀ ଏହାର ଲୋକଙ୍କ ସମର୍ଥନରେ "ସମ୍ପୂର୍ଣ୍ଣ କ୍ଷମତା" ବ୍ୟବହାର କରି ପ୍ରତିଶୋଧ ➪ପୃଷ୍ଠା-୬

### ଶତ୍ରୁଙ୍କୁ ଉଚିତ ଜବାବ ଦିଆଯିବ



**ନୂଆଦିଲ୍ଲୀ:** ପହଲଗାମ୍ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ଖରାପ ହେଉଥିବା ବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ରବିବାର କହିଛନ୍ତି ଯେ ଭାରତକୁ କ୍ଷତି ପହଞ୍ଚାଇବାକୁ ଯେଉଁମାନେ ସାହସ କରୁଛନ୍ତି, ସେମାନଙ୍କୁ ଉଚିତ ଜବାବ ଦେବା ତାଙ୍କର ଦାୟିତ୍ୱ। ଦିନକୁ ଦିନ ପାକିସ୍ତାନ ସହ ଉତ୍ତେଜନା ବୃଦ୍ଧି ପାଉଥିବାରୁ ତାଙ୍କ ବୟାନ ଅଧିକ ଗୁରୁତ୍ୱବହନ କରୁଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ ଏବଂ ନିଜେ ପ୍ରତିରକ୍ଷା ମନ୍ତ୍ରୀଙ୍କ ସମେତ ଭାରତର ଶୀର୍ଷ ନେତାମାନେ ପହଲଗାମ ଆକ୍ରମଣର ଜବାବ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଯେଉଁମାନେ ଆମ ଦେଶ ଉପରେ ଆକ୍ରମଣ କରିବାକୁ ସାହସ କରୁଛନ୍ତି ସେମାନଙ୍କୁ ଉଚିତ ଜବାବ ଦେବା ମୋର ଦାୟିତ୍ୱ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଶୈଳୀ ଓ ନିଷ୍ଠାକୁ ଆପଣମାନେ ସମସ୍ତେ ଜାଣନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ସରକାରୀ ସୂତ୍ରରୁ ମିଳିଥିବା ➪ପୃଷ୍ଠା-୬

## ପ୍ରଶାସନିକ ସୀମା ପୁନର୍ଗଠନ ପାଇଁ ଜୁନ ୩୦ ଡେଡ୍‌ଲାଇନ୍

**ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରଶାସନିକ ସୀମା ପୁନର୍ଗଠନ ନେଇ ଜାରି ହୋଇଛି ଡେଡ୍‌ଲାଇନ୍। ଅର୍ଥାତ୍ ଆସନ୍ତା ଜୁନ୍ ୩୦ ତାରିଖ ମଧ୍ୟରେ ରାଜ୍ୟର ସମସ୍ତ ପ୍ରଶାସନିକ ସୀମା ପୁନର୍ଗଠନ କାର୍ଯ୍ୟ ସମାପ୍ତ ହେବ ବୋଲି ଆଜି ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଦେଶରେ ଚଳିତ ବର୍ଷ ଜନଗଣନା ହେବାକୁ ଥିବା ବେଳେ ଏହାର ପ୍ରକ୍ରିୟା ପ୍ରାୟତଃ ଜୁଲାଇ ପହିଲାରୁ ଆରମ୍ଭ ହେବ। ସେଥିପାଇଁ ଆସନ୍ତା ଜୁନ୍ ୩୦ ତାରିଖ ମଧ୍ୟରେ ସମସ୍ତ ପ୍ରଶାସନିକ କ୍ଷେତ୍ରର ସୀମା ପୁନର୍ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା, ସବ୍‌ଡିଭିଜନ, ତହସିଲ, ରାଜସ୍ୱ ଗ୍ରାମ, ୟୁଏଲ୍‌ବି ପାଇଁ ଏହି ନୋଟିସ୍ ଜାରି କରାଯାଇଛି। ସୂଚନାଯୋଗ୍ୟ ଯେ ଦେଶରେ ପ୍ରତି ୧୦ ବର୍ଷରେ ଥରେ ଜନଗଣନା ହେଉଥିବା ବେଳେ ଶେଷ ଥର ପାଇଁ ଗତ ୨୦୧୧ରେ ଏହି ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଅନ୍ତିମ ଜନଗଣନାରେ ଦେଶର ଜନସଂଖ୍ୟା ୧୨୧ କୋଟି ଥିଲା। ଏହାପରେ ଗତ ୨୦୨୧ରେ ଜନଗଣନା ହେବା କଥା। କିନ୍ତୁ କୋଭିଡ ମହାମାରୀ ଯୋଗୁଁ ଏହା ସ୍ଥଗିତ ରହିଥିଲା। ତେବେ ଚଳିତ ବର୍ଷ ଜନଗଣନା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବା ବେଳେ ସମ୍ପ୍ରତି ଦେଶର ଜନସଂଖ୍ୟା ୧୪୦ କୋଟି ଛୁଇଁସାରିଲାଣି। ସେହିପରି ଚଳିତ ବର୍ଷ ପ୍ରଥମ ଥର ପାଇଁ ଜାତିଭିତ୍ତିକ ଜନଗଣନାକୁ ମଧ୍ୟ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି।

## ମହାପ୍ରଭୁଙ୍କ ଦାରୁ ଚୋରିରେ ବିଜେଡି ହାତ

**ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ):** ଦୀଘା ଜଗନ୍ନାଥ ମନ୍ଦିର ପାଇଁ ମହାପ୍ରଭୁଙ୍କ ଦାରୁ ଚୋରିରେ ବିଜେଡିର ହାତ ଥିବା ସନ୍ଦେହ ସୃଷ୍ଟି ହୋଇଛି। ଏମିତିକି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାଇ ବୋଲି ସମ୍ବୋଧନ କରନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଆଉ ଦୀଘା ଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ପ୍ରାଣପ୍ରତିଷ୍ଠା କାର୍ଯ୍ୟରେ ମୁଖ୍ୟ ପୁରୋଧା ସାଜିଥିବା ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର ପୂର୍ବରୁ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଥିଲେ। ତେଣୁ ଭଉଣୀଙ୍କୁ ସାହାଯ୍ୟ କରିବାକୁ ରାମକୃଷ୍ଣ ମୋହରା ବନିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାମକୃଷ୍ଣ ଦାସମହାପାତ୍ର ସରକାରଙ୍କ ଅତ୍ୟନ୍ତ ଘନିଷ୍ଠ ଥିଲେ ଏବଂ ପୁରୀରେ ସେ ଥିଲେ ବିଜେଡି ପାଇଁ କ୍ରାଇସିସ ମ୍ୟାନେଜର। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପଠାରୁ ଆରମ୍ଭ କରି ପୁରୀର ବିଭିନ୍ନ କାର୍ଯ୍ୟକ୍ରମରେ ରାମକୃଷ୍ଣ ସକ୍ରିୟ ଭାବେ ବିଜେଡିର ତରଫଦାରୀ କରୁଥିଲେ। ଏପରିକି ପରିକ୍ରମା ପ୍ରକଳ୍ପକୁ ନେଇ ସୃଷ୍ଟି ହୋଇଥିବା ଜନଅସନ୍ତୋଷକୁ ଚାପିବାରେ ମଧ୍ୟ ସେ ବିଜେଡିର ହାତିବାରେସୀ ସାଜିଥିଲେ। ଯେଉଁଥିପାଇଁ ଗତବର୍ଷ ମେ' ୧୩ ତାରିଖରେ ନବୀନ ପଟ୍ଟନାୟକ ତାଙ୍କୁ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରିଥିଲେ।

ନିର୍ବାଚନ ସମୟରେ ତାଙ୍କର ଏହି ନିଯୁକ୍ତି ରାଜନୈତିକ ଦୃଷ୍ଟିକୋଣରୁ ବେଶ୍ ସମ୍ବେଦନଶୀଳ ଥିଲା। ପୁରୀରେ ବିଜେଡିର ଭୋଟ ବ୍ୟାଙ୍କ ବଢ଼ାଇବାକୁ ଏହି ଗେମ ଖେଳିଥିଲେ ନବୀନ। ➪ପୃଷ୍ଠା-୬

**ଭଉଣୀଙ୍କ ପାଇଁ ମୋହରା ସାଜିଥିଲେ କି ରାମକୃଷ୍ଣ ?**



### ରାମକୃଷ୍ଣଙ୍କୁ ଜେରା, ଆଉ ଏକ ଏତଲା

**ସପ୍ତାହକ ଭିତରେ ଉତ୍ତର ରଖିବାକୁ ନିର୍ଦ୍ଦେଶ**

**ପୁରୀ:** ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କ ପାଇଁ ଦିନକୁ ଦିନ ପରିସ୍ଥିତି ଅଧିକ ଜଟିଳ ହେଉଛି। କାରଣ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଦୀଘାରେ ପ୍ରତିଷ୍ଠା ହୋଇଥିବା ଜଗନ୍ନାଥ ମନ୍ଦିରରେ ଯୋଗଦେବା ପରେ ତାଙ୍କ ବିରୋଧରେ ଗୋଟିଏ ପରେ ଗୋଟିଏ ଏତଲା ଦାୟର୍ ହେଉଛି। କ୍ରମାଗତ ଦୁଇ ଦିନରେ ତାଙ୍କ ବିରୋଧରେ ଦୁଇଟି ଏତଲା ଦାୟର୍ ହୋଇଛି। ଆଜି ଜଗନ୍ନାଥ ସେନା ପକ୍ଷରୁ ସିଂହଦ୍ୱାର ଥାନାରେ ଏହି ଏତଲା ଦିଆଯିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସେହିପରି ଆଜି ରାମକୃଷ୍ଣଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ପଚରାଉଚରା କରିଛନ୍ତି। ➪ପୃଷ୍ଠା-୬

## ମା' ଓ ନାବାଳିକା କନ୍ୟାଙ୍କୁ ଦୁଷ୍କର୍ମ



● ଚାକର ଗିରଫ
● ଅଶ୍ଳୀଳ ଭିଡିଓ ମାଧ୍ୟମରେ କରୁଥିଲା ବ୍ଲାକ୍‌ମେଲ୍

**ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ):** ରାଜଧାନୀରେ ମା' ଓ ନାବାଳିକାଙ୍କୁ ବ୍ଲାକ୍‌ମେଲ୍ କରିବା ସହ ଉଭୟଙ୍କୁ ଦୁଷ୍କର୍ମ କରିବା ଭଳି ଏକ ସଙ୍ଗିନ ଅଭିଯୋଗ ଆସିଛି। ଏହି ମାମଲାରେ ଗତକାଲି ମାମଲା ରୁଜୁ ହୋଇଥିବା ବେଳେ ଆଜି ପୁଲିସ୍ ଉକ୍ତ ପରିବାରରେ ଚାକର ଭାବେ କାର୍ଯ୍ୟ କରୁଥିବା ଜଣେ ଯୁବକକୁ ଗିରଫ କରିଛି।

ମିଳିଥିବା ସୂଚନାନୁସାରେ, ଯାଜପୁର ଟମକା ଅନ୍ତର୍ଗତ ନିପାଣିଆ ଗ୍ରାମର ସରୋଜ କୁମାର ବେହେରା ଓରଫ୍ ରବି (୨୨) ସ୍ଥାନୀୟ ବଡ଼ଗଡ଼ ଥାନାଞ୍ଚଳରେ ରହୁଥିବା ପ୍ରଭାବିତ ପରିବାରରେ ଚାକର ଭାବେ କାର୍ଯ୍ୟ କରୁଥିଲା। ତେବେ ଘରେ କାମ କରିବା ସମୟରେ ସେ ଘରର ମାଲିକାଣୀ ଓ ତାଙ୍କ ନାବାଳିକା ଝିଅଙ୍କର କେତେକ ଅଶ୍ଳୀଳ ଫଟୋ ଓ ଭିଡିଓ ସେ ଉତ୍ତୋଳନ କରିଥିଲା। ଉକ୍ତ ଭିଡିଓ ଓ ଫଟୋ ଦେଖାଇ ସେ ପରବର୍ତ୍ତୀ ସମୟରେ ଉଭୟଙ୍କୁ ବ୍ଲାକ୍‌ମେଲ୍ କରିଥିଲା। ତା' କଥାରେ ରାଜି ନ ହେଲେ ସେ ସେମାନଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ କରିଦେବ ବୋଲି ଧମକ ଦେଇଥିଲା। ତେଣୁ ଉଭୟ ମା' ଓ ତାଙ୍କ ନାବାଳିକା କନ୍ୟା ଭୟରେ କିଛି ନ କହି ରବି କଥାନୁସାରେ କାମ କରିଥିଲେ। ଏହାର ସୁଯୋଗ ନେଇ ରବି ସେମାନଙ୍କ ସହ ଏକାଧିକ ବାର ଦୁଷ୍କର୍ମ କରିଥିଲା। ଏପରିକି ସେ ଉକ୍ତ ଫଟୋ ଓ ଭିଡିଓ ମହିଳାଙ୍କ ସ୍ୱାମୀଙ୍କୁ ମଧ୍ୟ ପଠାଇଦେଇଥିଲା। ଆହୁରି ମଧ୍ୟ ସେ ବିଭିନ୍ନ ସମୟରେ ସେମାନଙ୍କୁ ମାରଧର କରିବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିବା ➪ପୃଷ୍ଠା-୬

## ମାସକ ପରେ ମୋହନ ସରକାରଙ୍କ ବର୍ଷ ପୂର୍ତ୍ତି

**ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ):** ଆସନ୍ତା ଜୁନ ୧୨ରେ ମୋହନ ଚରଣ ମାଝୀଙ୍କ ସରକାରକୁ ବର୍ଷେ ପୂରୁଛି। ବର୍ଷ ପୂର୍ତ୍ତିରେ ରାଜ୍ୟ ସରକାର ଓ ମନ୍ତ୍ରୀମାନେ ତୃଣମୂଳ ସ୍ତରରେ ଲୋକଙ୍କୁ ଦେବେ ନିଜର ରିପୋର୍ଟ କାର୍ଡ। ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ସହ ଲୋକଙ୍କ ଆଶା ଆକାଂକ୍ଷା ପୂରଣରେ ସରକାର କେତେ ସଫଳ ହୋଇଛନ୍ତି, ତା'ର ହିସାବ ଦେବେ ସରକାର। ଏଥିପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ସେପଟେ ୨୪ ବର୍ଷ ପରେ ରାଜ୍ୟରେ ସରକାର ବଦଳାଇଥିବା ଭୋଟର୍ ବି ହିସାବ ନେବାକୁ ଅପେକ୍ଷା

- ଗ୍ରାଉଣ୍ଡରେ ଲୋକଙ୍କୁ ଦେବେ ରିପୋର୍ଟ କାର୍ଡ
- ପ୍ରସ୍ତୁତ ହେଉଛି ସଫଳତା ବିଫଳତା ତାଲିକା

କରିଛନ୍ତି। ବର୍ଷ ପୂର୍ତ୍ତି ଅବସରରେ ଲୋକଙ୍କ ପାଖରେ ରିପୋର୍ଟ କାର୍ଡ ରଖିବେ ମୁଖ୍ୟମନ୍ତ୍ରୀ। ମନ୍ତ୍ରୀ ଓ ବିଭାଗମାନଙ୍କୁ ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ସଫଳତାର ଦସ୍ତାବିଜ ପ୍ରସ୍ତୁତ କରିବାକୁ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଗ୍ରାଉଣ୍ଡ ଜିରୋକୁ ଯାଇ ରଖାଯିବ ରିପୋର୍ଟ କାର୍ଡ। କେତେ ପ୍ରତିଶ୍ରୁତି ପୂରଣ କରିଛନ୍ତି, ଆଉ କେତେ ବାକି ଅଛି, ତା'ର ହିସାବ ଦିଆଯିବ। ସରକାରଙ୍କ ସଫଳତାରେ ତାଲିକାରେ ରହିଛି ବହୁଚର୍ଚ୍ଚିତ ସୁଭଦ୍ରା, ଆୟୁଷ୍ମାନ ଭାରତ, ଧାନ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କାର ଇନପୁଟ ସବ୍‌ସିଡି, ଜଗନ୍ନାଥ ମନ୍ଦିର ପାଇଁ ୫୦୦ କୋଟିର କର୍ପସ ଫଣ୍ଡ, ରତ୍ନଭଣ୍ଡାର ଖୋଲାଯିବା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ୪ ଦ୍ୱାର ଖୋଲିବା। ➪ପୃଷ୍ଠା-୬



## ଆତ୍ମହତ୍ୟାର ସୌଦାଗରଙ୍କୁ କିଏ ଦେଉଛି ସୁରକ୍ଷା?



● ଝଡ଼ ଭଳି ତଦନ୍ତ ଆରମ୍ଭ ହୋଇ ପୁଣି ଥମିଗଲା
● ବିରୋଧୀଙ୍କ ନିରବତାକୁ ନେଇ ବି ଉଠୁଛି ପ୍ରଶ୍ନ

**ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ):** କିଟରେ ଜଣକ ପରେ ଜଣେ ଶିକ୍ଷାର୍ଥୀ ଆତ୍ମହତ୍ୟା କରିଚାଲିଛନ୍ତି। ବିଶେଷକରି ଦେଶ କିମ୍ବା ରାଜ୍ୟ ବାହାରୁ ଆସି ଏଠାରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ଜୀବନ ହାରିବା ଭଳି ଚରମ ପଦକ୍ଷେପ ନେଉଛନ୍ତି। ଯାହାଦ୍ୱାରା ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବଦନାମ ହେଉଛନ୍ତି। ହେଲେ ଏହି ଘରୋଇ ବିଶ୍ୱବିଦ୍ୟାଳୟ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ କାହିଁକି ହେଉନାହିଁ, ତାହା ଶିକ୍ଷାବିତ ଓ ବୁଦ୍ଧିଜୀବୀଙ୍କୁ ଚକିତ କରୁଛି। ପ୍ରଶ୍ନ ଉଠୁଛି କିଏ ଏହି ଆତ୍ମହତ୍ୟାର ସୌଦାଗର ସାଜିଥିବା ଶିକ୍ଷାନୁଷ୍ଠାନ ଓ ଏହାର ମୁଖ୍ୟଙ୍କୁ ସୁରକ୍ଷା ଦେଉଛି? କାହାର ଛତ୍ରଛାୟା ତଳେ ଏହାର କୁଳପତି ଏବେ ବି ଛାତି ଫୁଲେଇ ଚାଲୁଛନ୍ତି?

ଗତ ଫେବୃଆରୀରେ ହୋଇଥିବା ନେପାଳୀ ଛାତ୍ରୀ ଆତ୍ମହତ୍ୟା ଘଟଣା ପରେ ରାଜ୍ୟରେ ତୁମ୍ବିତୋଫାନ ହୋଇଥିଲା। ଆଞ୍ଚଳିକ, ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ଗଣମାଧ୍ୟମରେ ମଧ୍ୟ ଏହାକୁ ନେଇ ଘନଘନ ଖବର ପ୍ରସାରିତ ହେଉଥିଲା। ଯାହାକୁ ନେଇ ରାଜ୍ୟ ସରକାର ଏକ କମିଟି ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। କିନ୍ତୁ ତଦନ୍ତରୁ ଆତ୍ମହତ୍ୟାର କାରଣ ସାର୍ବଜନୀନ ହେଲା ନା ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। କେବଳ ଅଦିନିଆ ଝଡ଼ ଭଳି ଘଟଣା ଓ ତାକୁ ନେଇ ପ୍ରତିକ୍ରିୟା ସାମୟିକ ଭାବେ କିଛି ହଲଚଲ କରି ପୁଣି ଥରେ ସବୁକିଛି ଥମିଗଲା। ସବୁଠାରୁ ଉଦବେଗର କଥା ହେଉଛି ଯେ ବିରୋଧୀ ଦଳଗୁଡ଼ିକ ମଧ୍ୟ ଏଭଳି ସ୍ପର୍ଶକାତର ଘଟଣାଗୁଡ଼ିକୁ ନେଇ ଅସମ୍ଭବ ନୀରବତା ଅବଲମ୍ବନ କରୁଛନ୍ତି। ରାଜ୍ୟର ପ୍ରମୁଖ ବିରୋଧୀ ଦଳର ନେତାଙ୍କ ଭିତରେ ବି କିଟ ବିରୋଧରେ କହିବାକୁ ଦ୍ୱିମତ ରହିଛି। ଅଭିଯୋଗ ହେଉଛି, କିଛି ନେତା କିଟ ଦ୍ୱାରା ପୂର୍ବରୁ ଏତେମାତ୍ରାରେ ଅନୁଗୃହୀତ ହୋଇଛନ୍ତି ଯେ ସେମାନେ ମୁହଁ ଖୋଲିବାକୁ ନାରାଜ। ମୁଖିଆ ବି ମୁହଁ ଖୋଲୁନଥିବାରୁ ଯେଉଁମାନେ ବେଳେବେଳେ କିଛି କହୁଛନ୍ତି, ତା' ବି ସାପ ମରିବନି କି ବାଡି ଭାଙ୍ଗିବନି ପରି ପରିସ୍ଥିତି ସୃଷ୍ଟି କରୁଛି। ଯଦିଓ ଅଚ୍ୟୁତ ସାମନ୍ତ ୨୦୨୪ ନିର୍ବାଚନ ଫଳାଫଳ ଘୋଷଣା ହେବା ମାତ୍ରେ ବିଜେଡିରୁ ଇସ୍ତଫା ଦେଇଥିଲେ, ତଥାପି ବିଜେଡି ମୁଖିଆଙ୍କର ତାଙ୍କ ପ୍ରତି ମୋହବତ ଏବେ ବି ତୁଟିଥିବା ପରି ଲାଗୁନାହିଁ।

ନେପାଳ ହାଇକମିଶନଙ୍କଠାରୁ ଆରମ୍ଭ କରି ଜାତୀୟ ମାନବାଧିକାର କମିଶନ ମଧ୍ୟ ଏହିସବୁ ଘଟଣାରେ ଉଦବେଗ ପ୍ରକାଶ କରିସାରିଲେଣି। ଏନଏଚଆରସି ତ ୟୁଜିସି ଦ୍ୱାରା ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି। ହେଲେ ରାଜ୍ୟ ସରକାର କିଟ ବିରୋଧରେ କାହିଁକି ନିଜ କ୍ଷମତାର ବ୍ୟବହାର କରୁନାହାଁନ୍ତି, ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



### କାନ ଡେରିଥା

ବିମାନ ସେବାର ସୁଫଳ ଏଥର
ପାଇବେ ସାଧାରଣ ଲୋକ
ବିମାନବନ୍ଦର ହେଲାପରେ ଜମି
ହରାମାନେ
ସହିବେକି କେବେ ଭୋକ
ଓଡ଼ିଶାବାସୀଙ୍କୁ ପାରାଦୀପରେ
ମୋହନ ଦେଇଛି ଡାକ!

■ ଦେବାଶିଷ

## ରୁବେନ ରିବନ୍ | ଓଡ଼ିଶା ପାଇଁ ଗର୍ଜନ, ବଙ୍ଗଳା ପାଇଁ ତୁଣ୍ଡି

**ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ):** ସରଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିଶାଣ କରି ରାଜ୍ୟର ବିଜେପି ସରକାରକୁ ବଦନାମ ପାଇଁ ଅଭିଯାନ ଆରମ୍ଭ କରିଥିବା ସାମ୍ବାଦିକ ରୁବେନ ବାନାର୍ଜୀଙ୍କ ପାରିବାପଣିଆ ଉପରେ ଏବେ ଅନେକ ପ୍ରଶ୍ନ। ଓଡ଼ିଶା ପ୍ରସଙ୍ଗରେ ଗଳାଫଟାଇ ଚିତ୍କାର କରୁଥିବା ରୁବେନ ପଶ୍ଚିମବଙ୍ଗ ପ୍ରସଙ୍ଗରେ କାହିଁକି ପାଟି ଖୋଲୁନାହାନ୍ତି, ତାହାକୁ ନେଇ ଚର୍ଚ୍ଚା। ନିଜ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଡରି ରୁବେନ ପଶ୍ଚିମବଙ୍ଗ ପ୍ରସଙ୍ଗରେ ନିରବ ରହୁଛନ୍ତି ନା ଏହା ପଛର କାରଣ ଅନ୍ୟକିଛି, ତାହାକୁ ନେଇ ଆଲୋଚନା ଆରମ୍ଭ ହୋଇଛି।

ରୁବେନ କିଛିଦିନ ହେଲା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ନିଶାଣ କରିଆସୁଛନ୍ତି। ଜଣେ ସରଳ ଆଦିବାସୀ ନେତା ହୋଇଥିବାରୁ ରୁବେନଙ୍କ ମନ୍ତବ୍ୟ ଉପରେ ଶ୍ରୀ ମାଝୀ ସେଭଳି ପ୍ରତିକ୍ରିୟା ପ୍ରକାଶ କରୁନାହାନ୍ତି। କିନ୍ତୁ ନିଜ କାମରେ ମନୋନିବେଶ କରିଥିବା ମୋହନଙ୍କୁ ନିଶାଣ କରି ରୁବେନ ଯେଭଳି ଆଚରଣ କରୁଛନ୍ତି, ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଓଡ଼ିଶାର ନେତାଙ୍କ ପ୍ରସଙ୍ଗରେ ଗଳା ଫଟାଇ ଚିତ୍କାର କରୁଥିବା ରୁବେନ ଜଣେ ବଙ୍ଗାଳି ଭାବେ କାହିଁକି ପଶ୍ଚିମବଙ୍ଗ ବିବାଦ ସଂକ୍ରାନ୍ତରେ ଭିଡିଓଟିଏ ଛାଡୁନାହାନ୍ତି ବୋଲି ଅନେକେ ପ୍ରଶ୍ନ କରୁଛନ୍ତି।

ପଶ୍ଚିମବଙ୍ଗରେ ଶିକ୍ଷକ ନିଯୁକ୍ତି ଦୁର୍ନୀତିଠାରୁ ଆରମ୍ଭ କରି ୱାକଫ୍ ନିଆଁ ଜୋର ଧରିଛି। ଅଦାଲତ ମଧ୍ୟ ପଶ୍ଚିମବଙ୍ଗ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ କଟୁ ସମାଲୋଚନା କରୁଛନ୍ତି। ହେଲେ ରୁବେନଙ୍କ ପାଟିରେ ସେହି ପ୍ରସଙ୍ଗଗୁଡ଼ିକ ପଶୁନାହିଁ। ଏନେଇ ତାଙ୍କର ଗୋଟିଏ ଭିଡିଓ ବି ନାହିଁ। ନିକଟରେ ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ ନୂଆ ବିବାଦ ମୁଣ୍ଡି ଟେକିଥିବା ବେଳେ ଏହି ପ୍ରସଙ୍ଗରେ ବି ରୁବେନ ପୂରାପୂରି ନିରବ।

ତେବେ ରୁବେନଙ୍କ ଭିଡିଓକୁ ନେଇ ଏତେ ଚର୍ଚ୍ଚା ଚାଲିଥିବା ବେଳେ ଅନେକ ରୁବେନଙ୍କ ଓଡ଼ିଶା ସମ୍ପର୍କ ଜାଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଯାହା ସୂଚନା ମିଳିଛି, ଗୋଟିଏ ଜାତୀୟ ଇଂରାଜୀ ଖବରକାଗଜର ଓଡ଼ିଶା ପ୍ରତିନିଧି ଭାବେ ରୁବେନ ଓଡ଼ିଶାରେ ପ୍ରବେଶ କରିଥିଲେ। ସେତେବେଳେ ରାଜ୍ୟରେ କଂଗ୍ରେସ ଶାସନ ଥିଲା। ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରେ ଉକ୍ତ ଇଂରାଜୀକାଗଜରେ ସେଭଳି କୌଣସି ସରକାରୀ ବିରୋଧୀ ଖବର ପ୍ରକାଶ ପାଉନଥିଲା। ଯଦିଓ ରୁବେନଙ୍କ ପୂର୍ବରୁ ଥିବା ପ୍ରତିନିଧିମାନେ ବିଭିନ୍ନ ପ୍ରସଙ୍ଗରେ ଓଡ଼ିଶା ସରକାରଙ୍କୁ କଡ଼ା ସମାଲୋଚନା କରିବାକୁ ପଛାଉନଥିଲେ, କିନ୍ତୁ ରୁବେନ ଆସିବା ପରେ ସେଭଳି ଲେଖାରେ ବ୍ରେକ୍ ଲାଗିଥିଲା।

ଏହାପରେ ରୁବେନ ଅନ୍ୟ ଏକ ଇଂରାଜୀ ସମ୍ବାଦ ଗ୍ରୁପ୍‌ର ଓଡ଼ିଶା ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ସେତେବେଳେ ଓଡ଼ିଶାରେ ବିଜେଡି ସରକାର ଶାସନ କରୁଥାଏ। ସେହି ଇଂରାଜୀ ଗ୍ରୁପ୍ ଜରିଆରେ ଓଡ଼ିଶା ସରକାରଙ୍କୁ ବ୍ୟାପକ ପୁରସ୍କାର ଦେବା ଓ ମୁଖ୍ୟମନ୍ତ୍ରୀଙ୍କୁ ଏକ ନମ୍ବର କରିବାରେ ରୁବେନଙ୍କର ବଡ଼ ଭୂମିକା ଥିବା କୁହାଯାଏ। ରୁବେନ ଓଡ଼ିଶା ଛାଡ଼ିବା ପରେ ବି ବିଜେଡି ଓ ନବୀନଙ୍କ ସମ୍ପର୍କରେ ଥିଲେ। ଶେଷରେ ନବୀନଙ୍କ ଜୀବନୀକୁ ନେଇ ପୁସ୍ତକଟିଏ ଲେଖି ପୁଣିଥରେ ଓଡ଼ିଶା ଲୋକଙ୍କ ନଜରକୁ ଆସିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ପୁସ୍ତକରେ ସେ ପାଣ୍ଡିଆନ ଓ ବିଜେଡି ବିରୁଦ୍ଧରେ ଲେଖା ଭର୍ତ୍ତି କରିଥିଲେ। ଯେଉଁ ବହିରେ ନବୀନଙ୍କ ପ୍ରଶଂସାରେ ରୁବେନ ଶତମୁଖ ହୋଇଥିଲେ, ସେହି ବହିରେ ବିଜେଡି ଓ ପାଣ୍ଡିଆନଙ୍କୁ ସମାଲୋଚନା କରିବାକୁ ପଛାଇନଥିଲେ। ଏହାପରେ ରୁବେନ ଧର୍ମେନ୍ଦ୍ରଙ୍କ ଉପରେ ଭିଡିଓଟିଏ ପ୍ରସ୍ତୁତ କରିଥିଲେ।

ଓଡ଼ିଶା ସହ ସମ୍ପର୍କରେ ଥିବା ରୁବେନ ହଠାତ୍ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା ଆରମ୍ଭ କରିଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କ'ଣ ଖାଉଛନ୍ତି, କେଉଁଠି ରହୁଛନ୍ତି ତାହାର ଅତିରଞ୍ଜିନ ଧାରା ବିବରଣୀ ପ୍ରଦାନ କରୁଛନ୍ତି ସେ। ବିଜେଡି ସାଇବର ସେଲ୍ ସହାୟତାରେ ଏହାକୁ ଜୋରଦାର ମାର୍କେଟିଂ କରାଉଛନ୍ତି। ତେବେ ନିଜ ରାଜ୍ୟ ପଶ୍ଚିମବଙ୍ଗର ବିଭିନ୍ନ ପ୍ରସଙ୍ଗରେ ରୁବେନଙ୍କ ମୁହଁରେ କାହିଁକି ତାଲା ପଡ଼ିଛି, ତାହା ଏବେ ଓଡ଼ିଶାରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି।



### ଦୀଘା ଜଗନ୍ନାଥ ମନ୍ଦିର ବିବାଦ

# ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ଲେଖିବୁ: ଆଇନ ମନ୍ତ୍ରୀ



**ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ):** କାହିଁକି ଦୀଘାରେ ନବନିର୍ମିତ ମନ୍ଦିରକୁ 'ଜଗନ୍ନାଥ ଧାମ' ନାମକରଣ କରାଯାଇଛି, ଏହାକୁ ଯଥା ଶୀଘ୍ର ହଟାଇବାକୁ ଓଡ଼ିଶା ସରକାର ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ଲେଖିବେ। ଏନେଇ ଆଜି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଓଡ଼ିଶାର ପୁରୀ ସହର ପାରମ୍ପରିକ ଭାବରେ ଜଗନ୍ନାଥ ଧାମ ଭାବରେ ଜଣାଶୁଣା। ଦେଶର ଚାରିଧାମ ମଧ୍ୟରୁ ଏହା ଗୋଟିଏ। ଅନ୍ୟ କୌଣସି ସ୍ଥାନ କିମ୍ବା ମନ୍ଦିରକୁ ଜଗନ୍ନାଥ ଧାମ ଭାବରେ ନାମିତ କରାଯାଇପାରିବ ନାହିଁ। ଆମେ ଏହି ପ୍ରସଙ୍ଗରେ ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ଲେଖିବୁ। ଏଥିସହ ଏହି ପ୍ରସଙ୍ଗରେ ଆବଶ୍ୟକ ପଡ଼ିଲେ ରାଜ୍ୟ ସରକାର ଆଇନଗତ ଆଶ୍ରୟ ନେବେ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ସହ ବିଚାର ଆଲୋଚନା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ସୂଚନାଯୋଗ୍ୟ ଯେ ପଶ୍ଚିମବଙ୍ଗର ଦୀଘାରେ ନବନିର୍ମିତ ଜଗନ୍ନାଥ ମନ୍ଦିରକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଧୀରେ ଧୀରେ ଜଟିଳ ହେଉଛି। ପୁରୀ ଜଗନ୍ନାଥ ମନ୍ଦିରର କେତେକ ପ୍ରମୁଖ ସେବାୟତ ଦୀଘା ମନ୍ଦିରର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବା ସହ ପୁରୀରୁ ଦାରୁ ଦୀଘା ମନ୍ଦିରକୁ ଯାଇଥିବା ଚର୍ଚ୍ଚା ହେଉଛି। ଏହାକୁ ନେଇ ଏବେ ଶ୍ରୀମନ୍ଦିର ପ୍ରଶାସନ ତନାଘନା ଚଳାଇଥିବା ବେଳେ ରାଜ୍ୟ ସରକାର ମଧ୍ୟ ପରିସ୍ଥିତି ଉପରେ ନଜର ରଖିଛନ୍ତି। ପୁରୀ ଜଗନ୍ନାଥ ମନ୍ଦିରର ବରିଷ୍ଠ ଦଇତାପତି ସେବକ ରାମକୃଷ୍ଣ ଦାସମହାପାତ୍ର ପଶ୍ଚିମବଙ୍ଗର କିଛି ଗଣମାଧ୍ୟମ ଚ୍ୟାନେଲକୁ, ଦ୍ୱାଦଶ ଶତାବ୍ଦୀର ମନ୍ଦିରରେ ୨୦୧୫ ନବକଳେବର ରୀତିନୀତିରୁ ଅତିରିକ୍ତ ନିମ କାଠ ମୂର୍ତ୍ତି ନିର୍ମାଣ ପାଇଁ ଦୀଘା ନିଆଯାଇଥିଲା ବୋଲି କହିଛନ୍ତି। ଏଥିସହିତ ଦାସମହାପାତ୍ରଙ୍କ ସମେତ ପୁରୀ ଜଗନ୍ନାଥ ମନ୍ଦିରର କିଛି ସେବକ ସମ୍ପ୍ରତି ଦୀଘା ମନ୍ଦିର ଉଦଘାଟନରେ ଯୋଗ ଦେଇଥିଲେ। ଅବଶ୍ୟ ଦାସମହାପାତ୍ର ପରେ ସେ କୌଣସି ଚ୍ୟାନେଲ୍‌କୁ କିଛି ସୂଚନା ଦେଇନଥିବା କହିଥିଲେ। ତେଣୁ ସମଗ୍ର ଘଟଣାର ତଦନ୍ତ ପାଇଁ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ୱେଭ୍‌ସରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ପାରମ୍ପରିକ କ୍ରୀଡ଼ାକୁ ଅନ୍ତର୍ଜାତୀୟ ପରିଚୟ ମିଳୁ

**ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ):** ମୁମ୍ବାଇଠାରେ ଚାଲିଥିବା ୱାର୍ଲ୍ଡ ଅଡିଓ ଭିଜୁଆଲ୍ ଏଣ୍ଡ୍ ଏଣ୍ଟରଟେନ୍‌ମେଣ୍ଟ୍ ସମ୍ମିଟ୍ (ୱେଭ୍‌ସ)-୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବା ସହ ସ୍ୱଦେଶୀ ବା ପାରମ୍ପରିକ କ୍ରୀଡ଼ାକୁ ଅନ୍ତର୍ଜାତୀୟ ପରିଚିତି ମିଳିବାର ଆବଶ୍ୟକତା ରହିଛି ବୋଲି ମତ ପୋଷଣ କରିଛନ୍ତି।

### ନିବେଶ ନେଇ ଏକାଧିକ କମ୍ପାନୀ ସହ କଲେ ଆଲୋଚନା




ଜିଓ ୱାର୍ଲ୍ଡ ସେଣ୍ଟର୍‌ଠାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ 'ସ୍ୱଦେଶୀ କ୍ରୀଡ଼ା-ଭାରତରୁ ଅନ୍ତର୍ଜାତୀୟ ମଞ୍ଚ ପର୍ଯ୍ୟନ୍ତ' ଶୀର୍ଷକ ଏକ ଅଧିବେଶରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ ପାରମ୍ପରିକ କ୍ରୀଡ଼ାର ସାଂସ୍କୃତିକ ଓ ସାମାଜିକ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦୁଝର ପରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବଢ଼ିଥିବାରୁ ମୁଖ୍ୟମନ୍ତ୍ରୀ ହାସଲ କରିଥିବା ପାରମ୍ପରିକ କ୍ରୀଡ଼ା ସଂକ୍ରାନ୍ତ ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରିଥିଲେ। କବାଡି ଓ ଖୋ ଖୋ ପରି କ୍ରୀଡ଼ାରେ ଆଦିବାସୀ ସଂସ୍କୃତିର ଝଲକ ସହ ଖେଳାଳିଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ ମଧ୍ୟ ଦେଖିବାକୁ ମିଳିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ରାଜ୍ୟରେ ପାରମ୍ପରିକ କ୍ରୀଡ଼ାର ବିକାଶ ପାଇଁ ସରକାର ନେଇଥିବା ବ୍ୟାପକ ପଦକ୍ଷେପ ସମ୍ପର୍କରେ ସେ ଉଲ୍ଲେଖ କରି କହିଥିଲେ ଯେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସହଯୋଗରେ ପ୍ରଥମ ରାଜ୍ୟ ଭାବେ ଖୋ ଖୋ ଖେଳାଳିଙ୍କ ବିକାଶ ପାଇଁ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିଛି। ଏହାର ଫାଇଦା ୨୦୨୨ରେ 'ଅଲ୍‌ଟିମେଟ୍ ଖୋ ଖୋ'ରେ ମିଳିସାରିଛି। ଏହି ସଂସ୍କରଣରେ ଓଡ଼ିଶା ଜଗରନଟ୍ସ ଚାମ୍ପିଅନ୍ ହେବା ଫଳରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ସଫଳ ହୋଇଛି। ପାରମ୍ପରିକ କ୍ରୀଡ଼ାର ବିକାଶ ଦିଗରେ ରାଜ୍ୟ ସରକାର ଆଗାମୀ ଦିନରେ ମଧ୍ୟ ଅନେକ କିଛି ପଦକ୍ଷେପ ନେବେ, ଯେଉଁଥିରେ କେନ୍ଦ୍ର ସରକାରଙ୍କ ଶତପ୍ରତିଶତ ସହଯୋଗ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଅସ୍ମିତା ସମ୍ପର୍କରେ ମତ ଦେବାକୁ ଯାଇ କ୍ରୀଡ଼ାରେ ସଂସ୍କୃତି ଅଛି ଓ ସଂସ୍କୃତିରେ ଅସ୍ମିତା ଅଛି ବୋଲି କହିଥିଲେ। ସେହିପରି ଏହି ଅଧିବେଶନରେ ଆଗାମୀ ଦିନରେ ପାରମ୍ପରିକ କ୍ରୀଡ଼ାରେ ଭାରତ କିପରି ଅଲିମ୍ପିକ୍ସ ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ ଈପ୍ସିତ ସଫଳତା ପାଇପାରିବ, ସେ ନେଇ ମଧ୍ୟ ବ୍ୟାପକ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ପ୍ରୋ କବାଡି ଲିଗ୍ କମିଶନର୍ ଅନୁପକମ ଗୋସ୍ୱାମୀ, କବାଡ଼ି କିମ୍ବଦନ୍ତୀ ଫଜେଲ୍ ଅତ୍ରାଚଲି ଓ ପାରମ୍ପରିକ କ୍ରୀଡ଼ାର ବିକାଶ ପାଇଁ କାର୍ଯ୍ୟ କରୁଥିବା ସୁଧାଂଶୁ ମିତ୍ତଲ ମଧ୍ୟ ଯୋଗଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ପୁଞ୍ଜି ନିବେଶ ସଂକ୍ରାନ୍ତରେ ଏକାଧିକ କମ୍ପାନୀ ମୁଖ୍ୟ ଓ ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଏଥିରେ ଜୈନ୍ ଇରିଗେସନ୍ ଲିମିଟେଡ୍ ଓ ଜେଏସ୍‌କେ ଆଲୁମିନିୟମ୍ ଇଣ୍ଡଷ୍ଟ୍ରିଜ୍, ଗୁଗଲ୍ ଇଙ୍କ୍ ଓ କାନାରିଜ୍ ଅଟୋମେସନ୍ ପ୍ରାଇଭେଟ୍ ଲିମିଟେଡ୍, ମହାରାଷ୍ଟ୍ରର ସିଏଏସ୍‌ଏମ୍‌ଇ ଆଦି କମ୍ପାନୀ ସାମିଲ୍ ଥିଲେ। ଏଥିସହ ବିଶ୍ୱର ପ୍ରମୁଖ କମ୍ପାନୀମାନଙ୍କୁ ଓଡ଼ିଶାରେ ନିବେଶ କରିବା ସକାଶେ ବର୍ତ୍ତମାନ ହିଁ ପ୍ରକୃତ ସମୟ ବୋଲି ମୁଖ୍ୟମନ୍ତ୍ରୀ ଏକ ବାର୍ତ୍ତା ଦେଇଥିଲେ।

## ସ୍ୱାସ୍ଥ୍ୟ ସେବା ଶିବିର ଉଦ୍‌ଘାଟନ କଲେ ସାଂସଦ ଅପରାଜିତା



**ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ):** ଆରୋହଣ ଟ୍ରଷ୍ଟ ପକ୍ଷରୁ ଏବଂ ଶହୀଦ ଭଗତ ସିଂହ ଯୁବ ପରିଷଦ, ଜୀବନ ଜାଗୃତି ୱେଲଫେୟାର ଟ୍ରଷ୍ଟ ଓ ମଣିପାଲ ହସ୍ପିଟାଲ ସହଯୋଗରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ଉପସଭାପତି ଗୋଲଖ ମହାପାତ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ନିଃଶୁଳ୍କ ଦନ୍ତ ଚିକିତ୍ସା, ଚକ୍ଷୁସେବା, ଫିଜିଓଥେରାପି, ରକ୍ତ ପରୀକ୍ଷା ଓ ବ୍ଲଡ୍ ପ୍ରେସର ଆଦି ଯାଞ୍ଚ କରାଯାଇଥିଲା। ଏହି ଅବସରରେ ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ ଯେ ସ୍ୱାସ୍ଥ୍ୟ ସେବା ଏକ ସଶକ୍ତ ସମାଜର ମୌଳିକ ଆଧାର ହୋଇଥିବାରୁ ଆରୋହଣ ଟ୍ରଷ୍ଟ ଓ ସହଯୋଗୀ ସଂସ୍ଥାଙ୍କ ପ୍ରୟାସ ପ୍ରଶଂସନୀୟ। ଏପରି ଉଦ୍ୟମ ସମାଜ ଓ ଜନସାଧାରଣଙ୍କ ଜୀବନରେ ବାସ୍ତବିକ ପରିବର୍ତ୍ତନ ଆଣିଥାଏ ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ। ଏଥିସହ ସେ ଶହୀଦ ଭଗତ ସିଂହ ଯୁବ ପରିଷଦର ସଦସ୍ୟମାନଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସ ପାଇଁ ସେମାନଙ୍କୁ ବିଶେଷ ଧନ୍ୟବାଦ ଜଣାଇଥିଲେ। ଆଗାମୀ ଦିନରେ ମଧ୍ୟ ଏହିପରି ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ ନେଇ ସାଂସଦ ଆଶା ପ୍ରକାଶ କରିଥିଲେ।

● ଶ୍ରମିକ ଦିବସରେ ମଟର ସାଇକେଲ୍ ର୍‍ୟାଲି

## ଏକଜୁଟ ହେବାକୁ ଆହ୍ୱାନ ଦେଲେ ପ୍ରଫୁଲ୍ଲ



**କାଳିଆପାଣି,୪।୫(ସଂଚାର ବ୍ୟୁରୋ):** ସୁକିନ୍ଦା କ୍ରୋମାଇଟ ଖଣି ଅଞ୍ଚଳର ଶ୍ରମିକ ସଂଘ ସୁକିନ୍ଦା ରିଜିଅନ କ୍ରୋମାଇଟ ଖାଦାନ ମଜଦୁର ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ଅବସରରେ ଏକ ମୋଟର ସାଇକେଲ ର୍‍ୟାଲି ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଂଘର ପ୍ରତିଷ୍ଠାତା ତଥା ପୂର୍ବତନ ମନ୍ତ୍ରୀ ଡଃ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇଙ୍କୁ ସଦସ୍ୟମାନେ କଲରଙ୍ଗୀ ଛକରୁ କାଳିଆପାଣି ହନୁମାନ ବଜାରସ୍ଥିତ ସଂଘର କେନ୍ଦ୍ରୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ଡଃ. ଘଡାଇ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପୂର୍ବରୁ ସୁକିନ୍ଦା ଖଣି ଅଞ୍ଚଳକୁ ବାହାର ଅଞ୍ଚଳର ଲୋକେ କବ୍‌ଜା କରି ରଖିଥିଲେ। କିନ୍ତୁ ଗତ ୧୯୭୮-୭୯ରେ ସୁକିନ୍ଦା ରିଜିଅନ କ୍ରୋମାଇଟ ଖାଦାନ ମଜଦୁର ସଂଘ ଜନ୍ମ ନେଇ ପ୍ରଥମେ ବାହାର ଲୋକଙ୍କୁ ହଟାଇ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫ ହଜାର ଲୋକଙ୍କୁ କର୍ମନିଯୁକ୍ତି ଦେଇଥିଲା। ଶ୍ରମିକମାନେ ହିଁ ସୁକିନ୍ଦାକୁ ନୂଆ ପରିଚୟ ଦେବା ସହ ସମୃଦ୍ଧି ଆଣିଛନ୍ତି। ଶ୍ରମିକମାନେ ଏକଜୁଟ ହେଲେ ହିଁ କମ୍ପାନୀମାନଙ୍କଠାରୁ ନ୍ୟାଯ୍ୟ ଦାବି ହାସଲ କରିପାରିବେ। ତେଣୁ ଶ୍ରମିକମାନେ ଭାଗ ଭାଗ ନହୋଇ ଏକତାବଦ୍ଧ ହେବାକୁ ଡଃ. ଘଡାଇ ଆହ୍ୱାନ ଦେଇଥିଲେ। ଉପସଭାପତି ପ୍ରଭାତ ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସମାଜସେବୀ ତଥା ଶ୍ରମିକ ନେତା ମାନସ ଜେନା, ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ଉପସଭାପତି ନାରାୟଣ ଚନ୍ଦ୍ର ଧୀର, ନିମଳେନ୍ଦୁ ବେହୁରା, ଆଶିଷ କୁମାର ଜେନା, ବିଶ୍ୱଜିତ ମହାନ୍ତି, ବୈକୁଣ୍ଠ ମହାନ୍ତ, ନରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଦସ୍ୟା ଜେମା ଚାଖି, ଅଜୟ ନାଏକ, ବ୍ଲକ ବିଜେଡି ସଭାପତି ବିବେକାନନ୍ଦ ବୋଷ, ଲକ୍ଷ୍ମୀଧର ବେହୁରା, ସନ୍ତୋଷ ମିଶ୍ର, ବ୍ରଜବନ୍ଧୁ ବାରିକ, ଜୟନ୍ତ କୁମାର ରାଉତ, ସରପଞ୍ଚ ବିକାଶ କୁମାର ପାତ୍ର, ସଞ୍ଜୟ ପରିଡ଼ା, ରାଜାରାଣୀ ଦେହୁରୀ, ଅଞ୍ଜଳି ଦେହୁରୀ, କନକଲତା ସର୍ଦ୍ଦାର, ସମିତି ସଭ୍ୟ ସାଲୁକା ହନହଗା ଓ ସମ୍ବରା ମୁଣ୍ଡା ଯୋଗଦେଇଥିଲେ।

## ଜୟ ଓଡ଼ିଶା ପକ୍ଷରୁ ରକ୍ତଦାନ ଶିବିର




**ଭୁବନେଶ୍ୱର, ୪।୫ (ସଂଚାର ବ୍ୟୁରୋ) :** ମାନବିକ ମୂଲ୍ୟବୋଧକୁ ସମ୍ମାନ ଦେଉଥିବା, ଜୟ ଓଡ଼ିଶା ତାର ରକ୍ତଦାନ ଉଦ୍ୟମ ଅଧୀନରେ ୧୦୦ ଟି ସଂସ୍ଥାଙ୍କ ସହ ଜଡ଼ିତ ହୋଇ ରକ୍ତଦାନ ଶିବିର କରିବାର ପ୍ରୟାସ ରେ ଆଜି ଚଳିତ ବର୍ଷର ଦ୍ୱିତୀୟ ରକ୍ତଦାନ ଶିବିର ଡି.ସି.ସି କ୍ଲବ୍ ସଫଳତାର ସହିତ ଭୁବନେଶ୍ୱର ସ୍ଥିତ ରେଡକ୍ରସ ଭବନରେ ଆୟୋଜନ କରିଥିଲା। ଡି.ସି.ସି କ୍ଲବ୍ ର ସଦସ୍ୟ ବିକ୍ରମ ଦାସ(ବିକୁନ୍)ଙ୍କର ଜନ୍ମଦିନ ଉପଲକ୍ଷେ ଏହି ରକ୍ତ ଦାନ ଶିବିର ର ଆୟୋଜନ ହୋଇଥିଲା। ଅନେକ ଜଣ ସ୍ୱଇଚ୍ଛାରେ ରକ୍ତ ଦାନ କରି ସାମାଜିକ ଦାୟିତ୍ୱର ସଚେତନା ସୃଷ୍ଟି କରିଥିଲେ। ଏହିପରି ଭାବରେ ସମସ୍ତ ସଂସ୍ଥାଙ୍କ ମିଳିତ ସହଯୋଗ ରେ ଆମେ ରକ୍ତଦାନ ଶିବିରର ଆୟୋଜନ କଲେ ଏହି ଗ୍ରୀଷ୍ମ ଋତୁରେ ରକ୍ତର ଅଭାବକୁ ଦୂର କରିବାରେ ସାହାଯ୍ୟ କରିପାରିବା। ଏହି ଅବସରରେ ଜୟ ଓଡ଼ିଶାର ସଂସ୍ଥାପକ ଓ ଅଧ୍ୟକ୍ଷ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି; ଜୟ ଓଡ଼ିଶା ପକ୍ଷରୁ ଆମେ ପୂର୍ବରୁ ଯେପରି ରକ୍ତଦାନ ଶିବିର ଆୟୋଜନ କରୁଥିଲୁ, ସେପରି ଭବିଷ୍ୟତ ରେ ମଧ୍ୟ ରକ୍ତଦାନ ଉଦ୍ୟମ ଅଧୀନରେ ଏହି ପବିତ୍ର ଅଭିଯାନକୁ ଜାରି ରଖିବୁ। ଏହି ରକ୍ତଦାନ ଶିବିର ନିଜର ଜନ୍ମଦିନ, ଶୁଭ ଦିନ କିମ୍ବା ପୂଣ୍ୟ ପର୍ବରେ ଆୟୋଜନ ମଧ୍ୟ କରିପାରିବେ।

## ଗାଡ଼ି ଚୋରି ଅଭିଯୋଗରେ ସିକ୍ୟୁରିଟି ଗାର୍ଡ ଗିରଫ

**ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ):** ଗାଡ଼ି ଚୋରି ଅଭିଯୋଗରେ ଆଜି ମଞ୍ଚେଶ୍ୱର ପୁଲିସ୍ ଜନୈକ ସିକ୍ୟୁରିଟି ଗାର୍ଡକୁ ଗିରଫ କରିଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ 'ୱାର୍ଲ୍ଡ ଅଫ୍ ପେଟ୍'ର ପ୍ରୋପ୍ରାଇଟର୍ ସଞ୍ଜୟ ସେନାପତିଙ୍କ ଅଭିଯୋଗ କ୍ରମେ ଯାଜପୁର ମଙ୍ଗଳପୁର ଥାନା ଅନ୍ତର୍ଗତ ବିରିପଟା ସାମଲ ସାହିର ପ୍ରକାଶ ସାମଲ (୪୦) ଓରଫ୍ ମୁନୁକୁ ଗିରଫ କରାଯାଇଛି। ସେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ସାଇ ସିକ୍ୟୁରିଟି ସର୍ଭିସ୍‌ରେ କାର୍ଯ୍ୟ କରୁଥିବା ବେଳେ ୱାର୍ଲ୍ଡ ଅଫ୍ ପେଟ୍‌ରେ ଡ୍ୟୁଟି କରୁଥିଲା। ତେବେ ଗତ ମାସ ୧୩ ତାରିଖରେ ସେ ଶ୍ରୀ ସେନାପତିଙ୍କଠାରୁ ଚାବି ନେଇ ଏକ ଟିଭିଏସ୍ ଏକ୍ସଏଲ୍ ଲୁନା ନେଇ କୁଆଡ଼େ ଫେରାର୍ ହୋଇଯାଇଥିଲା। ଶ୍ରୀ ସେନାପତି ବିଭିନ୍ନ ସ୍ଥାନରେ ତାକୁ ଖୋଜିଥିଲେ ମଧ୍ୟ କୌଣସି ସୂଚନା ନ ପାଇ ଶେଷରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ୍ ୧୯୭/୨୫ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ତେବେ ଆଜି ପୁଲିସ୍ ରେଲୱେ ଷ୍ଟାଡିୟମ୍ ନିକଟରେ ଚଢ଼ାଉ କରି ପ୍ରକାଶକୁ ଗିରଫ କରିବା ସହ ତା'ଠାରୁ ଚୋରି ଯାଇଥିବା ଗାଡ଼ିକୁ ଜବତ କରିଛି। ଗିରଫ ପରେ ପ୍ରକାଶକୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।



କେନ୍ଦ୍ରୀୟ ବିଦ୍ୟାଳୟରେ ନିଟ୍ ପରୀକ୍ଷାଦେଇ ଫେରୁଛନ୍ତି ଛାତ୍ରଛାତ୍ରୀ। *( ଫଟୋ: ଚନ୍ଦ୍ରଶେଖର)*

## ୧୭ ବନ୍ଧୁକ ଜବତ, ୧୮ ଗିରଫ

**ବ୍ରହ୍ମପୁର, ୪।୫(ସଂଚାର ବ୍ୟୁରୋ):** ବାହାର ରାଜ୍ୟ ଲିଙ୍କ୍‌ରେ ଗଞ୍ଜାମରେ ଆତଙ୍କ ସୃଷ୍ଟି କରିବାକୁ ଯାଉଥିବା ଏକ ବଡ ଦୁର୍ଦ୍ଦାନ୍ତ ଅପରାଧୀ ଗ୍ୟାଙ୍ଗକୁ ଗଞ୍ଜାମ ପୁଲିସ ଧରିବାରେ ସଫଳ ହୋଇଛି। ସେମାନେ ଆତଙ୍କ ସୃଷ୍ଟି କରିବା ପୂର୍ବରୁ ପୁଲିସ ଆଭାସ ପାଇ ଅପରାଧୀଙ୍କ ଉଦ୍ୟମକୁ ପଣ୍ଡ କରିଛି । ଅପରାଧୀଙ୍କ ଗତିବିଧିକୁ ନେଇ ଗଞ୍ଜାମ ଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇ ବିଭିନ୍ନ ଥାନା ଇଲାକାରେ ଅପରେସନ ଜାରି ରହିଥିଲା। ସ୍ୱତନ୍ତ୍ର ପୁଲିସ ଟିମ୍‌ର ଧରପଗଡରେ ଗଞ୍ଜାମ ପୁଲିସ ଜିଲ୍ଲା ଅଧୀନର ୬ଟି ଥାନା ଇଲାକାରେ ୧୮ ଜଣ ଦୁର୍ଦ୍ଦାନ୍ତ ଅପରାଧୀ ଏବଂ ସେମାନଙ୍କ ଠାରୁ ୧୭ଟି ବନ୍ଧୁକ ଓ ୬୬ଟି ଜୀବନ୍ତ ଗୁଳି ଜବତ କରାଯାଇଛି। ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଠାରୁ ଜବତ ହୋଇଥିବା ବନ୍ଧୁକ ଗୁଡିକ ବିହାର ରାଜ୍ୟ ମୁଙ୍ଗେର ବନ୍ଧୁକ କାରଖାନାରେ ପ୍ରସ୍ତୁତ ହେଉଥିବା ବନ୍ଧୁକ ଭଳି ଅନୁମାନ କରାଯାଉଛି।



## ଡମ୍ପର ଓଲଟି ଚାଲିଗଲା ୨ ଡ୍ରାଇଭରଙ୍କ ଜୀବନ

**ପାରାଦୀପ, ୪।୫ (ସଂଚାର ବ୍ୟୁରୋ):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ମର୍ମନ୍ତୁଦ ଦୁର୍ଘଟଣା। ଏକ ଲୁହାପଥର ବୋଝେଇ ଟ୍ରକ ଖରାପ ହୋଇଥିବା ହାଇୱାକୁ ଧକ୍କା ଦେବାରୁ ଚାଲିଯାଇଛି ଦୁଇ ଜଣ ଡ୍ରାଇଭରଙ୍କ ଜୀବନ। ଦୁଇ ମୃତକ ହେଲେ ଅସ୍ତରଙ୍ଗର ରତ୍ନାକର ସ୍ୱାଇଁ ଓ ଷଣ୍ଢକୁଦର ଚନ୍ଦନ ଜେନା। ଦୁଇ ଡ୍ରାଇଭର ରତ୍ନାକର ସ୍ୱାଇଁ ଓ ଚନ୍ଦନ ଜେନା ଏକ ବ୍ରେକ୍ ଡାଉନ୍ ହାଇୱାର ମରାମତି କାମ କରୁଥିଲେ । ଏହି ସମୟରେ ଏକ ଟ୍ରକ୍ ସେମାନଙ୍କ ଉପରକୁ ମାଡ଼ିଯାଇଥିଲା। ଧକ୍କା ଦେଇଥିବା ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ରାତି ତିନିଟାରୁ ପ୍ଲଟକୁ ପଣ୍ୟ ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ହାଇୱା ଡ୍ରାଇଭରମାନେ ବନ୍ଦରର ୧,୨,୩ ଓ ୪ ନମ୍ବର ଗେଟ ସମ୍ମୁଖରେ ଧାରଣା ଦେଇଛନ୍ତି। ସୂଚନା ଅନୁସାରେ ହାଇୱା ଖରାପ ହୋଇଥିବାରୁ ଏହାର ଡ୍ରାଇଭର ଅନ୍ୟ ଜଣେ ଡ୍ରାଇଭରକୁ ଡାକି ଇଞ୍ଜିନ ସଜାଉଥିଲେ। ଏତିକି ବେଳେ ଡାଲାବଡି ଟ୍ରକଟି ଆସି ଦୁର୍ଘଟଣା ଘଟାଇଥିଲା। ଦୁର୍ଘଟଣା ଏତେ ଜୋରରେ ଥିଲା ଯେ ଡମ୍ପରର କ୍ୟାବିନ ଗାଡିରୁ ଅଲଗା ହୋଇ ଓଲଟି ପଡିଥିଲା ଏବଂ ଏହା ମଧ୍ୟରେ ଥିବା ଦୁଇ ଜଣ ଯାକ ଡ୍ରାଇଭର ଚାପି ହୋଇ ମୃତ୍ୟୁବରଣ କରିଛନ୍ତି ।

## କମିଶନରେଟ୍ ପୁଲିସ୍ କବ୍‌ଜାରେ ୬ ସାଇବର ଠକ

### ଅନଲାଇନ୍ ଟ୍ରେଡିଂ ମାଧ୍ୟମରେ ଠକୁଥିଲେ

**କଟକ,୪।୫(ସଂଚାର ବ୍ୟୁରୋ)** କମିଶନରେଟ୍ ପୁଲିସ୍ ହାତରେ ଧରାପଡ଼ିଛନ୍ତି ୬ ଜଣ ସାଇବର୍ ଠକ। ସେମାନେ ଅନଲାଇନ୍ ଟ୍ରେଡିଂ ମାଧ୍ୟମରେ ଠକେଇ କରୁଥିଲେ। କଟକ ସାଇବର ଥାନା ପୁଲିସ ସେମାନଙ୍କୁ ଗିରଫ କରିବା ସହ ଏଥିସହ ଜଡ଼ିତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ସକାଶେ ରାଜ୍ୟ ବାହାରକୁ ଯିବ ବୋଲି ପୁଲିସ୍ ସ୍ପଷ୍ଟ କରିଛି। ସେମାନଙ୍କଠାରୁ ପୁଲିସ୍ ନଗଦ ୪ ଲକ୍ଷ ୩୦ ହଜାର ଟଙ୍କା ଜବତ କରିଛି। ଏହି ଠକେଇ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଜନୈକ ବ୍ୟକ୍ତିଙ୍କଠାରୁ ୭୮ ଲକ୍ଷ ଟଙ୍କା ଠକିନେଇଥିଲେ। ଗିରଫ ଅଭିଯୁକ୍ତମାନେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଅଞ୍ଚଳର ବୋଲି କଟକ ଡିସିପି ଋଷିକେଶ ଦୟାନନ୍ଦ ଖିଲାରି ସୂଚନା ଦେଇଛନ୍ତି। ଅଭିଯୋଗ ପାଇବା ପରେ



ତଦନ୍ତ ଆରମ୍ଭ କରିଥିବା ପୁଲିସ୍ ଜାଣିବାକୁ ପାଇଥିଲା ଯେ ପ୍ରଥମେ ଅଭିଯୁକ୍ତମାନେ ଟେଲିଗ୍ରାମ ଲିଙ୍କ ପଠାଇ ଅଧିକ ରିଟର୍ଣ୍ଣର ଲୋଭ ଦେଖାଉଥିଲେ। ଏଥିରେ ପ୍ରଭାବିତ ହୋଇ ଅଭିଯୋଗକାରୀ ଜଣଙ୍କ ଏକାଧିକ ଥର ଅନଲାଇନରେ ଟଙ୍କା ପଠାଇଥିଲେ। ତଦନ୍ତ ସମୟରେ ଠକେଇରେ ବଲାଙ୍ଗୀର ଲିଙ୍କ ସାମ୍ନାକୁ ଆସିଥିଲା। ସ୍ଥାନୀୟ ଏଟିଏମରୁ ଏହି ସାଇବର୍ ଠକମାନେ ଟଙ୍କା ଉଠାଇଥିଲେ। ଟଙ୍କା ଉଠାଣ ସମୟର ସିସିଟିଭି ଫୁଟେଜ ପୁଲିସ ହାତରେ ଲାଗିବା ପରେ ଏହାକୁ ଆଧାର କରି ତଦନ୍ତ ଆଗକୁ ବଢ଼ିଥିଲା। ଏହି ମାମଲାରେ ପୁଲିସ୍ ୧୫ଟି ବ୍ୟାଙ୍କ୍ ପାସ୍ ବୁକ ଓ ୬୬ଟି ବ୍ୟାଙ୍କ୍ ଆକାଉଣ୍ଟ୍‌କୁ ଫ୍ରିଜ କରିଛି। ଉକ୍ତ ଆକାଉଣ୍ଟଗୁଡ଼ିକରେ ୭ ଲକ୍ଷରୁ ଅଧିକ ଟଙ୍କା ଜମା ରହିଛି। ଏକାଧିକ ପାସ୍‌ବୁକ୍ ଓ ୭ଟି ମୋବାଇଲ ଫୋନ୍‌କୁ ମଧ୍ୟ କମିଶନରେଟ୍ ପୁଲିସ୍ ଜବତ କରିଥିବା ଜଣାପଡ଼ିଛି। ଗତ ଫେବୃଆରୀରୁ ଏପ୍ରିଲ ମଧ୍ୟରେ ଅଭିଯୋଗକାରୀ ଜଣଙ୍କ ଟଙ୍କା ଦେଇଥିବା ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ।

### ଖବର ପ୍ରକାଶ ପରେ ଚେତିଲା ପ୍ରଶାସନ ।

## ଚାଲିଛି ରାସ୍ତା ନିର୍ମାଣ, ବ୍ୟୟ ଅଟକଳ ସାଢ଼େ ୧୦ କୋଟି

**କେସିଙ୍ଗା,୪।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦୀର୍ଘଦିନରୁ ଦାବି ହୋଇ ଆସୁଥିବା ମଶାଣିବନ୍ଧ-ରେଙ୍ଗାଲି ଗ୍ରାମକୁ ସଂଯୋଗ କରୁଥିବା ଆର୍‌ଡି ରାସ୍ତା ବର୍ତ୍ତମାନ ନିର୍ମାଣାଧୀନ ରହିଛି। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ପରେ ଓ ଗଣମାଧ୍ୟମରେ ଖବର ପ୍ରକାଶ ପରେ ତତ୍ପରତା ପ୍ରକାଶ ପାଇଛି। ଫଳରେ ଜୋଲକୋର ଜାତୀୟ ରାଜପଥ ନଂ.୨୬୦ାରୁ ଲଇତରା, କାଣ୍ଡେଲ, ମଶାଣିବନ୍ଧ ଓ ରେଙ୍ଗାଲି ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସାଢ଼େ ୧୪ କିମି ରାସ୍ତା ନିର୍ମାଣ ପାଇଁ ୧୦.୫ କୋଟି ବ୍ୟୟ ଅଟକଳରେ ନିର୍ମାଣାଧୀନ ରହିଛି। କିଛିଦିନ ପରେ ରାସ୍ତା ନିର୍ମାଣ ଶେଷ ହୋଇଗଲେ ମଶାଣିବନ୍ଧ, ରେଙ୍ଗାଲି, ରୁପ୍ରା, ଧରାମାଲ, କାଣ୍ଡେଲ, ଲଇତରା ଆଦି ଗ୍ରାମର ହଜାର ହଜାର ଲୋକଙ୍କ ଗମନାଗମନ କ୍ଷେତ୍ରରେ ସୁବିଧା ପାଇବେ। ଏହି ରାସ୍ତା ଦୀର୍ଘ ଦିନରୁ ଖାଲଢ଼ିପ ହୋଇ ରହିଥିଲା। ବର୍ଷାଋତୁରେ ଲୋକମାନେ କେସିଙ୍ଗା, ଭବାନୀପାଟଣା ସହର କିମ୍ବା ଗର୍ଭବତୀ, ପ୍ରସୂତି ମହିଳାଙ୍କୁ ହସ୍ପିଟାଲ ନେବାକୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କ୍ୟାଣ୍ଡେଲ ନିକଟରେ ଜମି ବିବାଦକୁ ନେଇ ପ୍ରାୟ ୨୦୦ ଫୁଟ ରାସ୍ତା ଅର୍ଦ୍ଧନିର୍ମିତ ଅବସ୍ଥାରେ ଦୀର୍ଘ ଦିନ ହେଲା ପଡ଼ିରହିଛି।



ସେହି ରାସ୍ତାକୁ ସମାଧାନ କରି ନିର୍ମାଣ କରିବା ପାଇଁ ଗ୍ରାମବାସୀ ଆର୍‌ଡି ବିଭାଗର ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟରଙ୍କ ନିକଟରେ ଦାବି କରିଛନ୍ତି। ଜୋଲକୋ ଗ୍ରାମଠାରୁ ରେଙ୍ଗାଲି ବଜାର ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ହେଲେ ଅଞ୍ଚଳବାସୀ ଗମନାଗମନ କ୍ଷେତ୍ରରେ ବହୁ ଉପକୃତ ହେବେ। ସେଥିପାଇଁ ବର୍ଷା ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଖାତିର ନ କରି ଜେସିବି, ଟ୍ରାକ୍ଟର ଦ୍ୱାରା ରାସ୍ତା କାମ ଜୋରସୋରରେ ନିର୍ମାଣାଧୀନ ରହିଛି। ଏ ସଂକ୍ରାନ୍ତରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁଖୀଶ୍ୟାମ ନାଏକଙ୍କୁ ପଚାରିବାରୁ କେତେକ ରାସ୍ତାରେ ଜମି ବିବାଦକୁ ନେଇ ରାସ୍ତା କାମ ଅଟକି ରହିଥିଲା। ଏଣୁ ଏଣିକି ରାସ୍ତା କାମରେ ବ୍ୟାହତ ହେବ ନାହିଁ, ଯୁଦ୍ଧକାଳୀନ ଭିତ୍ତିରେ ୧୮ ଫୁଟ ଓସାର ବିଶିଷ୍ଟ ରାସ୍ତା କାମ ଶେଷ ହେବ। ଅଞ୍ଚଳବାସୀ ଉପକୃତ ହେବେ ବୋଲି ପ୍ରକାଶ କରିଥିଲେ।

# ନୂଆ ଅବକାରୀ ନୀତିରେ ରହିପାରେ ନିର୍ବାଚନୀ ପ୍ରତିଶ୍ରୁତି

**ଭୁବନେଶ୍ୱର,୪।୫:** ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ଗତ ନିର୍ବାଚନ ବେଳେ ବିଜେପି ଯେଉଁ ସଙ୍କଳ୍ପ ଘୋଷଣା କରିଥିଲା, ତାହା ନୂଆ ଅବକାରୀ ନୀତିରେ ପ୍ରତିଫଳିତ ହୋଇପାରେ। ରାଜ୍ୟରେ ଯେଭଳି ଉଭୟ ଲାଇସେନ୍ସପ୍ରାପ୍ତ ଓ ଚୋରା ନିଶାର ପ୍ରସାର ଘଟୁଛି ଏବଂ ସେଥିଯୋଗୁଁ ଯେଭଳି ବ୍ୟାପକ ଧନଜୀବନ ନଷ୍ଟହେବା ସହ ଓଡ଼ିଶାର ଅସ୍ମିତା ଉପରେ ପ୍ରଶ୍ନ ଉଠୁଛି ତାହାକୁ ଆଖିଆଗରେ ରଖି ନିର୍ବାଚନୀ ପ୍ରତିଶ୍ରୁତି ଭିତ୍ତିରେ ରାଜ୍ୟ ସରକାର ତାଙ୍କ ନୂଆ ଅବକାରୀ ନୀତିରେ ସ୍ୱତନ୍ତ୍ର ବ୍ୟବସ୍ଥା ଆଣିପାରନ୍ତି ବୋଲି ବିଭିନ୍ନ ମହଲରେ ଏବେ ଜୋରଦାର ଚର୍ଚ୍ଚା ଚାଲିଛି।

ଉଲ୍ଲେଖନୀୟ ଯେ ବିଜେଡି ଶାସନ ସମୟରେ ଓଡ଼ିଶାରେ ଅବକାରୀ ରାଜସ୍ୱ ୨୪ବର୍ଷ ଭିତରେ ୬୦ଗୁଣରୁ ଅଧିକ ବୃଦ୍ଧି ପାଇବା ସହିତ ଲାଇସେନ୍ସପ୍ରାପ୍ତ ଦୋକାନଗୁଡିକରେ ମଦ ସମେତ ଅନ୍ୟାନ୍ୟ ନିଶା କାରବାର ଢେର ବଢ଼ିଛି। ଏହାଛଡା ଚୋରା ମଦ, ଗଞ୍ଜେଇ, ଚରସ, ହେରୋଇନ୍, ବ୍ରାଉନସୁଗାର ଆଦିର ବି ପ୍ରସାରଣ ଗାଁ ଗହଳ ପର୍ଯ୍ୟନ୍ତ ବେଧଡକ ଭାବେ ଚାଲୁଛି।



ଏହି ସମସ୍ୟାକୁ ଆଖିଆଗରେ ରଖି ୨୦୨୪ର ସାଧାରଣ ନିର୍ବାଚନବେଳେ ଓଡ଼ିଶା ଶାଖା ବିଜେପି ପକ୍ଷରୁ ରାଜ୍ୟ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି ଓ ବିଜେପିର ସଙ୍କଳ୍ପ ଘୋଷଣା କରାଯାଇଥିଲା। ଗତବର୍ଷ ଜୁନ୍ ୧୨ତାରିଖରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ନୂଆ ସରକାର ଗଠନ କରାଯାଇଥିଲା। ଏହି ସରକାରକୁ ବର୍ଷେ ପୂରିବାକୁ ଯାଉଥିବା ପରିପ୍ରେକ୍ଷୀରେ ମୋଦୀଙ୍କ ଗ୍ୟାରେଣ୍ଟି ଓ ଓଡ଼ିଶା ଶାଖା ବିଜେପିର ନିର୍ବାଚନୀ ସଙ୍କଳ୍ପ କେତେ କାର୍ଯ୍ୟକାରୀ ହୋଇଛି ଏବଂ ନୂଆ ସରକାର ବିଭିନ୍ନ କ୍ଷେତ୍ରରେ କ'ଣସବୁ ସଫଳତା ସାଉଁଟିଛନ୍ତି ତାହାର ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ବିଭାଗୱାରୀ ପ୍ରସ୍ତୁତି ଚାଲିଛି।

ରାଜ୍ୟରେ ନୂଆ ସରକାର ଗଢାଯିବା ପରେ ଗତବର୍ଷ ଯେଉଁ ରାଜ୍ୟ ଅବକାରୀ ନୀତି ପ୍ରଣୟନ କରାଯାଇଥିଲା ତାହାର ସମୟସୀମା ୨୦୨୫ ମାର୍ଚ୍ଚରେ ସରିଯିବା ପରେ ଏହି ପୁରୁଣା ନୀତିକୁ ରାଜ୍ୟ ସରକାର ଅସ୍ଥାୟୀ ଭାବେ ବଢ଼ାଇ ଚାଲିଛନ୍ତି। ତେବେ ଏଯାବତ୍ ନୂଆ ଅବକାରୀ ନୀତି ଘୋଷଣା ହୋଇନଥିବାବେଳେ ସଙ୍କଳ୍ପପତ୍ରର ପ୍ରତିଶ୍ରୁତିକୁ ଆଖିଆଗରେ ରଖି ୨୦୨୫-୨୬ ବର୍ଷର ଅବକାରୀ ନୀତି ପ୍ରସ୍ତୁତି ଚାଲିଛି ବୋଲି ଶୁଣିବାକୁ ମିଳୁଛି।

ଏଠାରେ ଉଲ୍ଲେଖନୀୟ ଯେ ରାଜ୍ୟଶାଖା ବିଜେପି ଘୋଷଣା କରିଥିବା ତାହାର ସଙ୍କଳ୍ପରେ ନିର୍ବାଚନବେଳେ କହିଥିଲା ଯେ ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ସୃଷ୍ଟି କରାଯିବା ସହ ସମ୍ବିଧାନର ୪୭ଧାରାକୁ କଡାକଡି ଭାବରେ କାର୍ଯ୍ୟକାରୀ କରି ବିଷାକ୍ତ ପାନୀୟ ତଥା ଡ୍ରଗ୍ସକୁ ନିୟନ୍ତ୍ରଣ କରାଯିବା ଏବଂ ସଚେତନତା ଅଭିଯାନ ବ୍ୟାପକ କରିବା ସଂଗେ ସଂଗେ ନିଶା ନିବାରଣକେନ୍ଦ୍ରମାନ ଗଢି 'ଉତ୍କୃଷ୍ଟ ଜୀବନ' ପଦକ୍ଷେପ ଆରମ୍ଭ କରାହେବ।

ପ୍ରଚଳିତ ଓଡ଼ିଶା ଅବକାରୀ ଆଇନ୍‌ର ୯୩ଧାରାରେ ନିଶା ନିବାରଣ କଥା କୁହାଯାଇଥିବାବେଳେ ପୂର୍ବରୁ ଚାଲି ଆସିଥିବା ବିହାର ଓଡ଼ିଶା ଅବକାରୀ ଆଇନ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମଧ୍ୟ ନିଶା ନିବାରଣ ଥିଲା। ଏହାଛଡା ୧୯୫୬ ମସିହାରେ ଓଡ଼ିଶା ବିଧାନସଭାରେ ପାରିତ ହୋଇ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କରିଥିବା ଓଡ଼ିଶା ନିଶା ନିବାରଣ ଆଇନକୁ ଏଯାବତ୍ କାର୍ଯ୍ୟକାରୀ କରାଯାଇନାହିଁ। ବିଭାଗୀୟ କର୍ତ୍ତୃପକ୍ଷ କେବେ ଠାରୁ କେଉଁ ଅଞ୍ଚଳରେ କିମ୍ବା ସାରା ରାଜ୍ୟରେ ନିଶା ନିବାରଣ ଆଇନ୍ କାର୍ଯ୍ୟକାରୀ କରିବେ ସେ ସଂକ୍ରାନ୍ତରେ ବିଜ୍ଞପ୍ତିଟିଏ ଜାରି ହେଲେ ୧୯୫୬ମସିହାର ଏହି ଆଇନ୍ କାର୍ଯ୍ୟକ୍ଷମ ହେବାକଥା। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# କେନ୍ଦ୍ରୀୟ ଫୋର୍ସର ଆବଶ୍ୟକତା

ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କ ମୁକାବିଲା ନିମନ୍ତେ କେବଳ ସେନା ବାହିନୀ ନୁହେଁ, ବିଏସଏଫ, ସିଆରପିଏଫ ଏବଂ ଆଇଟିବିପି ଭଳି ବିଭିନ୍ନ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ମୁତୟନ ହୋଇଛନ୍ତି। ଜାମ୍ମୁ-କାଶ୍ମୀର ପୋଲିସ ଆତଙ୍କବାଦର ମୁକାବିଲା ନିମନ୍ତେ ଏକାକି ସକ୍ଷମ ନୁହେଁ। କେବଳ ଜାମ୍ମୁ-କାଶ୍ମୀର ନୁହେଁ, ଓଡ଼ିଶା, ଛତିଶଗଡ଼ ଆଦି ମାଓ ଉପଦ୍ରୁତ ରାଜ୍ୟରେ ବାମପନ୍ଥୀ ଉଗ୍ରବାଦୀଙ୍କ ମୁକାବିଲା ନିମନ୍ତେ କେନ୍ଦ୍ରୀୟ ଫୋର୍ସର ଆବଶ୍ୟକତା ପଡ଼ୁଛି। ସେହିପରି ମଣିପୁର ସମେତ ଦେଶର ଉତ୍ତର-ପୂର୍ବାଞ୍ଚଳରେ ମଦ୍ୟ ବହୁ ସଂଖ୍ୟକ କେନ୍ଦ୍ରୀୟ ଫୋର୍ସ ମୁତୟନ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖିଲେ ସିଆରପିଏଫ ଏବଂ ବିଏସଏଫ ଭଳି କେନ୍ଦ୍ରୀୟ ବାହିନୀର ସମ୍ପ୍ରସାରଣ ଏବଂ ସୁଦୃଢ଼ୀକରଣ ନିହାତି ଆବଶ୍ୟକ। ମଣିପୁରରେ ସାନି ହିଂସା ପରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ଅଧିକ କେନ୍ଦ୍ରୀୟ ଫୋର୍ସ ମୁତୟନ ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଯଥାର୍ଥ। କାରଣ ରାଜ୍ୟ ପୋଲିସ ସ୍ଥିତି ସମ୍ଭାଳିବାକୁ ଅସମର୍ଥ। ଏହା ମଧ ସ୍ୱାଭାବିକ। ଏଥିପାଇଁ ରାଜ୍ୟ ପୋଲିସକୁ ଦୋଷ ଦେବା ଅନୁଚିତ। ସାଧାରଣ ଅପରାଧକୁ ନିୟନ୍ତ୍ରଣ କରିବା ପୋଲିସର ଦାୟିତ୍ୱ। କିନ୍ତୁ ଯେଉଁଠି ହିଂସା ପଛରେ ଉଗ୍ରବାଦୀ ଏବଂ ଅନୁପ୍ରବେଶକାରୀଙ୍କ ହାତ ରହିଛି, ସେଠାରେ କେନ୍ଦ୍ରୟ ଫୋର୍ସ ମୁତୟନ ଜରୁରୀ। କିନ୍ତୁ ମଣିପୁରର ବିଭିନ୍ନ ସ୍ଥାନରେ ଏବେ କେନ୍ଦ୍ରୀୟ ଫୋର୍ସ ମୁତୟନକୁ ବିରୋଧ କରି ସାନି ହିଂସା ଦେଖିବାକୁ ମିଳିଛି। ଉତ୍ତ୍ୟକ୍ତ ଜନତା ଥାନା ଉପରେ ଆକ୍ରମଣ କରି ଏହାକୁ ଜାଳି ଦେଇଛନ୍ତି। ପରିସ୍ଥିତି ଅଧିକ ଜଟିଳ ହୋଇଛି। ନୂଆ ବର୍ଷ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହ ରାଜ୍ୟରେ ହିଂସା ରୋକିବାରେ ସରକାରଙ୍କ ବିଫଳତା ପାଇଁ ରାଜ୍ୟବାସୀଙ୍କୁ କ୍ଷମା ମାଗିବା ସହ ତାଙ୍କର ଭୁଲ ସ୍ୱୀକାର କରିଥିଲେ। ଏହା ସହିତ ରାଜ୍ୟର ସବୁ ସମ୍ପ୍ରଦାୟ ପାରସ୍ପରିକ ମତଭେଦ ଭୁଲି ପୁଣି ଏକାଠି ହେବାକୁ ଆହ୍ୱାନ କରିଥିଲେ। ଏହାର କୋ÷ଣସି ପ୍ରଭାବ ପଡ଼ିବା ଭଳି ମନେ ହେଉନି। ଦେଶର ଉତ୍ତର-ପୂର୍ବାଞ୍ଚଳ ଏକ ଅତ୍ୟନ୍ତ ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ଅଞ୍ଚଳ। ୭ଟି ଛୋଟ ଛୋଟ ରାଜ୍ୟକୁ ନେଇ ଗଠିତ ଏହି ଅଞ୍ଚଳ ପଡ଼ୋଶୀ ୩ଟି ଦେଶର ସୀମାକୁ ଲାଗିଛି। ଏସବୁ ରାଜ୍ୟର ଅଧିବାସୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଜନଜାତି ସମ୍ପ୍ରଦାୟର। ଆସାମକୁ ବାଦ ଦେଲେ ଅନ୍ୟ ୬ଟି ରାଜ୍ୟ ଅତି ଛୋଟ। ଏଗୁଡ଼ିକ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟର ମାନ୍ୟତା ପାଇଛନ୍ତି। କାରଣ ଏମାନେ ସମସ୍ତେ ସୀମାବର୍ତ୍ତୀ ରାଜ୍ୟ, ଜନଜାତି ଅଧ୍ୟୁଷିତ ଏବଂ ଦୁର୍ଗମ ଅଞ୍ଚଳ। ଆର୍‌ôଥକ ଦୃଷ୍ଟିରୁ ମଧ ଏସବୁ ରାଜ୍ୟ ଅନଗ୍ରସର। ଆସାମ ଓ ତ୍ରିପୁରାକୁ ବାଦ ଦଲେ ବାକି ଅନ୍ୟ ରାଜ୍ୟ ଗୁଡ଼ିକ ପ୍ରାରମ୍ଭରେ କେନ୍ଦ୍ର ଶାସିତ ଅଞ୍ଚଳ ଥିଲା। ପରେ ଏ ଗୁଡ଼ିକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ପ୍ରଦାନ କରାଯାଇଛି। ଗତ ୧୦ ବର୍ଷ ଭିତରେ ଏସବୁ ରାଜ୍ୟର ଆର୍‌ôଥକ ବିକାଶ ତ୍ୱରାନ୍ୱିତ ହୋଇଛି। ଅନେକ ବର୍ଷ ଧରି ଏ ସବୁ ରାଜ୍ୟରେ ହିଂସା ଓ ଅଶାନ୍ତି ଲାଗି ରହିଥିଲା। ଅନେକ ଉଗ୍ରବାଦୀ ଏବଂ ବିଚ୍ଛିନ୍ନତାବାଦୀ ସଙ୍ଗଠନ ଏସବୁ ଅଞ୍ଚଳରେ ସକ୍ରିୟ ଥିଲେ। ଧିରେ ଧିରେ ଆଲୋଚନା ମାଧମରେ ସମସ୍ୟା ଦୂର କରାଗଲା ଏବଂ ଏବେ ଏସବୁ ଅଞ୍ଚଳରେ ଶାନ୍ତି ବିରାଜମାନ କରୁଛି। ଏହା ଫଳରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ ବର୍ଷ ମେ'ରୁ ଉତ୍ତର-ପୂର୍ବାଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ



ରାଜ୍ୟ ମଣିପୁରରେ ଭୟଙ୍କର ଭାବେ ହିଂସା ଏବଂ ଅଶାନ୍ତି ଦେଖିବାକୁ ମିଳିଛି। ମଣିପୁର ହାଇକୋର୍ଟଙ୍କ ଏକ ତ୍ରୁଟିପୂର୍ଣ୍ଣ ରାୟ ଯୋଗୁ ରାଜ୍ୟର ଦୁଇଟି ସମ୍ପ୍ରଦାୟ ଏବଂ କୁକି ଏବଂ ମୈତେଇଙ୍କ ମଧରେ ସଂଘର୍ଷର ସୂତ୍ରପାତ ହୋଇଥିଲା। ଏଥିରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି। ରାଜ୍ୟରେ ଶାସନ ବ୍ୟବସ୍ଥା ଠପ ହେବା ଭଳି ମନେ ହେଉଛି। ସୁପ୍ରିମକୋର୍ଟ ମଣିପୁର ହାଇକୋର୍ଟଙ୍କ ପୂର୍ବ ରାୟକୁ ବାତିଲ କରିଛନ୍ତି। କେନ୍ଦ୍ର ସରକାର ସବୁ ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଛନ୍ତି ସେମାନଙ୍କ ସ୍ୱାର୍ଥ ସହ ସାଲିସ କରାଯିବନି। କିନ୍ତୁ ଏହା ସତ୍ତ୍ୱେ ରାଜ୍ୟରେ ହିଂସା ଥମୁନି। କାରଣ କିଛି ଉଗ୍ରବାଦୀ ସଙ୍ଗଠନ, ବିଦେଶୀ ରାଷ୍ଟ୍ରରୁ ସହାୟତା ପ୍ରାପ୍ତ ସଂସ୍ଥା ରାଜ୍ୟରେ ହିଂସା ଏବଂ ଅସ୍ଥିରତା ଜାରି ରହୁ ବୋଲି ଚାହୁଁଛନ୍ତି। ଉତ୍ତର ପୂର୍ବାଞ୍ଚଳରେ ଶାନ୍ତି ଏବଂ ବିକାଶ ପ୍ରକ୍ରିୟାକୁ ସେମାନେ ବ୍ୟାହତ କରିବାକୁ ଚାହାଁନ୍ତି। ରାଜ୍ୟରେ ବୀରେନ ସିଂହଙ୍କ ନେତୃତ୍ୱାଧିନ ସରକାର ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ରପ୍ରଥମ ଥର ପାଇଁ ଉଗ୍ରବାଦୀମାନେ ଆକ୍ରମଣରେ ଡ୍ରୋନ ବ୍ୟବହାର କରିଛନ୍ତି। ତେଣୁ ସୁରକ୍ଷା ବାହିନୀ ପକ୍ଷରୁ ଏହାର ମୁକାବିଲା ନିମନ୍ତେ ଆକାଶ ମାର୍ଗରୁ ବାୟୁସେନା ହେଲିକପ୍ଟର ମାଧମରେ ପାଟ୍ରୋଲିଂ କରାଯାଉଛି। ଆଣ୍ଟିଡ୍ରୋନ ସିଷ୍ଟମ ବ୍ୟବହାର କରାଯାଉଛି। ଏଥିରୁ ପରିସ୍ଥିତି କେତେ ସଙ୍ଗୀନ ତାହା ସହଜରେ ଅନୁମେୟ। ଉଗ୍ରବାଦୀମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର, ରକେଟ ଏବଂ ଡ୍ରୋନ ସବୁ ବିଦେଶରୁ ଆସୁଛି ଏବଂ ଏଥିରୁ ଅଧିକାଂଶ ହେଉଛି ଚୀନ ନିର୍ମିତ। ତେଣୁ ହିଂସା ଓ ଅଶାନ୍ତି ପଛରେ କାହାର ହାତ ରହିଛି ତାହା ସହଜରେ ଅନୁମେୟ। ଏହାକୁ ବିଦେଶୀ ଷଡ଼ଯନ୍ତ୍ରର ପ୍ରତିଫଳନ। ମଣିପୁର ପରିସ୍ଥିତି ଏବେ କାଶ୍ମୀରକୁ ବଳିଗଲାଣି। ଏଭଳି ପରିସ୍ଥିତିରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜରୁରୀ। ରାଜ୍ୟରେ ରାଜନୈତିକ ପ୍ରକ୍ରିୟା କୋ÷ଣସି ପରିସ୍ଥିତିରେ ବାଧାପ୍ରାପ୍ତ ହେବା ଅନୁଚିତ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହା ବ୍ୟତିତ ଅନ୍ୟ ପନ୍ଥା ନାହିଁ। ଅତି କମରେ ୬ ମାସ ପାଇଁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯାଇ ଜଣେ ଦକ୍ଷ ପ୍ରଶାସକ ବା ରାଜ୍ୟପାଳଙ୍କୁ ନିଯୁକ୍ତ କରାଯିବା ଉଚିତ। ଉଗ୍ରବାଦୀ ଏବଂ ହିଂସା ସୃଷ୍ଟିକାରୀଙ୍କୁ କଠୋର ହସ୍ତରେ ଦମନ କରାଯିବା ଉଚିତ। ଛତିଶଗଡ଼ରେ ମାଓବାଦୀଙ୍କୁ ଯେପରି ଭାବେ ଦମନ କରାଯାଉଛି, ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ସମୂହରେ ମଧ ଅନୁରୂପ ପଦକ୍ଷେପ ଆବଶ୍ୟକ। ଏଥିପାଇଁ ଅଧିକ ସଂଖ୍ୟାରେ କେନ୍ଦ୍ରୀୟ ଫୋର୍ସ ମୁତୟନ କରାଯିବା ଉଚିତ। ଏହାକୁ ବିରୋଧ କରିବା ଯୁକ୍ତିଯୁକ୍ତ ନୁହେଁ। କେତେବେଳେ କେଉଁଠି ଏହାର ଦୁରୁପଯୋଗ ହେଉଥାଇପାରେ। କିନ୍ତୁ ତା ଅର୍ଥ ନୁହେଁ ଯେ, କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ହଟାଇ ଦିଆଯିବ। ସାଧାରଣ ଲୋକଙ୍କ ଧନଜୀବନ ପ୍ରତି ଏହା ଦ୍ୱାରା ବିପଦ ସୃଷ୍ଟି ହୋଇପାରେ।

# ଲୋକଙ୍କ ଦ୍ୱାରା ପରିଚାଳିତ ଶାସନ ବ୍ୟବସ୍ଥାରେ ସାଧାରଣ ଲୋକେ ଆନ୍ଦୋଳନ କରିବେ କାହା ବିରୁଦ୍ଧରେ ?



**ପଙ୍କଜ କୁମାର ପାଣିଗ୍ରାହୀ**

ବିତର୍କ ବିହୀନ ନିଷ୍କର୍ସ ଏହା କି, ଯେଉଁଠି ଗଣ ଆନ୍ଦୋଳନ ତେଜି ଉଠେ ସେଠାରେ ଗଣତନ୍ତ୍ର ନାହିଁ ବୋଲି ନିର୍ଦ୍ୱନ୍ଦରେ କହିହେବ। କାରଣ ଲୋକତନ୍ତ୍ରରେ ଜନ ଆନ୍ଦୋଳନ କରାଯିବା ଏକ ଅଯୌକ୍ତିକ ବିଷୟ। କେବଳ ପ୍ରତିଶୋଧ ପରାୟଣ କଠୋର ଦମନଶୀଳ ଅମାନୁଷିକ ଶାସନ ତନ୍ତ୍ର ହେତୁ ନିଜର ଅଧିକାର କ୍ଷୁର୍ଣ୍ଣ ହୋଇଥିବା ମଣିଷ ସମୂହ ଗଣ ଆନ୍ଦୋଳନ କରିଥା'ନ୍ତି ଯାହା ସମ୍ପୃକ୍ତ ଦମନକାରୀ ଶାସକଙ୍କ ଇଚ୍ଛା ମୁତାବକ ସାଧାରଣ ଲୋକଙ୍କୁ ପ୍ରତାରିତ କରି ରଖିଥାଏ। ଗଣ ଆନ୍ଦୋଳନରେ ଭାଗିଦାରୀତା କରୁଥିବା ମଣିଷ ଗୁଡିକ ବିଭିନ୍ନ ବର୍ଗ, ଶ୍ରେଣୀ, ତଥା ସମ୍ପ୍ରଦାୟର ହୋଇଥା'ନ୍ତି ଯାହାଙ୍କ ଦାବି ଗୁଡିକ କେତେବେଳେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କେତେକ ମଣିଷଙ୍କ ଉଦ୍ଦେଶ୍ୟରେ ହୋଇଥାଏ ତ ଆଉ କେତେବେଳେ ସାମୁହିକ ସ୍ୱାର୍ଥ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇଥାଏ। ବ୍ୟକ୍ତିଗତ ସାମାଜିକ କ୍ଷୁର୍ଣ୍ଣତା ଉପରେ ଆଧାର କରି ସମ୍ପୃକ୍ତ ବ୍ୟକ୍ତି ବିଶେଷ କିମ୍ବା ତାଙ୍କ ପରିବାର ପ୍ରତି ହୋଇଥିବା କୌଣସି ଅନ୍ୟାୟକୁ ବିରୋଧ କରି ଗଣ ଆନ୍ଦୋଳନ ତେଜି ଉଠୁଥିବା ମଧ ଦେଖିବାକୁ ମିଳିଥାଏ କେତେକ ସମୟରେ। ଯାହାହେଉ, କୌଣସି ବିଷୟକୁ ଆଧାର କରି ଗଣ ଆନ୍ଦୋଳନ କରାଯାଉଥିବା ଦେଖାଗଲେ ନିର୍ଦ୍ୱନ୍ଦରେ କୁହାଯାଇ ପାରିବ ଯେ ସେହି କ୍ଷେତ୍ରରେ ଗଣତନ୍ତ୍ର ବୋଲି କିଛି ନାହିଁ। ତାହା କେବଳ ସ୍ୱେଚ୍ଛାଚାରୀ ରାଜତନ୍ତ୍ର ବ୍ୟବସ୍ଥା ଅନ୍ତର୍ଗତ ଯେଉଁଠି ସାଧାରଣ ନିର୍ବୋଧ କେବଳ କ୍ରୀତଦାସ ଭଳି ପ୍ରତାରିତ ଜୀବନ ବଂଚିବାର ସୁଯୋଗ ପାଇଥା'ନ୍ତି। ନିଜସ୍ୱ ପରିଶ୍ରମକୁ ଶାସକଙ୍କୁ ପ୍ରଦାନ କରି ତାଙ୍କରି କରୁଣାରେ କିଂଚିତ ବଂଚିବାର ସୁଯୋଗ ସେମାନଙ୍କୁ ପର୍ବତାରୋହଣ କରିବା ଭଳି ଅନୁଭବ ଦେଇଥଏ କେବଳ ଶାସକଙ୍କ କ୍ରୁର କଠୋର ପ୍ରହାର ନୀତି କାରଣରୁ।

କୌଣସି ସମୟରେ କିଛି ବିଷୟ ଆଧାରିତ ସାମାଜିକ ନ୍ୟାୟ ଦାବି କରି ତେଜି ଉଠୁଥିବା ଗଣ ଆନ୍ଦୋଳନ ମଧରେ ଅନେକ ମଣିଷଙ୍କ ଭାଗିଦାରୀତା ଦେଖିବାକୁ ମିଳେ ଯେଉଁଠି ସମସ୍ତଙ୍କ ଲକ୍ଷ କେବଳ ସେହି ଦାବି ଗୁଡିକ ପୁରାଣ କରିବା ଉପରେ ରହିଥାଏ। ସେହି ସମୟରେ ସମ୍ପୃକ୍ତ ଆନ୍ଦୋଳନକାରୀଙ୍କ ମଧରେ ଏକରୁ ଅନେକ ଦଳପତି ଦେଖିବାକୁ ମିଳିଥା'ନ୍ତି ଯାହାଙ୍କୁ ସମ୍ପୃକ୍ତ ଦଳର ହଜାର, ହଜାର ଲକ୍ଷ, ଲକ୍ଷ ସଦସ୍ୟ କେତେବେଳେ ପ୍ରତ୍ୟେକ୍ଷରେ ତ ଆଉ କେତେବେଳେ ପରୋକ୍ଷରେ ଦଳର ଦଳପତି ବୋଲି ମାନିଥା'ନ୍ତି କେବଳ ଏକ ମାତ୍ର ଲକ୍ଷ ରଖି ଯେ ସେମାନଙ୍କ ଦାବି ପୁରଣ ହେବ ସେମାନଙ୍କ ନେତୃତ୍ୱ ମାଧମରେ। ଅନ୍ୟଥା ସେହି ଦଳର ସାଧାରଣ ସଦସ୍ୟ ବୃନ୍ଦ ସେମାନଙ୍କୁ ହୁଏତ ସେହି ମାନ୍ୟତା ଦେଇନଥା'ନ୍ତେ କିମ୍ବା ସେମାନଙ୍କୁ ମାନି ନଥା'ନ୍ତେ।

## ଗଣ ଆନ୍ଦୋଳନ-୧



ଅନେକ ସମୟରେ ଦଳର ଦଳପତିଙ୍କ ନିର୍ଦ୍ଦେଶ ତଥା ତାଙ୍କରି ବିଚାରଧାରା କ୍ରମେ ଆନ୍ଦୋଳନର ପନ୍ଥା ଗୃହୀତ ହୋଇଥାଏ ସବୁ ସଦସ୍ୟଙ୍କ ଦ୍ୱାରା। ସମୟ ସାପେକ୍ଷ ନିଷ୍କର୍ସ ଗୁଡିଏ ବାହାର କରି ପ୍ରତିପାଦନ କରାଯାଇଥାଏ ଶାସକଙ୍କ ନିକଟରେ ଯାହାର ବିଚାର କେତେବେଳେ ଯୁକ୍ତାତ୍ମକ ହୋଇଥାଏ ତ ଆଉ କେତେବେଳେ ବିଯୁକ୍ତାତ୍ମକ। ସାଧାରଣ ସଦସ୍ୟ ବୃନ୍ଦ ଆନ୍ଦୋଳନ କରୁଥିବା ବେଳେ ଦଳପତି ବୃନ୍ଦ ସମସ୍ତଙ୍କ ତରଫେ ପ୍ରତିନିଧିତ୍ୱ କରିଥା'ନ୍ତି ଶାସକଙ୍କ ସହିତ ଆଲୋଚନା କରି ନିଜର ଦାବି ପୁରଣ କରିବା ପାଇଁ, ଏକଥା ସମସ୍ତେ ବୁଝିଛନ୍ତି, ଜାଣିଛନ୍ତି ମଧ। ହେଲେ ସେମାନଙ୍କ ଦାବି ଗୁଡିକ ପୁରଣ କରିବା ଉଦ୍ଦେଶ୍ୟରେ ନିଆଯାଉଥିବା ପଦକ୍ଷେପ ଗୁଡିକ କେତେବେଳେ କେଉଁ ଦିଗରେ କାର୍ଯ୍ୟ କରିଥାଏ ସେଗୁଡିକୁ ସହଜରେ ବୁଝିପାରନ୍ତି ନାହିଁ ସାଧାରଣ ସଦସ୍ୟ ବୃନ୍ଦ, କାରଣ କ'ଣ ବିଚାର କରି ଦେଖିବା...

ଅନେକ ସମୟରେ ନିରୀହ ନିର୍ବୋଧ ସାଧାରଣ ମଣିଷ ଗୁଡିକ ନିଛନ୍ଦ ଭାବେ କାହାର ପ୍ରରୋଚନାରେ ପଡି ଅନ୍ଧ ଭଳି ଅସତ୍ୟକୁ ମଧ ସତ୍ୟ ବୋଲି ଗ୍ରହଣ କରୁଥିବା କୌଣସି ବିଚିତ୍ର ନୂଆ କଥା ନୁହେଁ ଆମ ସମାଜରେ ଯାହା ବୁଝିଛନ୍ତି ଜ୍ଞାନୀ ଗୁଣି ଲୋକେ। ସେହିଭଳି ନିଜର ଦଳପତିଙ୍କ ମଧସ୍ଥିତାକୁ ମଧ ତର୍ଜମା ବିହୀନ ଗ୍ରହଣ କରୁଥିବା ଦେଖିବାକୁ ମିଳିଥାଏ ଅନେକ ସମୟରେ ସେହି ଗଣ ଧାରଣାରେ ସହଭାଗିତା କରୁଥିବା ଗୋଷ୍ଠୀଙ୍କ ମଧରେ। ଦଳପତି ନିଜ ଦଳର ସଦସ୍ୟ ଏବଂ ଶାସକଙ୍କ ମଧରେ ମଧସ୍ଥିତା କରି ବିଭିନ୍ନ ନିର୍ଣ୍ଣାୟକ ଗ୍ରହଣ-ପ୍ରେରଣ କରିଥାନ୍ତି ଦୁଇ ଗୋଷ୍ଠୀଙ୍କ ମଧରେ। ଏଠାରେ ଗୋଟିଏ ଉଦାହରଣ ନେଇ କିଛି ବୁଝିପାରିବେ ସେମାନେ ହର୍ଷଦ ମେହେଟାଙ୍କ ମଧସ୍ଥିତା ବିଷୟକୁ ତର୍ଜମା କରି ଯେଉଁମାନେ ଜାଣିଛନ୍ତି ହର୍ଷଦ ମେହେଟାଙ୍କ ଘୋଟଲା କାଣ୍ଡ ବିଷୟରେ। ହର୍ଷଦ ମେହେଟା ମଧସ୍ଥିତା କରୁଥିଲେ ଉଭୟଙ୍କ ଲାଭ ପାଇଁ, କିଁନ୍ତୁ ଦେଖୁ ଦେଖୁ ସେହି ଦୁଇ ପକ୍ଷ ବ୍ୟାପକ କ୍ଷତିରେ ପଡି ଯଥେଷ୍ଟ ଲାଭ ପାଇଗଲେ ଏହି ମହାଶୟ ଯିଏ ମଧସ୍ଥିତା କରୁଥିଲେ ! ଠିକ୍ ସେହିଭଳି ବହୁତ କ୍ଷେତ୍ରରେ ଏହି ମଧସ୍ଥିତା କରୁଥିବା ବ୍ୟକ୍ତି ଗୁଡିକ କେବଳ ନିଜର ସ୍ୱାର୍ଥ ଆଶା ରଖି ଦୁଇ ଦଳଙ୍କୁ ଭୁଆଁ ବୁଲାଉଥିବା ଦେଖିବାକୁ ମିଳିଥାଏ ବହୁତ କ୍ଷେତ୍ରରେ ଯାହା ବୁଝି ପାରନ୍ତି ନାହିଁ ଦଳର ସାଧାରଣ ନିର୍ବୋଧ ସଦସ୍ୟ ଗଣ ! ଆଉ କେତେକ ବୁଝୁଥିଲେ ମଧ ସେମାନଙ୍କ କଥା ଗ୍ରହଣୀୟ ହୋଇନଥାଏ ସମସ୍ତଙ୍କ ଦ୍ୱାରା, କାରଣ ସମସ୍ତେ ନିଜ ନିଜ ସ୍ୱାର୍ଥରେ ଅନ୍ଧ ହୋଇ ଚାତକ ପରି ଚାହିଁ ରହିଥା'ନ୍ତି ସତେ ଯେମିତି ତାଙ୍କ ଦଳପତି ଜଣେ ନିରୋଳା ନିଚ୍ଛକ ମଣିଷ ଯାହା ଦ୍ୱାରା ସେମାନେ ପାର ହୋଇ ଯିବେ ଜୀବନ ଯମୁନାର ଉଛୁଳା ନଈକୁ। ଏମିତି ବାରମ୍ବାର ବିଫଳ ହେଲେ ମଧ ସେମାନଙ୍କ ଆଶା ମଳିନ ହୋଇନଥାଏ କେବଳ ଦଳପତିଙ୍କ ଧୂଆଁ ବାଣ ସଦୃଶ୍ୟ ଛନ୍ଦଭରା ପ୍ରତିଶୃତି କାରଣରୁ। ଏମିତିକି ନିଜର ଦୁଃଖ ପୁରଣ କରିବାକୁ ଆଶା ରଖି ଆହୁରି ବ୍ୟାପକ କ୍ଷତିଗ୍ରସ୍ତ ହୋଇ ଚାଲିଥିବା ଦୈନନ୍ଦିନ ବିଚାର ଗୁଡିକୁ କେବେହେଲେ ମଳିନ ନକରି ବରଂ ବ୍ୟାପକ କ୍ଷତିଗ୍ରସ୍ତ ହେଉଥିଲେ ମଧ ସେମାନେ ବୁଝିବାରେ ଅସମର୍ଥ ରହିଥା'ନ୍ତି ସେହି ଛନ୍ଦଭରା କାହାଣୀକୁ ଯାହାର ଅନ୍ତ ହୁଏ ନାହିଁ କେବେ। କି ବିଚିତ୍ର ବିଡମ୍ବନା ମଣିଷଙ୍କ ମସ୍ତିଷ୍କର ଯେ କେତେକ ଚତୁର ଦିନରାତି ଅହରହ ଠକି ଚାଲିଛନ୍ତି ୯୯ ପାରି ନିରୀହ ନିର୍ବୋଧଙ୍କୁ ଯୁଗ ଯୁଗ ଧରି, ତଥାପି ଚେତା ନାହିଁ ଆଜି କାହାର ?!! (କ୍ରମଶଃ)

**ସୋସିଆଲ ଫୋରମ (ଭାରତ), ଛତ୍ରପୁର**
**ଗଂଜାମ-୭୬୧୦୨୦. ମୋବାଇଲ୍: ୯୪୩୭୩୨୪୯୧୭**

# ଶ୍ରମ ଶକ୍ତି ଓ ଶ୍ରେଣୀ ସଂଘର୍ଷର ଅନନ୍ୟ ନାୟକ: କାର୍ଲ ମାର୍କସ୍



**ଡ଼ଃ. ଅରୁନ୍ଧତୀ ଦେବୀ**

ସମଗ୍ର ପୃଥିବୀରେ ଶ୍ରମ ଶକ୍ତି ଓ ଶ୍ରେଣୀ ସଂଘର୍ଷର ଅନନ୍ୟ ନାୟକ ଥିଲେ ସେ, ତାଙ୍କ ଲେଖନୀ ଓ ଚିନ୍ତନ ସବୁବେଳେ ଅବହେଳିତ ଓ ଶୋଷିତ ଶ୍ରେଣୀ ସଂଗ୍ରାମ ପାଇଁ ଉତ୍ସର୍ଗ ଥିଲା। ନିଜ ଜୀବନକୁ ଏହି ମେହେନତିଙ୍କ ସୁଖଦୁଃଖରେ ସାମିଲ ହେବା ପାଇଁ ତିଳ ତିଳ ଉତ୍ସର୍ଗ କରିଥିବା ଅଦିତ୍ୟ ମହାନାୟକ ହେଉଛନ୍ତି କାର୍ଲ ମାର୍କସ। କାର୍ଲ ହେନ୍‌ରିଖ ମାର୍କସ୍ ଜର୍ମାନ ଦାର୍ଶନିକ, ଅର୍ଥଶାସ୍ତ୍ରୀ ଏବଂ ବୈଜ୍ଞାନିକ ସମାଜବାଦର ପ୍ରଣେତା ଥିଲେ। ତାଙ୍କ ଦର୍ଶନ ଆଜି ବି ମାର୍କସ୍‌ବାଦ ରୂପରେ ଆମ ସମାଜରେ ବଞ୍ଚି ରହିଛି। ମାର୍କସ୍‌ବାଦ ଏଭଳି ଏକ ବିଜ୍ଞାନ ଥିବା ଯାହା ତତ୍‌କାଳୀନ ସମୟର ଘଟଣାଗୁଡ଼ିକୁ ବିଶ୍ଳେଷଣ କରି ଶ୍ରମିକ ଶ୍ରେଣୀ ଏବଂ ସାମ୍ୟବାଦ କାର୍ଯ୍ୟକଳାପକୁ ମାର୍ଗଦର୍ଶନ କରି ଆସିଥିଲା। ମାତ୍ର ୧୭ ବର୍ଷ ବୟସରେ ବନ୍ ବିଶ୍ୱବିଦ୍ୟାଳୟରେ ଆଇନ ଶିକ୍ଷା ଲାଭ କରିବା ଲାଗି ଭର୍ତ୍ତି ହୋଇଥିବା କାର୍ଲ ମାର୍କସ୍ ପରେ ବର୍ଲିନ ଓ ଜେନ୍ ବିଶ୍ୱ ବିଦ୍ୟାଳୟରୁ ସାହିତ୍ୟ, ଇତିହାସ ଏବଂ ଦର୍ଶନରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ମାର୍କସ୍ ୧୮୪୮ରେ ଫ୍ରେଡ଼ରିକ୍ ଆଙ୍ଗଲସଙ୍କ ସହ ମିଶି କମ୍ୟୁନିଷ୍ଟ ମେନିଫେଷ୍ଟୋ ଲେଖିଥିଲେ। ଏହାକୁ ଶ୍ରମିକ ବର୍ଗଙ୍କ ନିମନ୍ତେ ସର୍ବପ୍ରଥମ ରାଜନୈତିକ ଘୋଷଣାପତ୍ର କୁହାଯାଇଥାଏ। ତାଙ୍କ ଦର୍ଶନ ଅବହେଳିତ ଶ୍ରମଜୀବୀଙ୍କ ଅଧିକାରକୁ ସୁନିଶ୍ଚିତ କରିବା ସହ ସେମାନଙ୍କୁ ଏକତ୍ର ହେବା ଲାଗି ପ୍ରେରଣା ଯୋଗାଇଥିଲା। ପୁଞ୍ଜିପତିଙ୍କ ଦ୍ୱାରା ଶ୍ରମିକଙ୍କ ଶୋଷଣକୁ ସେ ବିରୋଧ କରୁଥିଲେ। ଉତ୍ପାଦନ ଏବଂ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଶ୍ରମିକଙ୍କ ଗୁରୁତ୍ୱ ରହିଛି ଏହି ଧାରଣା କାର୍ଲମାର୍କସ୍ ସୃଷ୍ଟି କରିପାରିଥିଲେ।

ଶ୍ରମିକ ଆନ୍ଦୋଳନର ନେତୃତ୍ୱ ନେବା ଯୋଗୁଁ ତାଙ୍କୁ ୧୮୪୫ରେ ଜର୍ମାନୀରୁ ବହିଷ୍କାର କରି ଦିଆଯାଇଥିଲା। ସେଠାରୁ ସେ ପ୍ୟାରିସ୍ ଚାଲିଯାଇଥିଲେ। ପରେ ବ୍ରୁସେଲସ୍ ଯାଇ କମ୍ୟୁନିଷ୍ଟ ଲିଗ୍ ଗଠନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜର୍ମାନୀର ସମାଜବାଦୀ ବିପ୍ଳବକୁ ସହାୟତା ଯୋଗାଇ ଦେଇଥିବାରୁ ସେଠାରୁ ମଧ ତାଙ୍କୁ ବହିଷ୍କାର କରି ଦିଆଯାଇଥିଲା। ଏହାପରେ ସେ ଲଣ୍ଡନ ଚାଲିଯାଇ ଜୀବନର ଶେଷ ପର୍ଯ୍ୟନ୍ତ ସେଠାରେ ରହିଥିଲେ। ସାରା ଦୁନିଆର ଦର୍ଶନ, ଇତିହାସ ଓ ନିଜ ଅନୁଭବକୁ ପାଥେୟ କରି କାର୍ଲମାର୍କସ ସମାଜର ଶ୍ରମିକବର୍ଗ ଓ ଶ୍ରମଜୀବୀଙ୍କୁ ମାର୍କସବାଦ୍‌ଙ୍କ ରୂପରେ ଏକ ଅମୋଘ ଅସ୍ତ୍ର ପ୍ରଦାନ କରିଥିଲେ। ତାଙ୍କ ଦର୍ଶନକୁ ତତ୍‌କାଳୀନ ସମୟରେ ବିରୋଧ କରାଯାଇଥିଲେ ମଧ ରୁଷ ଭଳି ରାଷ୍ଟ୍ର ଏବେ କାର୍ଲମାର୍କସ୍‌ଙ୍କ ଦର୍ଶନ ଆଧାରରେ ଚାଲି ଆସିଛି। କେବଳ ରୁଷ ନୁହେଁ ବିଶ୍ୱର ଅଧିକାଂଶ ରାଷ୍ଟ୍ର ମାର୍କସ ସମାଜବାଦୀ ନୀତିକୁ ଗ୍ରହଣ କରିଛନ୍ତି। ଏଠାରେ ଆମେ ବିଜ୍ଞ ପାଠକମାନଙ୍କୁ ସୂଚୀତ କରୁଛୁ ଯେ ସମଗ୍ର ପୃଥିବୀର ବିଭିନ୍ନ ଭାଷାରେ ଅନୁବାଦ ହୋଇ ସର୍ବକାଳୀନ ରେକଡର୍ ସୃଷ୍ଟି କରିବା ସହ ଅସଂଖ୍ୟ ପାଠକୀୟ ସ୍ୱୀକୃତି ପାଇଛି କାର୍ଲ ମାର୍କସଙ୍କ ପୁସ୍ତକ। ପୃଥିବୀର ସବୁଠାରୁ ବେଶି ବିକ୍ରି ହେଉଥିବା ପୁସ୍ତକ ଭାବେ ତାଙ୍କର ସୃଜନ ସାହିତ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ମଧ ଏକ ସ୍ୱତନ୍ତ୍ର ସ୍ଥାନ ପାଇଛି। ଏଯାବତ୍ ଭାରତ ଓ ପୃଥିବୀର ବିଭିନ୍ନ ପାଠ୍ୟ ଶ୍ରେଣୀ କ୍ରମରେ କାର୍ଲ ମାର୍କସଙ୍କ ପୁସ୍ତକ ଓ ତାଙ୍କ ସମ୍ଭାଷଣ ସ୍ଥାନିତ ହୋଇଛି। ଅସଂଖ୍ୟ ଗବେଷକ ମଧ ତାଙ୍କ ଲେଖନୀ ଉପରେ ବର୍ଷ ବର୍ଷ ଧରି ଅନୁସନ୍ଧାନ ସାପେକ୍ଷ ଗବେଷଣା ଜାରି ରଖିଛନ୍ତି। ନିଜର ଶେଷ ଜୀବନକୁ ସେ ବସ୍ତୀ ଅଞ୍ଚଳର ପିଲା ଓ ଅବହେଳିତ ଶ୍ରମିକ ଶ୍ରେଣୀ ସମାଜ ପାଇଁ ନିଜ ଜୀବନ ସହ ସମସ୍ତ ରୋଜଗାର ବ୍ୟୟିତ କରିଥିଲେ। ଏହି ମହାନ ଦାର୍ଶନିକ ଜର୍ମାନୀର ପ୍ରୁସିଆ ଅନ୍ତର୍ଗତ ଟ୍ରିଅର୍ ଠାରେ ମଇ ୫ ତାରିଖ ୧୮୧୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ**
**କଟକ, ଦୂରଭାଷ : ୯୯୩୭୧୭୨୮୧୦**

# ଅଖ୍ୟାତ ପଲ୍ଲୀର ବିଖ୍ୟାତ ବିପ୍ଳବୀ ଧରଣୀଧର

**ବଟକୃଷ୍ଣ ଦେହୁରୀ**

ପୂର୍ବ ଦିନର କାଳବୈଶାଖୀ ଝଡ଼ ତୋଫାନ ର ପ୍ରଭାବ ରେ ଅସରାଏ ବର୍ଷା ସମଗ୍ର ପରିବେଶ କୁ ସୃଷ୍ଟି କରିଥିଲା ସିଦ୍ଧତପସ୍ୱୀପାରି ଶାନ୍ତ ଓ ସ୍ନିଗ୍ ଧ ଜ୍ଜ ତଥାପି କାଳ ବୈଶାଖୀମାଡ଼ି ଆସିବାର ଆଶଙ୍କା ଥିଲେ ମଧ ନିର୍ମଳ ଆକାଶ ଦେଖା ଯାଉଥିଲା ସମ୍ଭବତଃ ପାଗ ଶୁଖିଲା ରହିବ। ଏପରି ଏକ ବୈଶାଖ ର ଶାନ୍ତ ଅପରାହ୍ନରେ ଅନେକ ଆଶା, ଆଶଙ୍କା ଏବଂ ଉତ୍-ଫୁଲିତ ହୋଇ ମୋର ସାମ୍ବାଦିକ ବନ୍ଧୁ ରାଜେନ୍ଦ୍ର ବାବୁ ଙ୍କ ସହିତ ବହାରିଥିଲୁ ବିପ୍ଳବୀ ବିରମାଟି କୁସୁମିତ ଗ୍ରାମକୁ ଯାହାକି କେନ୍ଦୁଝର ସଦର ମହକୁମାଠାରୁ ମାତ୍ର ୨୫ କିଲୋମିଟର ଦୂର ଯୋଡ଼ାବଡବିଲ କୁ ଲମ୍ବିଥିବା ଜାତୀୟ ରାଜପଥରେରାଇସୁଆଁ ଠାରୁ ବାମକୁ ଗଲେ ମହାଦେଇ ଯୋଡ଼ା ରାସ୍ତା ପଡ଼ିବକୁ ରାଇସୁଆଁ ନିକଟରେ ପହଞ୍ଚିବା ପରେ ବନ୍ଧୁ ସ୍ମରଣ କରାଇ ଦେଲେ ଏକଦା ରାଇସୁଆଁ ଗ୍ରାମ ସହିତ ସ୍ମୃତି ବିଜଡିତସ୍ୱର୍ଗତଃବୀର ଧରଣୀଧରଙ୍କ ଏକ ସ୍ମରଣୀୟ ସ୍ଥାନ। ଯେଉଁ ସ୍ଥାନ ଦିନେ ରାଜତନ୍ତ୍ରର ଅତ୍ୟାଚାର, ଅନ୍ୟାୟ ଓ ଶୋଷଣ ବିରୁଦ୍ଧ ରେ ସଂଗ୍ରାମ ପାଇଁ ଭୂୟାଁ ମେଳିର କେନ୍ଦ୍ର ବିନ୍ଦୁ ହୋଇଥିଲା। ଏ ସଂଗ୍ରାମ ର ମୁଖ୍ୟ ନାୟକ ଥିଲେ ନିଜେ ଧରଣୀଧର ନାୟକ ଓ ସେଠାରେ ସେ ତମ୍ବୁ ପକାଇ ଓଡ଼ିଆ ସାହିତ୍ୟର ରଥି ତଥା ତତ୍କାଳୀନ କେନ୍ଦୁଝରର ମହାରାଜାଙ୍କ ଦିୱାନ୍ ଫକିର ମୋହନ ସେନାପତିଙ୍କୁ ବନ୍ଦୀ କରି ରଖିଥିଲେ। ଗୋଟିଏ ପଟେ ଅନ୍ୟାୟ ଓ ଶୋଷଣ କାରି ରାଜତନ୍ତ୍ର ଅନ୍ୟପଟେ ବ୍ରିଟିଶ ଶାସନ ବିରୁଦ୍ଧ ରେ ସଂଗ୍ରାମ ର ପ୍ରସ୍ତୁତ ଚାଲିଥିଲା। ଜାତୀୟ ରାଜପଥ ପାର୍ଶ୍ୱ ନେଇ ରାଇସୁଆଁ ଗ୍ରାମ ପ୍ରବେଶ ପୂର୍ବରୁ ବାମପଟେ ଗୋଟିଏ ଆମ୍ବ ତୋଟା ଥିଲା। ଅନେକ ଦିନ ପୂର୍ବରୁ ସେଠାରେ ପ୍ରତି ଶୁକ୍ରବାର ରେ ସାପ୍ତାହିକ ହାଟଟିଏ ବସୁଥିଲା। ସ୍ଥାନୀୟ ଲୋକେ ଉତ୍ପାଦ ସାମଗ୍ରୀ ଆଣି ଅତ୍ୟାବଶ୍ୟକୀୟ ଦ୍ରବ୍ୟ କିଣା ବିକା କରୁଥିଲେ। ଆଜି ସେ ହାଟ ଆଉ ନାହିଁ ,ସୀମିତ ଆମ୍ବଗଛ ରେ ତାହା ପ୍ରାୟ ଜୀର୍ଣ୍ଣ ପ୍ରାୟ। ଇତି ମଧରେ ସେଠାରେ ଏକ ବାଳିକା ଉଚ୍ଚ ବିଦ୍ୟାଳୟ ଗଢିଉଠିଛି। ନିକଟରେ ପୁରୁଣା ସାମଲ ପୋଖରୀ ଏବଂ ତା ପାଖକୁ ଏକ ବହୁ ପୁରାତନ ଶିବ ମନ୍ଦିର ରାଜା ରାଜୁଡା ଅମଳ ରୁ ଅଛି। ଲୋକ ମୁଖ ରେ ତାହା କାଲ୍ଲା ମହାଦେବ ବୋଲି ଜଣାଶୁଣା। ସ୍ଥାନୀୟ ଲୋକ ଙ୍କ ସହାୟତା ର ଅନେକ ସଂସ୍କାର କାର୍ଯ୍ୟ କରାଯାଇ ଦୃଶ୍ୟମାନ କରାଯାଇଛି।ବିରପୁତ୍ର ଧରଣୀଙ୍କରସ୍ମୃତି ବହନ କରୁଥିବା ଏ ସ୍ଥାନ ର ଉନ୍ନତି ପାଇଁ ସରକାର କିମ୍ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ କେହି ବି ଆଗ୍ରହ ପ୍ରକାଶ କରିନାହାନ୍ତି। କାଳଖଣ୍ଡ ର ବିସ୍ମୃତି ରେ ସମସ୍ତେ ଭୁଲିଯାଉଥିଲେ ମଧ ଫକୀରମୋହନ ସେନାପତିଙ୍କ ରଚିତ ଆତ୍ମଜୀବନୀ ପୁସ୍ତକ ର ପୃଷ୍ଠା ରେଶିର ମଣ୍ଡନ କରିଛି ତାହା ପ୍ରଣିଧାନ ଯୋଗ୍ୟ।

ରାଇସୁଆଁ ଗ୍ରାମ ଅତିକ୍ରମ ପରେ ମହାଦେଇ ଯୋଡ଼ା ଗ୍ରାମକୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାରେ ଗଲେ କିଛିଦୂରରେ ପଡେ ମାଛକାନ୍ଦଣାନଦୀ , ଇତିହାସର ସାକ୍ଷୀ। ପ୍ରକୃତରେ କହି ବାକୁ ଗଲେ ଏହି ନଦୀ ହିଁ ସେ ସମୟ ର ମହାରାଜାଙ୍କଖିଆଲ , ନଦୀ ର ଗତିପଥ ବଦଳାଇ ନିଜ ପ୍ରସାଦ ତଳେ ନେବାର ପ୍ରୟାସ ଓ ନଦୀବନ୍ଧପରିଯୋଜନା ସମଗ୍ର ଘଟଣା ପ୍ରବାହ ର ସୂତ୍ରପାତ। ନଦୀ ର ଦୈର୍ଘ୍ୟ ଓ ଆୟତନ ଦୃଷ୍ଟିରୁ ବିଚାର କଲେ ଏହାର ଅବଦାନ କିଛି କମ ନୁହେଁ। କାଳକ୍ରମେ ଏହା କଳେବର କୃଶତାଲାଭ କରି ତାର ନିରନ୍ତର ସେବା କେନ୍ଦୁଝର ପୌରପାଳିକା ର ଅଧିବାସୀ ଙ୍କୁ ପାନୀୟ ଜଳ ଯୋଗାଇବା ସଙ୍ଗେ ସଙ୍ଗେ ନିମ୍ନସ୍ରୋତରେ ଅବସ୍ଥିତ ଗ୍ରାମମାନଙ୍କରେ ପନିପରିବା ଚାଷର ସମ୍ଭାରସୃଷ୍ଟି କରିବାରେ ଏବେବି ସକ୍ଷମ। ପ୍ଲାଷ୍ଟିକ ଝୁଡି ରେ ଲାଲ ଟହଟହ ବିଲାତି ଜାଗା ଜାଗାରେ ଥୁଆ ହୋଇ ରହିଛିଜ୍ଜୁ ବଜାର ଦର ହ୍ରାସ ଯୋଗୁଁ ଚାଷୀ ହାତ ବାନ୍ଧିବସିଛନ୍ତି। ତାର ସଂରକ୍ଷଣ ନିମନ୍ତେ ଶୀତଳ ଭଣ୍ଡାରର ଆବଶ୍ୟକତା ଏବଂ ବିକ୍ରୀବଟା ସହାୟତା ଆଜି ଚାଷୀମାନଙ୍କ ପାଇଁ ପ୍ରାଥମିକତା ଅଟେ। ପୂର୍ବରୁ ଘରୋଇ ଉଦ୍ୟମରେ ଗୋପାଳପୁରଠାରେ ବିଲାତି ଓଡିଶା ନାମକ ଏକ ସଂସ୍ଥା ସ୍ଥାପନ କରାଯାଇଥିଲା। ଏବେ ଏହା କାର୍ଯ୍ୟକ୍ଷମ ନୁହେଁ। ଚାଷୀଙ୍କଠାରୁ ଉଚିତ ମୂଲ୍ୟର କିଣି, ତାର ମୂଲ୍ୟଯୁକ୍ତ କରିପାରିଲେ ବଜାରରେ ଚାହିଦା ରହିବ। ଚାଷୀଙ୍କୁ ପ୍ରୋତ୍ସାହନ ସ୍ୱରୂପ ଶୀତଳଭଣ୍ଡାର କରି, କ୍ଷୁଦ୍ର ଓ ମାଧମ ଉଦ୍ୟୋଗ ଜରିଆରେ ପ୍ରୋସେସିଂ ପ୍ଲାଣ୍ଟ ସ୍ଥାପନ ହୋଇପାରିଲେ ସମସ୍ୟାର ଦୀର୍ଘ ସ୍ଥାୟୀ ସମାଧାନ ହୋଇପାରିବ।

ମହାଦେଇଯୋଡ଼ା ଗ୍ରାମକୁ ପ୍ରବେଶ ପୂର୍ବରୁ ଦିଗ୍‌ବଳୟରେ ଚାରିପାର୍ଶ୍ୱକୁ ଘେରି ରହିଛି ଅନେକ ପାହାଡ। ଛୋଟ ବଡ ବୃକ୍ଷ ରାଜିପାହାଡ ର ଶୋଭା ବର୍ଦ୍ଧନ କରୁଛନ୍ତି। ଅବଶ୍ୟ ତାହାର ଘନତ୍ୱ ଅନେକ ହ୍ରାସ ପାଇଛି। ଗ୍ରାମ୍ୟ ଜୀବନର ସରଳତା, ଝାଟିମାଟି ଘର ରଙ୍ଗ ବେରଙ୍ଗର ଚିତ୍ର ଆଗନ୍ତୁକମାନଙ୍କୁ ସ୍ୱାଗତ କରୁଥାଏ। ପଶ୍ଚିମ ଆକାଶରେ ସୂର୍ଯ୍ୟ ରକ୍ତିମ ଆଭା ଦେଇ ସନ୍ଧ୍ୟା ଆଗମନର ସୂଚନା ଦେଲାଣି। ରାଜ୍ୟ ସରକାରଙ୍କ ଗ୍ରାମ୍ୟଉନ୍ନୟନ ବିଭାଗ ଦ୍ୱାରା ସୁନ୍ଦର ପିଚୁ ରାସ୍ତାରେ ଆମ ଗାଡି କେତେବେଳେ ଆସି କୁସୁମିତଗ୍ରାମରେ ପହଞ୍ଚିଗଲା ଜଣା ପଡିଲା ନାହିଁ। ଗ୍ରାମର ମଧଭାଗରେ ସୁଦୃଶ୍ୟ କୋଠାଘର ନିର୍ମିତ ଉଚ୍ଚବିଦ୍ୟାଳୟ ଓଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଅପର ପାର୍ଶ୍ୱ ରେ ଛୋଟ ଆମ୍ବତୋଟା ମଧରେ ମହାନ ବିପ୍ଳବୀ ଧରଣୀ ଧର ନାୟକ (ଭୂୟାଁ) ଙ୍କର ପୂର୍ଣ୍ଣ ଅବୟବ ମୂର୍ତ୍ତି ପ୍ରତିଷ୍ଠା କରାଯାଇଛି। ଅଦୂର ପାହାଡରୁ ଅସ୍ତମିତ ସୂର୍ଯ୍ୟଙ୍କର କିରଣ ଆସି ବିଛାଡିହୋଇପଡୁଥାଏ ଧରଣୀ ଧରଙ୍କରମୁଖମଣ୍ଡଳ ରେ। ଶାନ୍ତ ଓ ସ୍ୱଚ୍ଛ ପରିବେଶ ଓ ନିରଳସ ପଲ୍ଲୀ ଜୀବନ ପ୍ରକୃତି କୋଳରେ ସତରେଅତ୍ୟନ୍ତ ଆକର୍ଷଣୀୟ। ପବିତ୍ର ଏ ବୀର ଭୂମି କୁସୁମିତ। କେନ୍ଦୁଝରରେ ବାଂଶପାଳ, ତେଲକୋଇ,ହରିଚନ୍ଦନ ପୁର ବ୍ଲକ ପାହାଡିଆ ଅଞ୍ଚଳ ରେ ଅନେକ ଭୂୟାଁ ପିଢ ଥିଲା । କୁସୁମିତ,ଭୂୟାଁପିଢ ହିସାବ ରେ ବେଶ୍ ପରିଚିତ। ଏଠାକାର ଅଧିବାସୀଙ୍କ କୃଷି ହେଉଛି ମୁଖ୍ୟ ଜୀବିକା। ଚାଷ ବ୍ୟତୀତ ଋତୁ ଅନୁସାରେ ମହୁଲ, ଶାଳ ମଞ୍ଜି , ଶାଳପତ୍ର, କେନ୍ଦୁ, ଆମ୍ବ, ପଣସ , ଚାର କୋଳି, ରାଶି, ସୋରିଷ ଇତ୍ୟାଦି ଅର୍ଥକାରୀ ଫସଲ ଓ ଗାଈ ଛେଳି ଚାଷ ଇତ୍ୟାଦି ଆୟ ର ଉତ୍ସ ଥିଲା।ବର୍ତ୍ତମାନ ଭଳି ପୂର୍ବେ ଶିକ୍ଷା , ସ୍ୱାସ୍ଥ୍ୟ ରାସ୍ତାଘାଟ ବିକାଶ ବିଶେଷ ହୋଇ ନ ଥିଲା। କୁସୁମିତ ର ବିଶେଷତ୍ୱ ସେଠାକାର ସୁସ୍ୱାଦୁ ଆମ୍ବ ଓ ପଣସ। ଆମ୍ଭଙ୍କୁ ଦେଖି ଦୁଇଜଣ ଯୁବକ ପାଖକୁ ଆସିଲେ, ପଚରି ବୁଝିବାରୁ ଜଣା ପଡିଲା ସେମାନେ କୁସୁମିତ ଗ୍ରାମର ବାସିନ୍ଦା। ରାଇସୁଆଁ କଲେଜ ରେ +୨ ଅଧ୍ୟୟନରତ।ଆମ୍ଭର ଆସିବା ର ଅଭିପ୍ରାୟ ଜାଣି , ଆମ୍ଭଙ୍କୁ ବିପ୍ଳବୀ ଧରଣିଧରଙ୍କ ପ୍ରତିମୂର୍ତ୍ତି ପାଖକୁ ନେଇଗଲେ। ମହାନ୍ ବିପ୍ଳବୀ ଧରଣୀଧର ଙ୍କୁଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ଦେଖାଗଲା ପ୍ରତି ମୂର୍ତ୍ତିତଳେମାର୍ବଲ ଫଳକରେ ଲେଖାଥିଲା ୨୦୦୧ ମସିହା ମେ ମାସ ୫ ତାରିଖ ରେ ସ୍ଥାପିତ ଓ ବର୍ତ୍ତମାନ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଜୁଏଲଓରାମ ମହୋଦୟଙ୍କ ଦ୍‌ବାରା ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇ ଜଣ ସାଧାରଣଙ୍କ ଉଦ୍ଦେଶ୍ୟ ରେ ଉତ୍ସର୍ଗୀକୃତ ହୋଇଥିଲା।ସୂଚନା ଫଳକ ଅନୁସାରେ ମହାନ୍ ବିପ୍ଳବୀ ଙ୍କର ଜନ୍ମ ହୋଇଥିଲା ୫-୫-୧୮୬୪ ମସିହା; ପିତା ଲଇଛନ ଓ ମାତା ବାଇଗଣୀ ଦେବୀ ଙ୍କ ଔରସ ର ସେ ଥିଲେ ଦ୍‌ବିତୀୟ ସନ୍ତାନ।

ଅତି ଉତ୍ସାହ ସହକାରେ ସେ ଦୁଇଜଣ ଯୁବକ ଆମ୍ଭଙ୍କୁ ତାଙ୍କର ଜନ୍ମସ୍ଥାନ ଘରକୁ ନେଲେ, ଏବଂ ଧରଣିଧର ଜୟନ୍ତୀ ସଂଘର ସଭାପତି ନିଶାକର ନାୟକଙ୍କ ସହିତ ଦେଖା କରେଇବା ପାଇଁ । ସେ ଆମ୍ଭଙ୍କୁ ସ୍ୱାଗତ କରି ଆଦରରେ ନେଇଗଲେ ଏବଂ ପ୍ରଥମେ ଧରଣୀଧର ଓ ତାଙ୍କ ବଡ ଭାଇ ଗୋପାଳ ନାୟକ ଦ୍‌ବାରା ଖୋଦିତ ହୋଇଥିବା ପଥର ବନ୍ଧ କୂଅ ଟିକୁ ଦେଖାଇଲେ। ବର୍ତ୍ତମାନ ଜୟନ୍ତୀ ସଂଘ ତରଫରୁ କୁଅ ଟି ସିମେଣ୍ଟ ଓ ପଥର ନେଇ ତିଆରି କରିଛନ୍ତି। ଧରଣୀଙ୍କ ଜନ୍ମ ଘରଟି , ନୁଆଁଣିଆ ଖପର ଏବଂ ଝାଟିମାଟି। ଘର ମଧରେ ଧରଣି ଙ୍କ ର ଆବକ୍ଷ ଫଟୋ ଚିତ୍ରରେ କୁଳ ବୋହୁ ମାନେ ଧୂପଦୀପଦେଉଥାନ୍ତି। ଏଥି ମଧ ରେ ଧରଣିଙ୍କର ପ୍ରପୌତ୍ର ନରହରି ଓ ପାଣ୍ଡବ ଆସିଥିଲେ। ଧରଣିଙ୍କ ବିଷୟରେ ଯାହା ଜାଣିଥିଲେ ସୂକ୍ଷ୍ମଭାବେ ବର୍ଣ୍ଣନା କଲେ। ୧୮୬୪ ମସିହା ରୁ ଆଜି ପର୍ଯ୍ୟନ୍ତ ଅନ୍ୟୁନଦେଢ଼ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ। ତାଙ୍କର ବର୍ତ୍ତମାନ ଜୀବିତ ବଂଶଧର ମାନେ ଏଥିମଧରେତିନି ପୁରୁଷ ରେ ପଦାର୍ପଣ ହୋଇସାରିଲାଣି। ମହାନ୍ ବିପ୍ଳବୀ ଧରଣୀ ଧର ଜନ୍ମ ମାଟି କୁସୁମିତ। ଛୋଟ ରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ତାଙ୍କର କିର୍ତ୍ତିକୁ ମନେ ରଖିଛନ୍ତି ଏବଂ ଜଣେ ଯୋଦ୍ଧାର ଦାୟଦ ବୋଲି ନିଜକୁ ଗର୍ବ କରୁଛନ୍ତି। ତାଙ୍କର କହିବା କଥା ବାଲ୍ୟକାଳ ରୁ ଧରଣୀ ଥିଲେ ଜଣେ ସାଧକ ଓ ତପସ୍‌ବୀମନସ୍କ। ଖୁବ୍ କମ୍ ପଦା କୁ ଆସୁଥିଲେ ନିତୁବା ପଢା ପଢ଼ି ରେ ବ୍ୟସ୍ତ ରହୁଥିଲେ। ଶୂନ୍ୟ ବ୍ରହ୍ମ ଅର୍ଥାତ୍ ମହିମା ଧର୍ମ ର ଉପାସକ ଭାବେ ଜୀବନ ଚର୍ଯ୍ୟା କରୁଥିଲେ। କିନ୍ତୁ ଛାତ୍ର ହିସାବରେ ମେଧାବୀ ଥିଲେ। ମ୍ୟାଟ୍ରିକ୍ ଯାଏ ପାଠ ପଢିବା ପରେ,କେନ୍ଦୁଝର ରାଜାଙ୍କର ସାହାର୍ଯ୍ୟ ପାଇ କଟକ ରେ ସର୍ଭେ ପାଠ ପଢିଥିଲେ ଏବଂ ରାଜ ଦରବାରରେ ଚାକିରି ମଧ କରିଥିଲେ। ରାଜଙ୍କ ଆଦେଶ ପାଇ କେନ୍ଦୁଝର ସିଂହଭୂମି ସୀମା ନିର୍ଦ୍ଧାରଣ ସମୟ ରେ ଭୂୟାଁ ମେଳି ହୋଇଥିଲା। ଜାତିଭାଇଙ୍କ ଡାକରା ପାଇ ସେଥିରେ ସେ ଯୋଗ ନେଇଥିଲେ ଉପରେ ଜୀବନ ରେ କୁସୁମିତ ଗ୍ରାମ କୁ ଫେରି ନ ଥିଲେ ବୋଲି ସମସ୍ତେ ଜାଣନ୍ତି।

୨୦୦୧ ମସିହା ରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପରଠାରୁ ଗାଁ କୁ ପିଚୁ ରାସ୍ତା ସହ ବିଦ୍ୟୁତ୍ କାରଣ ହୋଇଛି। ଆବାସିକ, ଉଚ୍ଚ ବିଦ୍ୟାଳୟ ହୋଇଛି। ପାନୀୟ ଜଳ ନିମନ୍ତେ ନଳକୂପ ଖୋଲାଯାଇଛି କିନ୍ତୁ ଖରା ଦିନେ ସରକାରୀ କୁଅ ଶୁଖିଗଲେ ମଧ ଧରଣୀ ଓ ଗୋପାଳ ଖୋଳିଥିବା କୁଅର ପାଣି ଶୁଖି ନ ଥାଏ।ଗ୍ରାମ ର ସମସ୍ତ ଅଧିବାସୀ ଏହି ପଥର ବନ୍ଧ କୂଅ ଉପରେ ନିର୍ଭରଶୀଳ । ଗ୍ରାମ ବାସୀ ମାନେ କହନ୍ତି , ବର୍ତ୍ତମାନ ସରକାର ଆସିବା ପରେ, ସଦର ନିର୍ବାଚନ ମଣ୍ଡଳୀ ବିଧାୟକ ତଥାବର୍ତ୍ତମାନର ମୁଖ୍ୟମନ୍ତ୍ରୀଗ୍ରାମ ପରିଦର୍ଶନ ରେ ଆସି କୁସୁମିତ ଗ୍ରାମରେ ଧରଣୀଙ୍କ ଜନ୍ମ ସ୍ଥାନକୁ ସ୍ମରଣୀୟ କରି ବିକାଶ କରିବାନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। କ୍ଷେତ୍ର ପରିଦର୍ଶନ ଓ ବାସ୍ତବ ଅନୁଭବ ପରେ ମନେ ହୁଏ ସତ୍ୟ ବଡ ନିଷ୍ଠୁର। ଆଦିବାସିମାନଙ୍କ ନିମନ୍ତେ ସରକାର ଅନେକ ଉନ୍ନୟନ ତଥା ବିକାଶ ମୂଳକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ମଧ ବିକାଶ ର ପାହାଚ ଉଠିବା ପାଇଁ ଆହୁରି ଅନେକ ବାଟ ଥିବା ଭଳି ମନେ ହୁଏ। ଶିକ୍ଷା,ସ୍ୱାସ୍ଥ୍ୟ,ଅପପୃଷ୍ଟି, ଇତ୍ୟାଦି ମୌଳିକ ସୁବିଧାର ହିତାଧିକାରୀ ହେବା ପାଇଁ ଯେତିକି ଆତ୍ମ ବିଶ୍ୱାସ ଓ ଅଧିକାର ସାବ୍ୟସ୍ତ ଦରକାର ସେ ଅନୁସାରେ ପ୍ରକୃତ ମାର୍ଗ ଦର୍ଶକ ଅଭାବ ପରିଲକ୍ଷିତ ହୁଏ। ମନେ ହୁଏ ଯୋଜନା ଓ ହିତାଧିକାରୀ ମଧରେ ଅନେକ , ତଫାତଆଜି ବି ଧରଣୀ ଧରରଦାୟଦମାନେ, ନୁଆଁଣିଆଝାଟିମାଟି ଖପର ଘରେ ରହୁଛନ୍ତି। ଆଣ୍ଠୁ ଲୁଚୁନଥିବା ଧୋତି ଗାମୁଛା ପିନ୍ଧୁଛନ୍ତି। ଅନେକ ପ୍ରଚାର ପ୍ରସାର ସତ୍ତ୍ୱେ ସଭ୍ୟତା ର ବହୁ ପଛରେ ଥିବା ମନେ ହୁଏ। ସେମାନେ ଶାନ୍ତ ସରଳ ଓ ନିରୀହ,ଉଚ୍ଚଭିଲାଶ ରୁ ଅନେକ ଦୂରରେ। ନିଜେ ନରହରି ନାଏକ ୭୦ ବର୍ଷ ର ହୋଇଥିଲେ ମଧ ଆଧାର କାର୍ଡର ଭୁଲ ଜନ୍ମ ତାରିଖ ପାଇଁ ଭତ୍ତା ଖଣ୍ଡକ ପାଇଁ ପଞ୍ଚାୟତ ଅଫିସ୍ ଧାଉଁଚନ୍ତି।

ସେମାନେ ସରଳ ନିଷ୍କପଟ ଓ ସ୍‌ବାଭିମାନୀ ଜାତି, ନିଜର ହକ ଆଦାୟ କରିବାକୁ ମଧ କୁଣ୍ଠାବୋଧ କରୁଛନ୍ତି। ଯାହା ଦ୍‌ବାରା ସରକାରୀ ଅନୁଦାନ ଉପରେ ନିର୍ଭରଶୀଳ ନ ରହି ନିଜର ସାମର୍ଥ୍ୟ ରେ ବଞ୍ଚିବାର ବାଟ ବାଛି ନେଇଛନ୍ତି। ଦେଶ ସ୍ୱାଧୀନ ପର୍ଯ୍ୟନ୍ତ ରାଜତନ୍ତ୍ର ର ଷଡ଼ଯନ୍ତ୍ର ତାଙ୍କ ଗାଁ ରୁ ଗୁପ୍ତ ଖବର ଆଦାୟ କରିବା ପରି ପ୍ରତିକୂଳ ପରିସ୍ଥିତି ରେ ବିଦ୍ରୋହୀ ଦାୟଦର, ଆତ୍ମ ଗ୍ଲାନିର ଭାରଆଜି ବି ବାରି ହୋଇ ପଡୁଥାଏ।

ଆନନ୍ଦ ର ବିଷୟ ୧୯୮୩ ମସିହା ଠାରୁ କେନ୍ଦୁଝର ବିଜ୍ଞାନ କଲେଜ କୁ ତତ୍‌କାଳୀନ ସରକାରୀ ବିପ୍ଳବୀ ଧରଣୀ ଧର ଙ୍କ ନାମ ରେ ନାମିତ କରି ତାଙ୍କର ନାମ କୁ ଜନ ମାନସକୁ ଆଣିଥିଲେ। ବର୍ତ୍ତମାନ ତାଙ୍କ ନାମରେ ଦୁଇଟି ଶିକ୍ଷାୟତନ ଯଥାକ୍ରମେ ଧରଣିଧର ୟୁନିଭର୍ଶିଟି ଓ ଧରଣିଧରମେଡ଼ିକାଲ କଲେଜ ସ୍ଥାପନ କରାଯାଇଛି। କିଛିଦିନ ତଳେ ଯାଜପୁର ଜିଲ୍ଲା ର ଏକ ସାରସ୍ୱତ ସଂଗଠକ ମହାନ୍ ବିପ୍ଳବୀ ଧରଣୀ ଧରଙ୍କ ର ଆଳି ସ୍ଥିତ ଲକ୍ଷ୍ମୀ ବରାହ ସମାଧି ପୀଠ ରେ ଗସ୍ତ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳିଓ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଉକ୍ତ ଫଳକ ରେ ତାଙ୍କର ମହା ପ୍ରୟାଣ ଦିବସ ୧୬.୦୫.୧୯୪୪ ଉଲ୍ଲେଖ ଥିବା ସ୍ଥଳେ, ଜନ୍ମ ମାଟି ପ୍ରତିମୂର୍ତ୍ତି ନିକଟରେ ତାଙ୍କର ତିରୋଧାନ ଦିବସ ୧୬.୫.୧୯୧୪ ଲେଖାଯାଇଛି। ଅତଏବ ତାଙ୍କର ପ୍ରକୃତ ମହାପ୍ରୟାଣ ଦିବସ ଗବେଷଣା ସାପେକ୍ଷ। ତାଙ୍କର କୀର୍ତ୍ତି ରାଜ।ସୁତରାଂ , ତାଙ୍କର କୀର୍ତି ରାଜ୍ୟ କେବଳ କେନ୍ଦୁଝରରେ ସୀମା ବଦ୍ଧ ନଥିଲା ବରଂ ବନ୍ଦୀ ଜୀବନରୁ ମୁକ୍ତ ହେଲା ପରେ ପବିତ୍ର ଶ୍ରୀକ୍ଷେତ୍ର ପୁରୀ ଧାମ ଯାଇ ଅନେକ ସାଧନା କରିଥିଲେ। ଜଗନ୍ନାଥ ଙ୍କ ଆଶୀର୍ବାଦ ପାଇ ପୁନର୍ବାର କେନ୍ଦ୍ରାପଡ଼ା ସ୍ଥିତ ଆଳି କୁ ଫେରି ସେଠାରେ ସାଧନାରେ ଲିପ୍ତ ରହି ଜିବନର ଶେଷ ପର୍ଯ୍ୟନ୍ତ ଜନ ସାଧାରଣ ଙ୍କ ସେବା କରୁଥିଲେ। ମହାନାୟକ ଧରଣୀଧରଙ୍କର ଜୟନ୍ତୀ ପାଳନ ପାଇଁ ଜନ୍ମ ତାରିଖ ୫.୫.୧୮୬୪ ନିମନ୍ତେ ରାଜ୍ୟ ସରକାର ତତ୍ପର ହୋଇ ପ୍ରକାଶ କରିଛନ୍ତି। ତାଙ୍କର ଜନ୍ମ ସ୍ଥାନ କୁସୁମିତ ଗ୍ରାମର ଚଳ ଚଞ୍ଚଳ। ଆଜି ର ଏହି ପବିତ୍ର ଦିବସରେ , ସମସ୍ତ ଦଳ ମତ ଧର୍ମ ସବିଶେଷ ରେ ରାଜନେତା , ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ସମାଜ ସେବୀ ସମସ୍ତ ଚିନ୍ତା କରିବା ର ସମୟ ଉପସ୍ଥିତ। ଧରଣୀ ଧର ଙ୍କ ନାମ ଫଳକ ର ସୀମିତ ନ ରଖି ତାଙ୍କର ଆତ୍ମ ର ଚିନ୍ତା ଓ ଚେତନା କୁ ପ୍ରଚାର ଓ ପ୍ରସାର ମାଧମ ରେ ଅନ୍ୟାୟ ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସଂଗ୍ରାମ କରି ସୁସ୍ଥ ସଂସ୍କୃତି ଓ ସ୍ୱୟଂସମ୍ପୂର୍ଣ୍ଣ ସମାଜ ଗଠନ ପାଇଁ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଇ ପାରିଲେ ଧରଣୀ ଧର ଙ୍କ ପ୍ରତି ପୂଜ୍ୟ ପୂଜା ର ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

**ଅବସର ପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ**
**ବିବେକାନନ୍ଦ ମାର୍ଗ, କେନ୍ଦୁଝର ସହର**
**ମୋବାଇଲ୍: ୯୪୩୭୨୫୭୨୦୦**

ୟୁରୋପକୁ ଜୟଶଙ୍କରଙ୍କ ଟାର୍ଗେଟ

# ଭାରତ ସହଯୋଗୀ ଖୋଜୁଛି, ପ୍ରଚାରକ ନୁହେଁ



**ନୂଆଦିଲ୍ଲୀ, ୪।୫:** ଭାରତ ସହ ଗଭୀର ସମ୍ପର୍କ ରଖିବାକୁ ଚାହୁଁଥିଲେ ୟୁରୋପ ଅଧିକ ସମ୍ବେଦନଶୀଳତା ଓ ପାରସ୍ପରିକ ସ୍ୱାର୍ଥ ପ୍ରଦର୍ଶନ କରିବାକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଆହ୍ୱାନ ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ନୂଆଦିଲ୍ଲୀ 'ସମର୍ଥକ ଖୋଜୁଛି, ପ୍ରଚାରକଙ୍କୁ ନୁହେଁ।' 'ଆର୍କ୍ଟିକ୍ ସର୍କଲ ଇଣ୍ଡିଆ ଫୋରମ୍'ରେ ଯୋଗଦେଇ ଜୟଶଙ୍କର 'ରୁଷିଆ ବାସ୍ତବବାଦ'ର ଦୀର୍ଘଦିନର ସମର୍ଥନ ଉପରେ ଆଲୋକପାତ କରିବା ସହ ଦୁଇ ଦେଶ ମଧ୍ୟରେ 'ଗୁରୁତ୍ୱପୂର୍ଣ୍ଣ ସଂପର୍କ' ଏବଂ 'ସମ୍ପୂର୍ଣ୍ଣତା' ଉପରେ ଆଲୋକପାତ କରିଥିଲେ।

ସେ ରୁଷିଆକୁ ଏକ ସମ୍ବଳ ପ୍ରଦାନକାରୀ ଏବଂ ଭାରତକୁ ଏକ ସମ୍ବଳ ଉପଭୋକ୍ତା ଭାବରେ ବର୍ଣ୍ଣନା କରିଥିଲେ । ଋଷିଆ-ୟୁକ୍ରେନ ବିବାଦର ସମାଧାନ ପାଇଁ ପୂର୍ବ ପାଶ୍ଚାତ୍ୟ ପ୍ରୟାସକୁ ମଧ୍ୟ ସେ ସମାଲୋଚନା କରିଛନ୍ତି। ଏଭଳି ପ୍ରୟାସକୁ ସେ 'ବାସ୍ତବବାଦର ମୌଳିକ ଦିଗପ୍ରତି ଚ୍ୟାଲେଞ୍ଜ' ବୋଲି କହିଛନ୍ତି। ଜୟଶଙ୍କର କହିଛନ୍ତି, ଯେମିତି ମୁଁ ରୁଷୀୟ ବାସ୍ତବବାଦର ସମର୍ଥକ, ଠିକ୍ ସେହିପରି ଆମେରିକୀୟ ବାସ୍ତବବାଦର ସମର୍ଥକ। ମୁଁ ଭାବୁଛି ଆଜିର ଆମେରିକା ସହ ଜଡ଼ିତ ହେବାର ସର୍ବୋତ୍ତମ ଉପାୟ ହେଉଛି ଆଦର୍ଶଗତ ମତଭେଦକୁ ଆଗୁଆ ରଖିବା ପରିବର୍ତ୍ତେ ସ୍ୱାର୍ଥର ପାରସ୍ପରିକତା ଖୋଜିବା ଏବଂ ତା'ପରେ ଏହାକୁ ଏକାଠି କାମ କରିବାର ସମ୍ଭାବନାକୁ ଦେଖିବା। ୟୁରୋପଠାରୁ ଭାରତର ଆଶା ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ୟୁରୋପ ପ୍ରଚାର ଠାରୁ ଆଗକୁ ବଢ଼ିବା ଉଚିତ ଏବଂ ଅଂଶୀଦାର ସ୍ୱାର୍ଥ ଆଧାରରେ କାର୍ଯ୍ୟ କରିବା ଉଚିତ୍ ।

ଯେତେବେଳେ ଆମେ ଦୁନିଆକୁ ଦେଖୁ, ଆମେ ପାର୍ଟନର ଖୋଜିଥାଉ; ଆମେ ପ୍ରଚାରକ ଖୋଜୁନାହୁଁ, ବିଶେଷ କରି ପ୍ରଚାରକ, ଯେଉଁମାନେ ଦେଶରେ ଅଭ୍ୟାସ କରନ୍ତି ନାହିଁ କିନ୍ତୁ ବିଦେଶରେ ପ୍ରଚାର କରନ୍ତି। ମୁଁ ଭାବୁଛି ୟୁରୋପର କିଛି ଅଂଶ ଏବେ ବି ସେହି ସମସ୍ୟା ସହ ସଂଘର୍ଷ କରୁଛନ୍ତି। ସେଗୁଡ଼ିକର କିଛି ଅଂଶ ବଦଳିଯାଇଛି,' ସେ ଉଲ୍ଲେଖ କରିଛନ୍ତି, ଯାହା ସୂଚାଉଛି ଯେ ୟୁରୋପ 'ବାସ୍ତବତା ଯାଞ୍ଚର ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ପ୍ରବେଶ କରିଛି। ଏବେ ସେମାନେ ଏଥିରେ ପାଦ ଦେଇପାରିବେ କି ନାହିଁ, ତାହା ଆମକୁ ଦେଖିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଏକ ସୁଦୃଢ଼ ଭାଗିଦାରୀ ଗଠନ ପାଇଁ ସର୍ତ୍ତ ରଖି ଜୟଶଙ୍କର କହିଛନ୍ତି, କିଛି ବୁଝାମଣା ରହିବା ଦରକାର, କିଛି ସମ୍ବେଦନଶୀଳତା ରହିବା ଦରକାର, ପାରସ୍ପରିକ ସ୍ୱାର୍ଥ ରହିବା ଦରକାର ଏବଂ ବିଶ୍ୱ କିପରି କାର୍ଯ୍ୟ କରେ ତାହାର ଅନୁଭବ ହେବା ଦରକାର। ଏବଂ ମୁଁ ଭାବୁଛି ୟୁରୋପର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସ୍ତରରେ ଏସବୁ କାର୍ଯ୍ୟ ଚାଲିଛି ବୋଲି ସେ କହିଛନ୍ତି।

ମିଛରେ ମୁହଁ ଫୁଟାଣି ମାରୁଛି ପାକିସ୍ତାନ

# ୪ ଦିନ ପାଇଁ ଯୁଦ୍ଧ କରିପାରିବ ପାକ୍ ସେନା



ତୋପ,ଗୋଳାବାରୁଦର ଘୋର ଅଭାବ

**ନୂଆଦିଲ୍ଲୀ, ୪।୫:** ମିଛରେ ମୁହଁ ଫୁଟାଣି ମାରୁଛି ପାକିସ୍ତାନ। ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତ ସହ ଉତ୍ତେଜନା ଲାଗି ରହିଥିବା ବେଳେ ପାକିସ୍ତାନୀ ସେନା ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରଶସ୍ତ୍ରର ଘୋର ଅଭାବ ସହ ସଂଘର୍ଷ କରୁଛି ଏବଂ ଏହାର ଯୁଦ୍ଧ କ୍ଷମତା ମାତ୍ର ୪ ଦିନ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ୟୁକ୍ରେନ୍ ଓ ଇସ୍ରାଏଲ ସହ ପାକିସ୍ତାନର ନିକଟରେ ହୋଇଥିବା ଅସ୍ତ୍ରଶସ୍ତ୍ର ଚୁକ୍ତି ଯୋଗୁଁ ଏହି ଅସ୍ତ୍ରଶସ୍ତ୍ରର ଅଭାବ ଦେଖାଦେଇଛି।

ଆନ୍ତର୍ଜାତିକ ସଂଘର୍ଷ ଆଶଙ୍କା ମଧ୍ୟରେ ସାମରିକ ଯୋଗାଣ କରୁଥିବା ପାକିସ୍ତାନ ଅର୍ଡିନାନ୍ସ ଫ୍ୟାକ୍ଟ୍ରି (ପିଓଏଫ) ବିଶ୍ୱର ଚାହିଦା ବୃଦ୍ଧି ଏବଂ ପୁରୁଣା ଉତ୍ପାଦନ ସୁବିଧା ମଧ୍ୟରେ ଯୋଗାଣ ଭରିବା ପାଇଁ ସଂଘର୍ଷ କରୁଛି। ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ପଡ଼ୋଶୀ ଦେଶ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଅନେକ ପାକିସ୍ତାନୀ ନେତା ଦାବି କରିଛନ୍ତି। ସେମାନେ କହିଛନ୍ତି ଯେ ଭାରତୀୟ ଆକ୍ରମଣ ବା ଦୁଃସାହସକୁ ସେମାନଙ୍କ ଅସ୍ତ୍ରଶସ୍ତ୍ର ବାହିନୀ ଉଚିତ ଜବାବ ଦେବା ଉଚିତ। ଯୋଗାଣ ହ୍ରାସ ଯୋଗୁଁ ପାକିସ୍ତାନର ଗୋଳାବାରୁଦ ଭଣ୍ଡାର ମାତ୍ର ୯୬ ଘଣ୍ଟାର ଉଚ୍ଚ ତୀବ୍ରତାର ସଂଘର୍ଷକୁ ବଜାୟ ରଖିପାରିବ ଏବଂ ଏହାର ସାମରିକ ଶକ୍ତି ଦୁର୍ବଳ ହେଉଛି ବୋଲି ସୂତ୍ର ପ୍ରକାଶ। ସାଧାରଣତଃ ପାକିସ୍ତାନର ସାମରିକ ନୀତି ଭାରତର ସଂଖ୍ୟାଗତ ଶ୍ରେଷ୍ଠତାର ମୁକାବିଲା କରିବା ପାଇଁ ଦ୍ରୁତ ସଚେତନତା ଉପରେ କେନ୍ଦ୍ରୀଭୂତ ହୋଇଥାଏ। ଭାରତୀୟ ସାମରିକ କାର୍ଯ୍ୟାନୁଷ୍ଠାନକୁ ରୋକିବା ପାଇଁ ସେନା ପାଖରେ ଏମ୍ ୧୦୯ ହୋୱିତ୍ଜର୍ ପାଇଁ ୧୫୫ ମିଲିମିଟର ଓ ବିଏମ୍-୨୧ ସିଷ୍ଟମ୍ ପାଇଁ ୧୨୨ ମିଲିମିଟର ରକେଟ୍ ନାହିଁ। ଏଗୁଡ଼ିକରେ ଏହାକୁ ଥିବା ଅନେକ ପୋଷ୍ଟରେ ଦାବି କରାଯାଇଥିଲା ଯେ ୧୫୫ ମିଲିମିଟର ଆର୍ଟିଲେରି ସେଲକୁ ୟୁକ୍ରେନକୁ ରପ୍ତାନୀ କରାଯାଇଥିଲା, ଯାହା ବିପଜ୍ଜନକ ଭାବରେ ମହଜୁଦ ରହିଛି। ମିଡିଆ ସୂଚନା ଅନୁଯାୟୀ, ପାକିସ୍ତାନୀ ପ୍ରଶାସନ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଗୋଳାବାରୁଦ ଅଭାବକୁ ନେଇ ଗଭୀର ଚିନ୍ତିତ ଓ ଆଶଙ୍କିତ ଅଛନ୍ତି। ଗତ ୨ ତାରିଖରେ ସ୍ପେଶାଲ କର୍ପସ୍ କମାଣ୍ଡର ସମ୍ମିଳନୀରେ ଏହି ପ୍ରସଙ୍ଗ ଉଠିଥିଲା। ଗୁଇନ୍ଦା ରିପୋର୍ଟକୁ ଉଦାହରଣ ଦେଇ ସୂତ୍ରରୁ ପ୍ରକାଶ ଯେ ସମ୍ଭାବ୍ୟ ଆକ୍ରମଣ ଆଶଙ୍କାରେ ପାକିସ୍ତାନ ଭାରତ-ପାକିସ୍ତାନ ସୀମା ନିକଟରେ ଗୋଳାବାରୁଦ ଭଣ୍ଡାର ନିର୍ମାଣ କରିଛି।

## ପାକିସ୍ତାନରୁ ଆସୁଥିଲା, ଧରି ପକାଇଲା ସେନା

**ନୂଆଦିଲ୍ଲୀ,୪।୫:** ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଏବେ ଉଗ୍ର ରୂପ ଧାରଣ କରିଛି। ସ୍ଥିତି ହୋଇଛଇ କି ଭାରତ ଉପରେ ପାକିସ୍ତାନ ଡିଜିଟାଲ ଷ୍ଟ୍ରାଇକ୍ କରିଛି। ଏହିସହ ବର୍ଷସାରା ପାକ୍‌କୁ ପାଣି ଯୋଗାଉଥିବା ସିନ୍ଧୁ ନଦୀର ପାଣି ମଧ୍ୟ ବନ୍ଦ କରିଛି। ଏହିସହ ପାକିସ୍ତାନରୁ ଆମଦାନୀ ହେଉଥିବା ସବୁ ଜିନିଷକୁ ପୁରା ବ୍ୟାନ କରିଛି କିନ୍ତୁ ଏହାରି ଭିତରେ ସାଂଘାତିକ ଜିନିଷ ଖୁଲାସା ହୋଇଛି। ବାଣିଜ୍ୟ ଉପରେ କଟକଣା ଥାଇ ମଧ୍ୟ, ପାକିସ୍ତାନୀ ସାମଗ୍ରୀ ଦୁବାଇ ଓ ଶ୍ରୀଲଙ୍କା ମାଧ୍ୟମରେ ଭାରତୀୟ ବଜାରରେ ପହଞ୍ଚୁଛି। ଏକ ରିପୋର୍ଟ ଅନୁଯାୟୀ, ପ୍ରାୟ ୫୦୦ ମିଲିୟନ ଡଲାର ମୂଲ୍ୟର ପାକିସ୍ତାନୀ ସାମଗ୍ରୀ ଏହି ପରୋକ୍ଷ ପଥ ଦେଇ ଭାରତରେ ପ୍ରବେଶ କରୁଛି। ପାକିସ୍ତାନୀ ଫଳ, ଶୁଷ୍କ ଖଜୁରୀ, ଚର୍ମ ଜାତୀୟ ସାମଗ୍ରୀ ଏବଂ ବସ୍ତ୍ର ଦୁବାଇରେ ପୁନଃପ୍ୟାକେଜିଂ ଏବଂ ରି-ଲେବଲିଂ କରାଯାଇ ଭାରତକୁ ରପ୍ତାନି ହେଉଛି। ସେହିପରି, ରାସାୟନିକ ସାମଗ୍ରୀ ସିଙ୍ଗାପୁର ଓ ଇଣ୍ଡୋନେସିଆ ମାଧ୍ୟମରେ ଭାରତରେ ପ୍ରବେଶ କରୁଛି। ଏହା ବ୍ୟତୀତ, ରକ୍ ଲୁଣ ଭଳି ସାମଗ୍ରୀ ମଧ୍ୟ ଏହି ରୁଟ୍ ଦେଇ ଆସୁଛି।

# ପଦ୍ମଶ୍ରୀ ବାବା ଶିବାନନ୍ଦଙ୍କ ୧୨୮ ବର୍ଷ ବୟସରେ ପରଲୋକ



**ବାରାଣାସୀ, ୪।୫:** ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ତଥା ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ବାବା ଶିବାନନ୍ଦଙ୍କର ଶନିବାର ରାତିରେ ପରଲୋକ ଘଟିଛି। ସ୍ୱାସ୍ଥ୍ୟଗତ ସମସ୍ୟା ଅନୁଭବ କରିବାରୁ ତାଙ୍କୁ ଏପ୍ରିଲ ୩୦ ତାରିଖରେ ବିଏଚୟୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶିଷ୍ୟମାନଙ୍କ କହିବା ଅନୁଯାୟୀ, ମୃତ୍ୟୁ ବେଳକୁ ବାବା ଶିବାନନ୍ଦଙ୍କୁ ୧୨୮ ବର୍ଷ ହୋଇଥିଲା। ଶେଷ ଦର୍ଶନ ପାଇଁ ତାଙ୍କ ପାର୍ଥିବ ଶରୀରକୁ କବୀରନଗର କଲୋନୀସ୍ଥିତ ତାଙ୍କ ବାସଭବନରେ ରଖାଯାଇଛି। ଆଜି ସନ୍ଧ୍ୟାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ୧୮୯୬ ମସିହା ଅଗଷ୍ଟ ୮ ତାରିଖରେ ବର୍ତ୍ତମାନର ବାଂଲାଦେଶର ସିଲେଟ ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ବାବା ଶିବାନନ୍ଦ ମାତ୍ର ୬ ବର୍ଷ ବୟସରେ ନିଜ ପିତାମାତାଙ୍କୁ ଅନାହାରରେ ହରାଇଥିଲେ । ସେମାନଙ୍କ ମୃତ୍ୟୁ ପରେ ଓଁକାରନନ୍ଦ ତାଙ୍କୁ ନେଇଗଲେ, ଯିଏ କି ତାଙ୍କ ଅଭିଭାବକ ଏବଂ ପରାମର୍ଶଦାତା ହୋଇଥିଲେ। ଓଁକାରନନ୍ଦଙ୍କ ତତ୍ତ୍ୱାବଧାନରେ ବାବା ଶିବାନନ୍ଦ ଆଧ୍ୟାତ୍ମିକ ଶିକ୍ଷା ଓ ଜୀବନ ଶିକ୍ଷା ଲାଭ କରିଥିଲେ। ଅତ୍ୟଧିକ ତପସ୍ୟା ଓ ଶୃଙ୍ଖଳିତ ଜୀବନ ଯାପନ ପାଇଁ ସେ ଜଣାଶୁଣା ଥିଲେ। ତାଙ୍କ ଅନୁଗାମୀମାନେ କହିଛନ୍ତି ଯେ ସେ ଏକ କଠୋର ଜୀବନଶୈଳୀ ଅନୁସରଣ କରି ସୁଦୃଢ଼ ସ୍ୱାସ୍ଥ୍ୟ ବଜାୟ ରଖିଥିଲେ। କେବଳ ସିଝା ଖାଦ୍ୟ ଖାଇବା, ପ୍ରତିଦିନ ଭୋର ୩ଟାରେ ଉଠିବା, ଯୋଗ ଅଭ୍ୟାସ କରିବା ଏବଂ ନିଜେ ତାଙ୍କର ସମସ୍ତ କାର୍ଯ୍ୟ କରୁଥିଲେ। ସେ ଏକ ମାଟିରେ ଶୋଇଥିଲେ ଏବଂ ସର୍ବଦା କେବଳ ଅଧା ପେଟରେ ଖାଦ୍ୟ ଖାଉଥିଲେ । ଯୋଗ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ତାଙ୍କର ଆଜୀବନ ଅବଦାନ ପାଇଁ ବାବା ଶିବାନନ୍ଦଙ୍କୁ ୨୦୨୨ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଯୋଗ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। କାଶୀର ପ୍ରସିଦ୍ଧ ଯୋଗ ଗୁରୁ ପଦ୍ମଶ୍ରୀ ସ୍ୱାମୀ ଶିବାନନ୍ଦଙ୍କ ଦେହାନ୍ତ ଅତ୍ୟନ୍ତ ଦୁଃଖଦାୟକ। ତାଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି!' ବୋଲି ସେ ଲେଖିଛନ୍ତି। ଆପଣଙ୍କ ସାଧନା ଓ ଯୋଗଭରା ଜୀବନ ସମଗ୍ର ସମାଜ ପାଇଁ ଏକ ବଡ଼ ପ୍ରେରଣା। ଯୋଗର ପ୍ରସାର ପାଇଁ ଆପଣ ନିଜର ପୂରା ଜୀବନ ଉତ୍ସର୍ଗ କରିଥିଲେ । ମୁଁ ବାବା ବିଶ୍ୱନାଥଙ୍କୁ ପ୍ରାର୍ଥନା କରୁଛି ଯେ ଦିବଂଗତ ଆତ୍ମାକୁ ମୁକ୍ତି ଦିଅନ୍ତୁ ଏବଂ ତାଙ୍କ ଶୋକସନ୍ତପ୍ତ ଅନୁଗାମୀମାନଙ୍କୁ ଏହି ଅସୀମ ଦୁଃଖ ସହିବା ପାଇଁ ଶକ୍ତି ଦିଅନ୍ତୁ । ଓମ୍ ଶାନ୍ତି!'' ବୋଲି ସେ କହିଛନ୍ତି।

# ସେନା ଗାଡ଼ି ଖାଲକୁ ଖସିପଡ଼ିବାରୁ ୩ ଯବାନ ସହିଦ



**ରାମବନ,୪।୫:** ଜମ୍ମୁ-କାଶ୍ମୀରର ରାମବନ ଜିଲ୍ଲାରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସେନାର ୩ ଜଣ ଯବାନଙ୍କ ମୃତ୍ୟୁ ଘଟିଛି। ଜମ୍ମୁରୁ ଶ୍ରୀନଗର ଅଭିମୁଖେ ଯାଉଥିବା ୪୪ ନମ୍ବର ଜାତୀୟ ରାଜପଥରେ ସେନାର ଏହି ଟ୍ରକ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ବେଳେ ବ୍ୟାଟେରି ଚସ୍ମା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସଙ୍ଗେ ସଙ୍ଗେ ସେନା, ପୁଲିସ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସଡିଆରଏଫ) ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲେ। ଦୁର୍ଘଟଣାସ୍ଥଳରୁ ତିନି ଯବାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକମାନେ ହେଲେ ସିପାହୀ ଅମିତ କୁମାର, ସୁଜିତ କୁମାର ଓ ମାନ ବାହାଦୁର। ଅଧିକାରୀମାନେ କହିଛନ୍ତି ଯେ ଗାଡ଼ିଟି ଖାଲକୁ ଖସିପଡ଼ିବାରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା, ଯାହା ଲୁହା ଲକଡି ଗଦାରେ ପରିଣତ ହୋଇଯାଇଥିଲା।

● କ୍ଷେପଣାସ୍ତ୍ର ଆକ୍ରମଣ ଭୟ

# ଦିଲ୍ଲୀରୁ ଇସ୍ରାଏଲ ବିମାନର ରୁଟ ବଦଳ

**ନୂଆଦିଲ୍ଲୀ, ୪।୫:** ନୂଆଦିଲ୍ଲୀରୁ ଇସ୍ରାଏଲର ତେଲ ଅଭିଭ ଯାଉଥିବା ଏୟାର ଇଣ୍ଡିଆ ବିମାନକୁ ଆବୁଧାବିକୁ ଡାଇଭର୍ଟ କରାଯାଇଛି । ପ୍ରକୃତରେ ବିମାନ ଅବତରଣ କରିବାର କିଛି ସମୟ ପୂର୍ବରୁ ତେଲ ଅଭିଭ ବିମାନବନ୍ଦର ନିକଟରେ ଏକ କ୍ଷେପଣାସ୍ତ୍ର ଆକ୍ରମଣ ହୋଇଥିଲା। କୁହାଯାଉଛି ଯେ ଏହି ଆକ୍ରମଣ ୟେମେନରୁ କରାଯାଇଥିଲା। ଏୟାର ଇଣ୍ଡିଆର ବିମାନ ଏଆଇ୧୩୯ ତେଲ ଅଭିଭରେ ଅବତରଣ କରିବା ପାଇଁ ଆଉ ଗୋଟିଏ ଘଣ୍ଟାରୁ କମ୍ ସମୟ ବାକି ଥିଲା। ତେବେ ୟେମେନ ପକ୍ଷରୁ ଏକ କ୍ଷେପଣାସ୍ତ୍ର ବିମାନବନ୍ଦର ନିକଟରେ ମାଡ କରାଯାଇଥିଲା । ତେବେ ଏହି ସମୟରେ ଏୟାର ଇଣ୍ଡିଆ ବିମାନ ଜୋର୍ଡାନ ଆକାଶ ସୀମାରେ ଥିଲା। ଏହା ପରେ ଏହାକୁ ଡାଇଭର୍ଟ କରାଯାଇଥିଲା । ଏୟାର ଇଣ୍ଡିଆର ଜଣେ ମୁଖପାତ୍ର କହିଛନ୍ତି, 'ଆଜି ସକାଳେ ବେନ୍ ଗୁରିଅନ୍ ବିମାନବନ୍ଦରରେ ଏହି ଘଟଣା ପରେ ଦିଲ୍ଲୀରୁ ତେଲ ଅଭିଭ ଯାଉଥିବା ଏୟାର ଇଣ୍ଡିଆର ବିମାନକୁ ଆବୁଧାବିକୁ ଡାଇଭର୍ଟ କରାଯାଇଥିଲା।' ବିମାନଟି ଆବୁଧାବିରେ ସ୍ୱାଭାବିକ ଭାବରେ ଅବତରଣ କରିଛି ଏବଂ ଶୀଘ୍ର ଦିଲ୍ଲୀ ଫେରିବ। ତଥାପି ଆମର ଗ୍ରାହକ ଏବଂ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ତେଲ ଅଭିଭରୁ ଆମର ବିମାନ ଚଳାଚଳ ତୁରନ୍ତ ପ୍ରଭାବ ସହିତ ମେ ୬ ପର୍ଯ୍ୟନ୍ତ ସ୍ଥଗିତ ରଖାଯିବ।

# ଭକ୍ତଙ୍କ ପାଇଁ ଖୋଲିଲା ବଦ୍ରିନାଥ ଧାମ



**ଡେରାଡୁନ, ୪।୫:** ଛଅ ମାସର ଗ୍ରୀଷ୍ମକାଳୀନ ତୀର୍ଥଯାତ୍ରା ଋତୁ ଆରମ୍ଭ ଅବସରରେ ବିଶ୍ୱ ପ୍ରସିଦ୍ଧ ବଦ୍ରିନାଥ ଧାମର ଦ୍ୱାର ଭାରତ ତଥା ବିଶ୍ୱର ଭକ୍ତଙ୍କ ପାଇଁ ଆଜିଠୁ ଖୋଲାଯାଇଛି। ଭାରତୀୟ ସେନାର ଗଡ଼ୱାଲ ସ୍କାଉଟ୍ସ ରେଜିମେଣ୍ଟର ବ୍ୟାଣ୍ଡ୍ ଦ୍ୱାରା ପରିବେଷିତ ହୃଦୟକୁ ସ୍ପର୍ଶ କରୁଥିବା ଭକ୍ତିମୟ ସଙ୍ଗୀତ ମଧ୍ୟରେ ଏହି ପବିତ୍ର ସମାରୋହ ଅନୁଷ୍ଠିତ ହୋଇଥିଲା। ଉଦଘାଟନ ପରେ ମହାପ୍ରଭୁଙ୍କ ପ୍ରଥମ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ମଧ୍ୟ ବଦ୍ରିନାଥ ଧାମରେ ଉପସ୍ଥିତ ରହି ଏହି ପବିତ୍ର ପର୍ବକୁ ଦର୍ଶନ କରିବା ସହ ଭକ୍ତିଭାବ ଅର୍ପଣ କରିଥିଲେ। ଏହା ପୂର୍ବରୁ ମୁଖ୍ୟ ଦେବତା ଉଦ୍ଧବ ଜୀ ଓ କୁବେରଜୀଙ୍କ ସମେତ ଭଗବାନ ବଦ୍ରି ବିଶାଲଙ୍କ ସଭାର ମୂର୍ତ୍ତିକୁ ନେଇ ଦିବ୍ୟ ଦୋଳି (ପାଲିଙ୍କି ଶୋଭାଯାତ୍ରା), ଦେବଭରା ଯାତ୍ରା, ଗରୁଡ଼ ଉତ୍ସବ ପାଲିଙ୍କି ଏବଂ ଶଙ୍କରାଚାର୍ଯ୍ୟଙ୍କ ଆସନ ଶନିବାର ବଦ୍ରିନାଥ ଧାମରେ ପହଞ୍ଚିଥିଲା।ଭଗବାନ ନାରାୟଣଙ୍କ ଜନ୍ମସ୍ଥାନ ଲୀଳା ଧୁଙ୍ଗିରେ ପ୍ରାଚୀନ ରୀତିନୀତି ଅନୁସରଣ କରି ରାୱଲ ଅମରନାଥ ନମ୍ବୁଦିରୀ ପୁରୁଣା ବଜାର ଦେଇ ବଦ୍ରିନାଥ ମନ୍ଦିରର ସିଂହଦ୍ୱାର (ମୁଖ୍ୟ ଦ୍ୱାର) ପର୍ଯ୍ୟନ୍ତ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ମନ୍ଦିର ପରିସରରେ ପହଞ୍ଚିବା ପରେ ଶ୍ରଦ୍ଧାଳୁମାନେ 'ଜୟ ବଦ୍ରି ବିଶାଳ' ସ୍ଲୋଗାନ ଦେଇ ଦେବଭରା ଯାତ୍ରାକୁ ସ୍ୱାଗତ କରିବା ସହ ସମଗ୍ର ବଦ୍ରିଶ ପୁରୀକୁ 'ଜୟ ନାରାୟଣ'ର ସ୍ଲୋଗାନ ଦେଇଥିଲେ।

# ବିହାର ନିର୍ବାଚନ | ଏକାଠି ଲଢ଼ିବେ ଆରଜେଡି ଓ କଂଗ୍ରେସ୍

**ପାଟନା, ୪।୫:** ବିହାର ବିଧାନସଭା ନିର୍ବାଚନକୁ ନେଇ ବୈଠକର ପର୍ଯ୍ୟାୟ ଆରମ୍ଭ ହୋଇଛି। ରବିବାର ପାଟନାରେ ମହାଗଠବନ୍ଧନ ନେତାମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମହାଗଠବନ୍ଧନର ଏହି ବୈଠକରେ ଆରଜେଡି, କଂଗ୍ରେସ, ସିପିଆଇ, ସିପିଆଇଏମଏଲ, ସିପିଏମ, ବିଆଇପି ଦଳର ସଭାପତିମାନେ ଉପସ୍ଥିତ ଥିଲେ। ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଆରଜେଡି ସାଂସଦ ମନୋଜ ଝାଙ୍କର ଏକ ବଡ଼ ବୟାନ ସାମ୍ନାକୁ ଆସିଛି। ସେ କହିଥିଲେ ଯେ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଉତ୍ତମ ସମନ୍ୱୟ ସହିତ ମହାଗଠବନ୍ଧନର ଏଜେଣ୍ଡାକୁ ଆଗକୁ ନେବା। ସମଗ୍ର ମହାଗଠବନ୍ଧନ ୨୪୩ଟି ଆସନରେ ନିର୍ବାଚନ ଲଢୁଛି। ମନୋଜ ଝା କହିଛନ୍ତି, 'ସମ୍ପୂର୍ଣ୍ଣ ମହାଗଠବନ୍ଧନ ୨୦ ମଇରେ ଦେଶବ୍ୟାପୀ ଶ୍ରମିକ ଧର୍ମଘଟକୁ ସମର୍ଥନ କରିବ। ନିର୍ବାଚନରେ ତେଜସ୍ୱୀ ଯାଦବଙ୍କ ଚେହାରାକୁ ନେଇ କୌଣସି ବିବାଦ ନାହିଁ। ଆମକୁ ଘୋଷଣା ପାଇଁ ବହୁତ ଆନ୍ତରିକତାର ସହିତ ଅପେକ୍ଷା କରିବାକୁ ପଡିବ ଏବଂ ଘୋଷଣା ସମୟ ଅନୁସାରେ କରାଯିବ।' ତାଙ୍କର ବିବୃତ୍ତିରୁ ଏହା ମଧ୍ୟ ସ୍ପଷ୍ଟ ହୋଇଛି ଯେ ମହାଗଠବନ୍ଧନରେ କୌଣସି ଫାଟ କିମ୍ବା ବିବାଦ ଗୁଜବର କୌଣସି ସତ୍ୟତା ନାହିଁ।

# ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଲେ ବାୟୁସେନା ମୁଖ୍ୟ ମାର୍ଶାଲ



**ନୂଆଦିଲ୍ଲୀ, ୪।୫:** ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ୁଥିବା ବେଳେ ବାୟୁସେନା ମୁଖ୍ୟ ମାର୍ଶାଲ ଅମର ପ୍ରୀତ ସିଂହ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କେ ତ୍ରିପାଠୀ ଶନିବାର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାଙ୍କ ଲୋକ କଲ୍ୟାଣ ମାର୍ଗ ସ୍ଥିତ ବାସଭବନରେ ଭେଟିବା ପରେ ଏହା ସାମ୍ନାକୁ ଆସିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନୀଲ ଚୌହାନ ଏବଂ ତିନି ସେନା ମୁଖ୍ୟଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହେବାର କିଛି ଦିନ ପରେ ବାୟୁସେନା ମୁଖ୍ୟ ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ଉପସ୍ଥିତ ଥିଲେ। ପହଲଗାମରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହେବାର ଗୋଟିଏ ଦିନ ପରେ ସୁରକ୍ଷା ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଏସ୍)ର ଏକ ବୈଠକ ବସିଥିଲା। ଆତଙ୍କବାଦକୁ କଡ଼ା ଝଟକା ଦେବା ପାଇଁ ଭାରତର ରାଷ୍ଟ୍ରୀୟ ସଂକଳ୍ପକୁ ସରକାର ଦୃଢ଼ କରିଛନ୍ତି। ଏହି ଆକ୍ରମଣ ପାଇଁ ଦାୟୀ ଆତଙ୍କବାଦୀ ଓ ଏହା ପଛରେ ଥିବା ଷଡ଼ଯନ୍ତ୍ରକାରୀଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି କୁହାଯାଇଛି। ଭାରତର ଜବାବର ପଦ୍ଧତି, ଲକ୍ଷ୍ୟ ଏବଂ ସମୟ ନିର୍ଦ୍ଧାରଣ କରିବା ପାଇଁ ସରକାର ସଶସ୍ତ୍ର ବାହିନୀକୁ ସମ୍ପୂର୍ଣ୍ଣ ପରିଚାଳନାଗତ ସ୍ୱାଧୀନତା ଦେଇଛନ୍ତି। ଜମ୍ମୁ-କାଶ୍ମୀରରେ ସଫଳ ନିର୍ବାଚନ ଆୟୋଜନ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ଦିଗରେ ଏହାର କ୍ରମାଗତ ଅଗ୍ରଗତି ପରିପ୍ରେକ୍ଷୀରେ ଏହି ଆକ୍ରମଣ ହୋଇଥିବା ସୂଚନା ମିଳିଛି। ଏପ୍ରିଲ ୨୨ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସମ୍ଭାବ୍ୟ ଭାରତୀୟ ସାମରିକ କାର୍ଯ୍ୟାନୁଷ୍ଠାନ ନେଇ କଳ୍ପନାଜଳ୍ପନାର ଜବାବରେ ପାକିସ୍ତାନ ପରମାଣୁ ପ୍ରତିଶୋଧ ସମେତ ଅନେକ ଉତ୍ତେଜନାମୂଳକ ଧମକ ଦେଇଛି। ଯଦି ଭାରତ ଆକ୍ରମଣ କରେ ତେବେ ସମ୍ପୂର୍ଣ୍ଣ ଶକ୍ତି ବ୍ୟବହାର କରାଯିବ ବୋଲି ରୁଷରେ ଅବସ୍ଥାପିତ ପାକିସ୍ତାନ ରାଷ୍ଟ୍ରଦୂତ ଚେତାବନୀ ଦେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ୍ ମଧ୍ୟ ସିନ୍ଧୁ ନଦୀରେ ଭାରତୀୟ ଭିତ୍ତିଭୂମିକୁ ଟାର୍ଗେଟ କରିବେ ବୋଲି ଧମକ ଦେଇ କହିଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନର ଅନ୍ୟ ଅଧିକାରୀମାନେ ଆଣବିକ କ୍ଷେପଣାସ୍ତ୍ର ସାମର୍ଥ୍ୟ ପ୍ରୟୋଗ କରିବା ସହ ସିନ୍ଧୁ ଜଳ ଚୁକ୍ତି କୁ ସ୍ଥଗିତ ରଖିବା ଏବଂ ବ୍ୟାପକ ଅର୍ଥନୈତିକ ଓ ଆକାଶମାର୍ଗ ନିଷେଧାଦେଶ ସମେତ ଦଣ୍ଡମୂଳକ ପଦକ୍ଷେପ ଗ୍ରହଣ କଲେ ପୂର୍ଣ୍ଣଯୁଦ୍ଧ ହେବ ବୋଲି ଚେତାବନୀ ଦେଇଛନ୍ତି।

# ଯେସାକୁ ତେସା | ଭାରତୀୟ ଜାହାଜକୁ ପାକିସ୍ତାନ ବନ୍ଦର ମନା



**ଇସଲାମାବାଦ, ୪।୫:** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଉତ୍ତେଜନା ବଢ଼ୁଥିବା ବେଳେ ଇସଲାମାବାଦ ବିରୋଧରେ ଭାରତ ସାମଗ୍ରୀ ଆମଦାନୀ ଉପରେ ପ୍ରତିବନ୍ଧକ ଲଗାଇବା ଏବଂ ପାକିସ୍ତାନୀ ଜାହାଜଗୁଡ଼ିକୁ ବନ୍ଦରରେ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇଛି। ଏହାର ଦିନକ ପରେ ଯେସାକୁ ତେସା ନୀତିରେ ପାକିସ୍ତାନ ତୁରନ୍ତ ଭାରତୀୟ ପତାକା ଜାହାଜଗୁଡ଼ିକୁ ନିଜର ବନ୍ଦର ଭିତରକୁ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇଛି।

ଭାରତର ପଦକ୍ଷେପ ଜବାବରେ ପାକିସ୍ତାନ ଶନିବାର ବିଳମ୍ବିତ ରାତିରେ କୌଣସି ଭାରତୀୟ ପତାକାବାହୀ ଜାହାଜକୁ କୌଣସି ପାକିସ୍ତାନୀ ବନ୍ଦରକୁ ଯିବାକୁ ଅନୁମତି ଦିଆଯିବ ନାହିଁ ବୋଲି ନିର୍ଦ୍ଦେଶ ଦେବା ସହ ପାକିସ୍ତାନୀ ଜାହାଜଗୁଡ଼ିକୁ କୌଣସି ଭାରତୀୟ ବନ୍ଦରରେ ଡକିଂ କରିବାକୁ ବାରଣ କରିଛି। ସାମୁଦ୍ରିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିଜ୍ଞପ୍ତିଜାରି କରି କହିଛି ଯେ ସାମୁଦ୍ରିକ ସାର୍ବଭୌମତ୍ୱ, ଅର୍ଥନୈତିକ ସ୍ୱାର୍ଥ ଏବଂ ଜାତୀୟ ନିରାପତ୍ତାକୁ ଦୃଷ୍ଟିରେ ରଖି ସାମ୍ପ୍ରତିକ ପରିସ୍ଥିତି ପରିପ୍ରେକ୍ଷୀରେ ଭାରତୀୟ ଜାହାଜଗୁଡ଼ିକୁ ନିଷିଦ୍ଧ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଭାରତୀୟ ପତାକା ଥିବା ଜାହାଜକୁ ପାକିସ୍ତାନର କୌଣସି ବନ୍ଦରରେ ପହଞ୍ଚିବାକୁ ଅନୁମତି ଦିଆଯିବ ନାହିଁ। ସେହିପରି ପାକିସ୍ତାନୀ ପତାକା ଥିବା ଜାହାଜ କୌଣସି ଭାରତୀୟ ବନ୍ଦରକୁ ଯିବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକ୍ ଉତ୍ତେଜନା ବଢ଼ୁଥିବା ବେଳେ ପାକିସ୍ତାନ ବିରୋଧରେ ନୂଆ ଦଣ୍ଡମୂଳକ ପଦକ୍ଷେପ ଗ୍ରହଣ କରି ଭାରତ ପଡ଼ୋଶୀ ଦେଶରୁ ଆକାଶମାର୍ଗ ଓ ଭୂପୃଷ୍ଠ ମାର୍ଗ ଦେଇ ମେଲ୍ ଓ ପାର୍ସଲ ଆଦାନପ୍ରଦାନ କୁ ମଧ୍ୟ ସ୍ଥଗିତ ରଖିଛି। ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିଏସ୍) ଅନୁଯାୟୀ, ଭାରତୀୟ ବନ୍ଦରରେ ପାକିସ୍ତାନୀ ଜାହାଜ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇବା ସହିତ ଭାରତ ଭାରତୀୟ ଜାହାଜଗୁଡ଼ିକୁ ପାକିସ୍ତାନ ବନ୍ଦରକୁ ଯିବା ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଇଛି। ତୁରନ୍ତ ଏହି କଟକଣା ଲାଗୁ କରାଯାଇଛି ବୋଲି ଅଧିକାରୀମାନେ କହିଛନ୍ତି। ଭାରତ ସରକାରଙ୍କ ଏକ ଆଦେଶ ଅନୁଯାୟୀ ଜାତୀୟ ନିରାପତ୍ତା ଏବଂ ସାର୍ବଜନୀନ ନୀତି ଆଧାରରେ ପାକିସ୍ତାନରୁ ସମସ୍ତ ସାମଗ୍ରୀ ଆମଦାନୀ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଥିଲା।

## ସୀମାରେ ବ୍ଲାକ୍‌ଆଉଟ୍ ରିହର୍ସାଲ

**ଫେରୋଜପୁର, ୪।୫ :** ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ପଞ୍ଜାବର ଫେରୋଜପୁର କ୍ୟାଣ୍ଟନମେଣ୍ଟ ଏବଂ ନିକଟବର୍ତ୍ତୀ ସୀମାନ୍ତ ଗାଁଗୁଡ଼ିକରେ ଏକ ବ୍ଲାକଆଉଟ ରିହର୍ସାଲ ପାଇଁ ପ୍ରସ୍ତୁତି ଚାଲିଛି। ଏହି ରିହର୍ସାଲ ରବିବାର ରାତି ୯:୦୦ରୁ ୯:୩୦ ମଧ୍ୟରେ ଅନୁଷ୍ଠିତ ହେବ, ଯାହା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ପାହାଲଗାମରେ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ଏହି ବ୍ଲାକଆଉଟ ରିହର୍ସାଲ ସମ୍ଭାବ୍ୟ ସାମରିକ ସଂଘର୍ଷ ପାଇଁ ପ୍ରସ୍ତୁତି ବୋଲି ଅନୁମାନ କରାଯାଉଛି।

# ଓଡ଼ିଶାରେ ଚାଲିଛି ଯୁଦ୍ଧାସ୍ତ୍ର ନେଇ ସିକ୍ରେଟ ପ୍ଲାନିଂ



**ନୂଆଦିଲ୍ଲୀ/ ଭୁବନେଶ୍ୱର,୪।୫:** ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ସରକାର ନେଇଛନ୍ତି ବଡ଼ ନିଷ୍ପତ୍ତି। ବର୍ତ୍ତମାନ ସରକାର ପାକିସ୍ତାନ ଉପରେ ଡିଜିଟାଲ ଷ୍ଟ୍ରାଇକ୍ ଜାରି ରଖିଥିବାବେଳେ ଏବେ ଫାଇନାଲ ଯୁଦ୍ଧ ହେବା ନେଇ ବଡ଼ ସଙ୍କେତ ମିଳିଛି। ଯୁଦ୍ଧ ଲାଗି ଭାରତ ଗୋଳାବାରୁଦ, ଆର୍‌ଡିଏକ୍ସ ଏବଂ ଏଚ୍‌ଏମ୍‌ଏକ୍ସ ଭଳି ଶକ୍ତିଶାଳୀ ବିସ୍ଫୋରକ ଓ ବିଭିନ୍ନ ଯୁଦ୍ଧାସ୍ତ୍ର ଅଧିକରୁ ଅଧିକ ଉତ୍ପାଦନ କରୁଛି। ଏନେଇ ସବୁ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି।

ଅର୍ଡନାନ୍ସ ଫ୍ୟାକ୍ଟ୍ରି ଓଡ଼ିଶା ମଧ୍ୟପ୍ରଦେଶର ଜବଲପୁର ସ୍ଥିତ ଗୋଳାବାରୁଦ କାରଖାନା (ଓଏଫକେ) ସମେତ ମ୍ୟୁନିସନ୍ସ ଇଣ୍ଡିଆ ଲିମିଟେଡ (ଏମଆଇଏଲ) ଅଧୀନରେ ଥିବା ଅନେକ ପ୍ରତିରକ୍ଷା ଉତ୍ପାଦନ କାରଖାନା କର୍ମଚାରୀଙ୍କ ଦୀର୍ଘ ଛୁଟି ବାତିଲ କରିଛନ୍ତି। ଏହି ନିଷ୍ପତ୍ତି ଏପ୍ରିଲ ୨୨ ତାରିଖରେ ଜମ୍ମୁ ଓ କଶ୍ମୀରର ପାହାଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ନିଆଯାଇଛି, ଯେଉଁଥିରେ ୨୬ ଜଣ ନିରୀହ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା।

ଅର୍ଡନାନ୍ସ ଫ୍ୟାକ୍ଟ୍ରି ଓଡ଼ିଶା ଜବଲପୁରର ଖାମାରିଆ ଗୋଳାବାରୁଦ କାରଖାନା ଓ ଚନ୍ଦ୍ରପୁରର ଅନ୍ୟ କାରଖାନାରେ ପ୍ରାୟ ୭,୦୦୦ କର୍ମଚାରୀ ଦୀର୍ଘଦିନ ଧରି ଛୁଟି ଆବେଦନ କରିବାକୁ ମନା କରାଯାଇଛି ଏବଂ ପୂର୍ବରୁ ଅନୁମୋଦିତ ଛୁଟିଗୁଡ଼ିକୁ ବାତିଲ କରାଯାଇଛି। କାରଖାନା ପରିଚାଳନା ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରୀୟ ସୁରକ୍ଷା ଓ ଉତ୍ପାଦନ ବୃଦ୍ଧି ପାଇଁ ଏହି ପଦକ୍ଷେପ ନିଆଯାଇଛି। ଖାମାରିଆ କାରଖାନା ଭାରତର ଅନ୍ୟତମ ବୃହତ ସାମରିକ ଗୋଳାବାରୁଦ ଉତ୍ପାଦନ କେନ୍ଦ୍ର, ଯାହା କାରଗିଲ ଯୁଦ୍ଧ ସମୟରେ ବୋଫୋର୍ସ ଶେଲ ପାଇଁ ଫ୍ୟୁଜ ଏବଂ ବାଲାକୋଟ ଏୟାର ଷ୍ଟ୍ରାଇକରେ ବ୍ୟବହୃତ ୧,୦୦୦ ପାଉଣ୍ଡ ବୋମା ଯୋଗାଇଥିଲା।

ଅର୍ଡନାନ୍ସ ଫ୍ୟାକ୍ଟ୍ରି ଓଡ଼ିଶା ପାହାଲଗାମ ଆକ୍ରମଣ ପରେ ଦେଶର ଆଭ୍ୟନ୍ତରୀଣ ଓ ରପ୍ତାନି ଚାହିଦା ବୃଦ୍ଧି ପାଇଛି। ଏହି ପରିସ୍ଥିତିରେ କାରଖାନାଗୁଡ଼ିକ ଉପରେ ଉତ୍ପାଦନ ବଜାୟ ରଖିବା ପାଇଁ ଚାପ ବୃଦ୍ଧି ପାଇଛି। ଅଧିକାରୀମାନେ କହିଛନ୍ତି ଯେ ଏହି ନିଷ୍ପତ୍ତି ସିଧାସଳଖ ଆକ୍ରମଣ ସହ ଜଡ଼ିତ ନୁହେଁ, କିନ୍ତୁ ଏହାର ସମୟ ଓ ପରିଧି ରାଷ୍ଟ୍ରୀୟ ମନୋଭାବକୁ ପ୍ରତିଫଳିତ କରୁଛି।

ବରିଷ୍ଠ ପରିଚାଳନା ଅଧିକାରୀମାନେ ଦାବି କରିଛନ୍ତି ଯେ ଏହି ନିଷ୍ପତ୍ତି ଏପ୍ରିଲ ମାସରେ ଉତ୍ପାଦନ ଲକ୍ଷ୍ୟ ହାସଲ ନ ହୋଇପାରିବା ଏବଂ ବିଦେଶୀ ରପ୍ତାନି ଆଦେଶ ପୂରଣ କରିବା ପାଇଁ ନିଆଯାଇଛି। ତେବେ, ଜବଲପୁରର ଖାମାରିଆ ଅର୍ଡନାନ୍ସ ଫ୍ୟାକ୍ଟ୍ରୀ ଏବଂ ଇଟାରସୀରେ ଜଣେ ଅଧିକାରୀ ନାମ ନ ପ୍ରକାଶ କରିବା ସର୍ତ୍ତରେ କହିଛନ୍ତି ଯେ ଏହି ନିର୍ଦ୍ଦେଶ ଜାତୀୟ ସୁରକ୍ଷା ପ୍ରସଙ୍ଗରେ ଜାରି କରାଯାଇଛି। ବଙ୍ଗଳର ଗନ ଆଣ୍ଡ ଶେଲ ଫ୍ୟାକ୍ଟ୍ରୀ-କୋସିପୋରରେ ଜଣେ କର୍ମଚାରୀ ଶୁକ୍ରବାର ଏକ ଆଦେଶ ଜାରି ହୋଇଥିବା ନିଶ୍ଚିତ କରିଛନ୍ତି, ଯେଉଁଥିରେ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଛୁଟି ବାତିଲ କରାଯାଇଛି। ଓଡ଼ିଶାର ବଲାଙ୍ଗୀର ଜିଲାରେ ଥିବା ବଡ଼ମାଲ ଅର୍ଡନାନ୍ସ ଫ୍ୟାକ୍ଟ୍ରିରେ ମଧ୍ୟ ସମସ୍ତ କର୍ମଚାରୀଙ୍କ ଛୁଟି ୬୦ ଦିନ ପାଇଁ ବାତିଲ କରାଯାଇଛି।

ଏମଆଇଏଲ ଅଧିକାରୀମାନେ କହିଛନ୍ତି ଯେ ପାହାଲଗାମ ଆକ୍ରମଣ ପରେ କର୍ମଚାରୀମାନଙ୍କୁ "ସତର୍କ ମୋଡ"ରେ ରଖାଯାଇଛି। ଏହା ସୂଚାଏ ଯେ ଦେଶ ଜାତୀୟ ସୁରକ୍ଷା ଏବଂ ପ୍ରତିରକ୍ଷା ଉତ୍ପାଦନକୁ ଅଗ୍ରାଧିକାର ଦେଉଛି।

# ଗୋଆ ଜିତିଲା କଳିଙ୍ଗ ସୁପର କପ୍




ଭୁବନେଶ୍ୱର, ୪।୫ : ଜାମସେଦପୁର ଏଫ୍‌ସିକୁ ୩-୦ ଗୋଲ୍‌ରେ ପରାସ୍ତ କରି ଏଫ୍‌ସି ଗୋଆ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ 'କଳିଙ୍ଗ ସୁପରକପ୍' ଫୁଟ୍‌ବଲ୍ ପ୍ରତିଯୋଗିତାରେ ବିଜେତା ଆଖ୍ୟା ଅର୍ଜନ କରିଛି। ଜାମସେଦପୁର ବିପକ୍ଷରେ ନିଜ ଆଇଏସ୍‌ଏଲ୍ ସଫଳତାକୁ ଜାରି ରଖି ଗୋଆ ଏଫ୍‌ସି ଶନିବାର ଫାଇନାଲ୍‌କୁ ଏକତରଫା ଭାବେ ଜିତି ନେଇଥିଲା। ପ୍ରଥମ ୨୨ ମିନିଟ୍‌ରେ ଉଭୟ ଦଳ ପରସ୍ପରର ବଳ କଷାକଷି ହେବା ପରେ ମ୍ୟାଚ୍‌ର ପ୍ରଥମ ଗୋଲ୍ ୨୩ତମ ମିନିଟ୍‌ରେ ଦେଖିବାକୁ ମିଳିଥିଲା। ଏହି ଗତିରୋଧକୁ ଦୂର କରି ହେରେରା ଗୋଞ୍ଜାଲେଜ୍‌ଏକ ଚମତ୍କାର ଫିଲ୍ଡ ଗୋଲ୍ ଦେଇ ଏଫ୍‌ସି ଗୋଆକୁ ଆଗୁଆ କରି ଦେଇଥିଲେ। ପ୍ରଥମାର୍ଦ୍ଧ ମଧ ସେହି ସ୍କୋର୍ ଲାଇନରେ୍ ଶେଷ ହୋଇଥିଲା। ପୁଣି ଦ୍ୱିତୀୟାର୍ଦ୍ଧରେ ଜାମସେଦପୁର ଏଫ୍‌ସି ଉପରେ ଆଉ ଦୁଇଟି ଗୋଲ୍ ଲଦି ଏଫ୍‌ସି ଗୋଆ ମ୍ୟାଚ୍ ସହ ଟ୍ରଫି ଜିତି ନେଇଥିଲା। ଗୋଞ୍ଜାଲେଜ୍ ୫୧ ମିନିଟ୍‌ରେ ବ୍ୟକ୍ତିଗତ ଭାବେ ଓ ମ୍ୟାଚ୍‌ର ଦ୍ୱିତୀୟ ଗୋଲ୍



ଦେବା ପରେ ଦିଜାନ ଡ୍ରାଜିକ୍ ୭୨ ମିନିଟ୍‌ରେ ଆଉ ଏକ ଗୋଲ୍ ଦେଇ ଜାମସେଦପୁର ଏଫ୍‌ସିକୁ ଫେରିବାର କୌଣସି ସୁଯୋଗ ଦେଇ ନଥିଲେ। ତା'ସହିତ ଏଏଫ୍‌ସି ଚାମ୍ପିଅନ୍ସ ଲିଗ୍-୨ର ଯୋଗ୍ୟତା ପର୍ଯ୍ୟାୟ ଲାଗି ଟିକେଟ ହାସଲ କରି ନେଇଥିଲା।

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ସଭାପତି କଲ୍ୟାଣ ଚୌବେ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ସଭାପତି ତଥା ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଏଆଇଏଫ୍ କାର୍ଯ୍ୟକାରିଣୀ ସଦସ୍ୟ ମେନଲା ଏଥେନପା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚୟ ହେବା ସହ ସେମାନଙ୍କୁ ଶୁଭକାମନା ଜ୍ଞାପନ କରିଥିଲେ।



### ପଞ୍ଜାବ କିଙ୍ଗସ ନେଲା ବଡ ନିଷ୍ପତ୍ତି

## ମ୍ୟାକ୍ସୱେଲ୍‌ଙ୍କ ବଦଳରେ ସାମିଲ ହେଲେ ଏହି ଖେଳାଳି

**ନୂଆଦିଲ୍ଲୀ, ୪।୫:** ଆଇପିଏଲ ୨୦୨୫ ମଧରେ ପଞ୍ଜାବ କିଙ୍ଗସ୍ ଏକ ବଡ଼ ନିଷ୍ପତ୍ତି ନେଇଛି। ଆଘାତ ଯୋଗୁଁ ଗ୍ଲେନ୍ ମ୍ୟାକ୍ସୱେଲ୍ ଟୁର୍ଣ୍ଣାମେଣ୍ଟର ବାକି ମ୍ୟାଚ୍ ରୁ ବାଦ ପଡ଼ିଛନ୍ତି, ଏହାପରେ ପଞ୍ଜାବ କିଙ୍ଗସ ମ୍ୟାନେଜମେଣ୍ଟ ମ୍ୟାକ୍ସୱେଲଙ୍କ ସ୍ଥାନରେ ଘାତକ ଅଷ୍ଟ୍ରେଲିୟ ଅଲରାଉଣ୍ଡର ମିଚେଲ୍ ଓୱେନଙ୍କୁ ସାମିଲ କରିଛି। ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଏହାର ଅଫିସିଆଲ୍ ସୋସିଆଲ ମିଡିଆ ଆକାଉଣ୍ଟ ମାଧମରେ ଏହି ସୂଚନା ଦେଇଛି। ଓୱେନ ବର୍ତ୍ତମାନ ପାକିସ୍ତାନ ସୁପର ଲିଗ୍‌ରେ ପେଶାୱାର ଜାଲମି ପାଇଁ ଖେଳୁଛନ୍ତି, ଆପଣଙ୍କୁ ଜଣାଇ ଦେଉଛୁ ଯେ ପିଏସଏଲ ୨୦୨୫ ୧୧ ମଇରେ ଶେଷ ହେବାକୁ ଯାଉଛି। ବିଗ୍ ବାସ ଲିଗ୍‌ରେ ତାଙ୍କର ଦମଦାର ପ୍ରଦର୍ଶନ ଯୋଗୁଁ ମିଚେଲ୍ ଓୱେନ୍ ପ୍ରଥମେ ଚର୍ଚ୍ଚାକୁ ଆସିଥିଲେ। ବିବିଏଲ୍ ୨୦୨୫ର ଶେଷ ମ୍ୟାଚ୍‌ରେ, ସେ ୪୨ ବଲ୍‌ରେ ୧୦୮ ରନ୍ କରି ହୋବାର୍ଟ ହରିକେନ୍ସକୁ ଟାଇଟଲ୍ ବିଜୟୀ କରାଇଥିଲେ। ତଥାପି, ତାଙ୍କୁ ଆଇପିଏଲ ୨୦୨୫ ମେଗା ନିଲାମରେ କୌଣସି କ୍ରେତା ମିଳି ନଥିଲେ । ଏବେ ମ୍ୟାକ୍ସୱେଲଙ୍କ ବଦଳ ସ୍ୱରୂପ, ପଞ୍ଜାବ କିଙ୍ଗ୍ସ ଓୱେନଙ୍କୁ ୩ କୋଟି ଟଙ୍କାରେ ସାମିଲ କରିଛି। ମ୍ୟାକ୍ସୱେଲଙ୍କ କଥା କହିବାକୁ ଗଲେ, ଆଙ୍ଗୁଠିରେ ଆଘାତ ଯୋଗୁଁ ତାଙ୍କୁ ଆଇପିଏଲ ୨୦୨୫ ଟୁର୍ଣ୍ଣାମେଣ୍ଟର ବାକି ମ୍ୟାଚରୁ ବାଦ ହେବାକୁ ପଡିଛି। ମିଚେଲ ଓୱେନଙ୍କ ଆଗମନ ପଞ୍ଜାବ କିଙ୍ଗ୍ସର ଭାଗ୍ୟ ବଦଳାଇ ପାରେ କାରଣ ସେ କେବଳ ଦ୍ରୁତ ବୋଲିଂ କରିପାରିବେ ନାହିଁ ବରଂ ମଧକ୍ରମରେ ମଧ ଭଲ ପ୍ରଦର୍ଶନ କରିଛନ୍ତି ଏବଂ ଜଣେ ଓପନିଂ ବ୍ୟାଟସମ୍ୟାନ୍ ମଧ। ଓୱେନ ଏପର୍ଯ୍ୟନ୍ତ ଖେଳିଥିବା ୩୦ଟି ଟି-୨୦ ମ୍ୟାଚରେ ବ୍ୟାଟିଂ ସମୟରେ ୬୪୬ ରନ କରିଛନ୍ତି, ଯେଉଁଥିରେ ୨ଟି ଚମତ୍କାର ଶତକ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ସେ ବୋଲିଂରେ ମଧ ୧୦ଟି ୱିକେଟ୍ ନେଇଛନ୍ତି।

ପଞ୍ଜାବ କିଙ୍ଗ୍ସ ବର୍ତ୍ତମାନ ଆଇପିଏଲ ୨୦୨୫ ପଏଣ୍ଟ ଟେବୁଲରେ ୧୦ ମ୍ୟାଚରୁ ୬ ବିଜୟ ସହିତ ତୃତୀୟ ସ୍ଥାନରେ ଅଛି।

## ଯୋଗ୍ୟତା ପର୍ଯ୍ୟାୟରୁ ଅଂଶୁମାନ ଓ ଆୟୁଷଙ୍କ ବିଦାୟ

ଭୁବନେଶ୍ୱର, ୪।୫: ଆଇଟିଏଫ୍ ବିଶ୍ୱ ଟେନିସ୍ ଟୁର ଜେ-୩୦ ଯୋଗ୍ୟତା ପର୍ଯ୍ୟାୟ କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ କଂପ୍ଲେକ୍ସରେ ଶନିବାରଠାରୁ ଆରମ୍ଭ ହୋଇଛି। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୧୨୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଅନ୍ତର୍ଜାତୀୟ ଟେନିସ୍ ମହାସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ବାଳକ ବର୍ଗରେ ଓମ୍ ପଟେଲ ଶୀର୍ଷ ମାନ୍ୟତା ଲାଭ କରିଥିଲା ବେଳେ ଓଡ଼ିଶାର ସୋହିନୀ ମହାନ୍ତି ବାଳିକାରେ ଶୀର୍ଷ ମାନ୍ୟତା ଲାଭ କରିଛନ୍ତି। ସୋହିନୀଙ୍କ ସହ ଆହନ, ଅଭୀପ୍ସା ଦେହୁରୀ, ସାନଭୀ ମହାନ୍ତି, ଆହାନ ମିଶ୍ର, ଈଶାନ୍ତ ପାତ୍ର, ସାଇ ସ୍ୱସ୍ତିକ ମହାନ୍ତି, ଆଦିତ୍ୟ ବିକ୍ରମ ଆଚାର୍ଯ୍ୟ ଓ ସୁତଭ୍ୟ କର୍ମକାରଙ୍କ ଭଳି ସ୍ଥାନୀୟ ଖେଳାଳି ମୁଖ୍ୟ ଡ୍ର'ରେ ସ୍ଥାନ ପାଇଛନ୍ତି। ଶନିବାର ଖେଳାଯାଇଥିବା ଯୋଗ୍ୟତାପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକରେ ଭାରତର ପ୍ରଣୀତ ରେଡ୍ଡୀ, ଅପୂର୍ବ ଜୈନ, ସାର୍ଥକ ଅଶୋକ ଗାଏକ୍ୱାଡ୍, ଅମିତୋଜ ମାନ, କୁଶାଗ୍ର ଅରୋରା, ଅଭି ଅଗ୍ରୱାଲ, ନିରଞ୍ଜନ ସିଂହ, ସଂକଳ୍ପ କୁମାର ସାହାଣୀ ପ୍ରମୁଖ ବାଳକ ବର୍ଗରେ ବିଜୟୀ ହୋଇ ମୁଖ୍ୟ ଡ୍ର'କୁ ଯିବା ଆଶା ଉଜ୍ଜୀବିତ ରଖିଛନ୍ତି। ସେହିଭଳି ବାଳିକାରେ ସାନିଧ୍ୟା କରନ୍ତୋଥ, ଈଶା ଶର୍ମା, ଦେବାଂଶୀ ପ୍ରଭୁଦେଶାଇ, ମୋଦୀ ମୟୂର, ଯାଶିତା ଏରେଡି, ଅନ୍ୱେଷା ଧର, ଦେବଶ୍ରୀ ମହାଦେଶ୍ୱରୀ, ପ୍ରାଚୀ ସତୀଶ, ଶିବାନୀ ଗୁପ୍ତେ ପ୍ରମୁଖ ଯୋଗ୍ୟତା ପର୍ଯ୍ୟାୟର ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସ୍ଥାନୀୟ ତାରକା ଅଂଶୁମାନ ଆଚାର୍ଯ୍ୟ ଓ ଆୟୁଷ ପଟ୍ଟନାୟକ ନିଜନିଜ ମ୍ୟାଚ୍ ହାରିଯାଇଛନ୍ତି।

### ଅନ୍ତଃଜିଲ୍ଲା ମହିଳା କ୍ରିକେଟ୍

## ମାଧୁରୀଙ୍କ ଶତକ

**ବଲାଙ୍ଗୀର, କଟକ, ଭୁବନେଶ୍ୱର, ଯାଜପୁର ଜିତିଲେ**



ମାଧୁରୀ ମେହେଟା (୬୨ ବଲ୍‌ରୁ ୧୦୫ ରନ୍)



କାଜଲ ଜେନା (୩୩* ଓ ୨/୬)

ଭୁବନେଶ୍ୱର, ୪।୫: କଟକର ବିଭିନ୍ନ ପଡ଼ିଆରେ ଚାଲିଥିବା ଅନ୍ତଃଜିଲ୍ଲା ମହିଳା କ୍ରିକେଟ୍‌ର ସୁପର୍ ଲିଗ୍‌ରେ ବଲାଙ୍ଗୀର, କଟକ ୧୦ ୱିକେଟ୍‌ରେ ଏବଂ ଭୁବନେଶ୍ୱର, ଯାଜପୁର ୮ ୱିକେଟ୍ ବ୍ୟବଧାନରେ ବଡ଼ ବିଜୟ ହାସଲ କରିଛନ୍ତି। ରେଭେନ୍‌ସା ଗ୍ରାଉଣ୍ଡ୍-୧ରେ ମାଧୁରୀ ମେହେଟା (୬୨ ବଲ୍‌ରୁ ୧୦୫ ରନ୍) ଏବଂ ବିଜିଲି ଦୀପ୍ (୪-୦-୧୭-୪)ଙ୍କ ପ୍ରଦର୍ଶନ ବଳରେ ବଲାଙ୍ଗୀର ୧୦ ୱିକେଟ୍‌ରେ ବରଗଡ଼କୁ ପରାସ୍ତ କରିଛି। ସେହିଭଳି ରେଭେନସା ଗ୍ରାଉଣ୍ଡ୍-୨ରେ ଭୁବନେଶ୍ୱର ୮ ୱିକେଟ୍‌ରେ ବାଲେଶ୍ୱରକୁ ପରାସ୍ତ କରିଛି। ଡ୍ରିମ୍ସ ଗ୍ରାଉଣ୍ଡ୍‌ରେ ଭବାନୀ ଧଡ଼ା (୩.୧-୦-୭-୪)ଙ୍କ ଚମତ୍କାର ବୋଲିଂ ବଳରେ କଟକ ୧୦ ୱିକେଟ୍‌ରେ ସମ୍ବଲପୁରକୁ ଏବଂ ବିଡ଼ାନାସୀ ଗ୍ରାଉଣ୍ଡ୍‌ରେ କାଜଲ ଜେନାଙ୍କ ଅଲ୍ ରାଉଣ୍ଡ୍ ପ୍ରଦର୍ଶନ (୩୩* ଏବଂ ୨/୬) ବଳରେ ଯାଜପୁର ୮ ୱିକେଟ୍‌ରେ କେନ୍ଦୁଝରକୁ ହରାଇଛି।

## ପଏଣ୍ଟ ଟେବୁଲ ଶୀର୍ଷରେ ବେଙ୍ଗାଲୁର ଟିମ୍

**ନୂଆଦିଲ୍ଲୀ, ୪।୫:** ଶନିବାର ଦିନ ଆଇପିଏଲରେ ଖେଳା ଯାଇଥିବା ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ଟିମ୍ ୨ ରନରେ ବିଜୟୀ ହୋଇଛି। ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଚେନ୍ନାଇକୁ ହରାଇବାରେ ସଫଳ ହୋଇଛି ବେଙ୍ଗାଲୁର ଟିମ୍। ବିରାଟ କୋହଲି ସର୍ବାଧିକ ୬୨ ରନ୍ କରି ଏହି ଇନିଂସ ବେଳେ ବେଶ୍ କିଛି ରେକର୍ଡ ନିଜ ନାମରେ କରିଥିଲେ। କୋହଲି ମାତ୍ର ୩୩ଟି ବଲରେ ୬୨ଟି ରନ୍ କରିଥିଲେ। ଏଥିରେ ଥିଲା ୫ଟି ଚୌକା ଓ ୫ଟି ଛକା। ଏପର୍ଯ୍ୟନ୍ତ କୋହଲି ମୋଟ ୩୦୪ଟି ଛକା ମାରିଥିବା ବେଳେ ଆଇପିଏଲରେ ୨୯୦ ଛକା ମାରିଛନ୍ତି। ସର୍ବାଧିକ ଛକା ରେକର୍ଡ଼ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ (୩୫୭)ଙ୍କ ନାମରେ ରହିଛି। ତାଙ୍କ ପଛକୁ ଭାରତର ରୋହିତ ଶର୍ମା (୨୯୭) ରହିଥିବା ବେଳେ କୋହଲି ୩ୟ ସ୍ଥାନରେ ଅଛନ୍ତି।

ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଛକା ମାରିବାରେ କୋହଲି ଆଉ ଏକ ରେକର୍ଡ଼ କରିଛନ୍ତି। ସେ ଏଠାରେ ୧୦୬ଟି ମ୍ୟାଚ୍ ଖେଳି ୧୫୨ଟି ଛକା ମାରିଛନ୍ତି। ଏହା ସହିତ ଗୋଟିଏ ପଡ଼ିଆରେ ସର୍ବାଧିକ ଛକା ମାରିବାରେ ସେ କ୍ରିସ୍ ଗେଲଙ୍କ ରେକର୍ଡ଼ ଭାଙ୍ଗିଛନ୍ତି। ଗେଲ୍ ଏହି ପଡ଼ିଆରେ ବେଙ୍ଗାଲୁରୁ ତରଫରୁ ଖେଳି ୪୯ ମ୍ୟାଚରେ ୧୫୧ ଛକା ମାରିଥିଲେ। ଆହୁରି ମଧ ଚେନ୍ନାଇ ସୁପର କିଙ୍ଗସ ବିପକ୍ଷରେ କୋହଲି ସର୍ବାଧିକ ୧୦ଥର ୫୦ରୁ ଅଧିକ ରନ୍ ସ୍କୋର କରିଥିବା ଖେଳାଳି ବନି ଯାଇଛନ୍ତି। ରୋହିତ ଶର୍ମା ଓ ଶିଖର ଧବନ ୯ ଥର ଲେଖାଏଁ ଏହି ସଫଳତା ହାସଲ କରିଥିଲେ। ବିରାଟ କୋହଲି ୨୦୧୧ରୁ ଆଇପିଏଲ୍ ଖେଳି ଆସୁଛନ୍ତି। ତେବେ ସେ ପ୍ରଥମ ଖେଳାଳି ଭାବେ ୮ଟି ଅଲଗା ଅଲଗା ସିଜିନରେ ୫୦୦ ରନରୁ ଅଧିକ ସ୍କୋର କରିଛନ୍ତି। ଚଳିତ ଥର ସେ ୧୧ଟି ମ୍ୟାଚ୍ ଖେଳି ୫୦୫ ରନ୍ ସ୍କୋର କରି ସାରିଲେଣି। କିଙ୍ଗ କୋହଲି ୨୦୧୧ରେ ୫୫୭, ୨୦୧୩ରେ ୬୩୪, ୨୦୧୫ରେ ୫୦୫, ୨୦୧୬ରେ ଐତିହାସିକ ସଫଳତା ଲାଭ କରି ୯୭୩ ରନ୍ କରିଥିଲେ। ଏଥିରେ ୪ଟି ଶତକ ସେ ସ୍କୋର କରିଥିଲେ। ୨୦୧୮ରେ ୫୩୦ ରନ୍ କରିବା ପରେ ୨୦୨୩ରେ ୬୩୯ ରନ୍, ୨୦୨୪ରେ ୭୪୧ ରନ୍ ସ୍କୋର



**ସର୍ବାଧିକ ଛକା ମାରି ରେକର୍ଡ କଲେ ବିରାଟ କୋହଲି**

କରିଥିଲେ। ସେପଟେ ଚେନ୍ନାଇର ଏହା ଥିଲା ନବମ ପରାଜୟ। ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚରେ ଚେନ୍ନାଇକୁ ୨ ରନରେ ପରାସ୍ତ କରିବା ସହ ପ୍ଲେ ଅଫରେ ନିଜର ସ୍ଥାନ ପକ୍କା କରି ନେଇଛି ବେଙ୍ଗାଲୁର ଟିମ୍। ଶେଷ ପର୍ଯ୍ୟନ୍ତ ଲଢ଼େଇ କରିଥିଲେ ବି ଜିତି ପାରି ନଥିଲା ଧୋନିଙ୍କ ଚେନ୍ନାଇ। ଆଉ ପୂର୍ବ ପରି ପଏଣ୍ଟ ତାଲିକାର ଶେଷ ସ୍ଥାନରେ ରହିଛି। ସେପଟେ ଏହି ବିଜୟ ସହ ତାଲିକା ଶୀର୍ଷରେ ସ୍ଥାନ ଦୃଢ଼ କରିଛି ବେଙ୍ଗାଲୁରୁ। ପ୍ରଥମେ ବ୍ୟାଟିଂ କରି ଆରସିବି ୨୧୩ ରନ୍ କରିଥିଲା।

୨୧୪ ରନ୍ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଚେନ୍ନାଇ ୨୧୧ ରନ କରି ଅଟକି ଯାଇଥିଲା। ଆୟୁଷ ମହାତ୍ରେ ଓ ରବୀନ୍ଦ୍ର ଜାଡେଜାଙ୍କ ଲଢୁଆ ବ୍ୟାଟିଂ ସତ୍ତ୍ୱେ ବିଜୟ ଠାରୁ ୨ ରନ୍ ପଛରେ ରହି ଯାଇଥିଲା ଚେନ୍ନାଇ। ଏହି ପରାଜୟ ସହ ଚେନ୍ନାଇ ୧୧ ମ୍ୟାଚରୁ ନବମ ପରାଜୟ ବରଣ କରି ପଏଣ୍ଟ ଟେବୁଲର ଶେଷରେ ରହିଛି। ବେଙ୍ଗାଲୁରୁ ୧୧ ମ୍ୟାଚରୁ ୮ ବିଜୟ ସହ ଏପଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତକୁ...

ନେବ। ଏପ୍ରିଲ ୨୨ ରେ ଜମ୍ମୁ-କାଶ୍ମୀରର ପହଲଗାମର ବୈସରନ ଉପତ୍ୟକାରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କୁ ଟାର୍ଗେଟ କରିବା ପରଠାରୁ ସମ୍ଭାବ୍ୟ ଭାରତୀୟ ଜବାବକୁ ନେଇ ପାକିସ୍ତାନ ଅଡୁଆରେ ପଡ଼ିଛି।

ଶୁକ୍ରବାର ଜିଓ ନ୍ୟୁଜର ଏକ ସାକ୍ଷାତକାରରେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ୍ ଉତ୍ତେଜନାମୂଳକ ବୟାନ ଦେବା ପରେ ସେ ଏହି ଚେତାବନୀ ଦେଇଛନ୍ତି, ଯେଉଁଥିରେ ସେ ଚୁକ୍ତିର ଉଲ୍ଲଂଘନ କରି ସିନ୍ଧୁ ନଦୀ ଉପରେ ଭାରତ ନିର୍ମାଣ କରୁଥିବା କୌଣସି ଭିତ୍ତିଭୂମି ଉପରେ ଆକ୍ରମଣ କରିବେ ବୋଲି ଧମକ ଦେଇଛନ୍ତି। ଯଦି ସେମାନେ କୌଣସି ପ୍ରକାରର ଢାଞ୍ଚା ନିର୍ମାଣ କରିବାକୁ ଚେଷ୍ଟା କରନ୍ତି, ତେବେ ଆମେ ଏହାକୁ ଆକ୍ରମଣ କରିବୁ ବୋଲି ଆସିଫ୍ କହିଛନ୍ତି, ଆକ୍ରମଣ କେବଳ ତୋପ କିମ୍ବା ଗୁଳି ଚଳାଇବା ନୁହେଁ - ପାଣିକୁ ଅବରୋଧ କରିବା କିମ୍ବା ହଟାଇବା ମଧ୍ୟ ଏକ ପ୍ରକାର ଆକ୍ରୋଶ ଯାହା ଭୋକ ଏବଂ ତୃଷ୍ଣାରେ ମୃତ୍ୟୁର କାରଣ ହୋଇପାରେ। ସେହିପରି ଶନିବାର ଦିନ ପାକିସ୍ତାନସେନା ଏହାର ଅବ୍‌ଦାଲି କ୍ଷେପଣାସ୍ତ୍ରର ପରୀକ୍ଷଣ କରିଥିଲା। ଉଭୟ ପାରମ୍ପରିକ ଓ ପରମାଣୁ ଯୁଦ୍ଧାସ୍ତ୍ର ବହନ କରିବାରେ ସକ୍ଷମ ଏହି କ୍ଷେପଣାସ୍ତ୍ରର ଦୂରତା ୪୫୦ କିଲୋମିଟର ରହିଛି। ସେନା ଦାବି କରିଛି ଯେ ଏହି ଉତକ୍ଷେପଣ 'ଅପରେସନ୍ ପ୍ରସ୍ତୁତି' ପ୍ରଦର୍ଶନ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଏହା ପୂର୍ବରୁ ପାକିସ୍ତାନୀ ମନ୍ତ୍ରୀ ହନିଫ ଆବାସ ଖୋଲାଖୋଲି ଭାବେ ପରମାଣୁ ଧମକ ଦେଇ କହିଥିଲେ ଯେ ଘୋରି, ଶାହିନ ଓ ଗଜନବୀ ଭଳି କ୍ଷେପଣାସ୍ତ୍ର ସହ ୧୩୦ଟି ପରମାଣୁ ଯୁଦ୍ଧାସ୍ତ୍ର କେବଳ ଭାରତ ପାଇଁ ରଖାଯାଇଛି।

ସେପଟେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତର କାର୍ଯ୍ୟକଳାପକୁ ନେଇ ଇସଲାମାବାଦ ଏକ ଦାୟିତ୍ୱବାନ ଏବଂ ମାପକ ପ୍ରତିକ୍ରିୟା ଦେଖାଇଛି ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଶନିବାର ଦାବି କରିଛନ୍ତି। ଇସଲାମାବାଦରେ ଥିବା ତୁର୍କିୟେ ରାଷ୍ଟ୍ରଦୂତଙ୍କ ସହ କଥାବାର୍ତ୍ତା କରି ସରିଫ୍ ଅଭିଯୋଗ କରିଛନ୍ତି ଯେ ଭାରତ କୌଣସି ପ୍ରମାଣ ପ୍ରଦାନ କରିନାହିଁ ଏବଂ ଅନ୍ତର୍ଜାତୀୟ ତଦନ୍ତ ପାଇଁ ପାକିସ୍ତାନର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି।

ପାକିସ୍ତାନ ସହ ଜଡିତ ସମସ୍ତ ବିମାନ ପାଇଁ ଭାରତ ନିଜ ଆକାଶମାର୍ଗକୁ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଏକ ସରକାରୀ ନୋଟାମ୍ (ନୋଟିସ୍ ଟୁ ଏୟାରମ୍ୟାନ) ଜାରି କରିଛି। ଭାରତ ସରକାର ମଧ୍ୟ ପାକିସ୍ତାନରୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଆସୁଥିବା ସମସ୍ତ ସାମଗ୍ରୀ ଆମଦାନୀ ଓ ପରିବହନ ଉପରେ ସଂପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛନ୍ତି। ଏଥିରେ ସମସ୍ତ ପ୍ରକାର ସାମଗ୍ରୀ ଅନ୍ତର୍ଭୁକ୍ତ, ସାଧାରଣତଃ ଆମଦାନୀ ପାଇଁ ଅନୁମତି ଦିଆଯାଏ କି ନାହିଁ । ଏହି କଟକଣା ଉଭୟ ବାଣିଜ୍ୟିକ ଏବଂ ସାମରିକ ବିମାନ ସମେତ ପାକିସ୍ତାନୀ ପଞ୍ଜୀକୃତ, ପରିଚାଳିତ କିମ୍ବା ଲିଜ୍ ପ୍ରାପ୍ତ ବିମାନ ଉପରେ ଲାଗୁ ହେବ। ବର୍ତ୍ତମାନର ନୋଟାମ୍ ଅନୁଯାୟୀ ମେ ୨୪ ତାରିଖ ସକାଳ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ।

### ଶତ୍ରୁଙ୍କୁ...

ସୂଚନା ଅନୁଯାୟୀ, ଚଳିତ ସପ୍ତାହ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀ ଭାରତୀୟ ସଶସ୍ତ୍ର ବାହିନୀକୁ ଆତଙ୍କବାଦୀ ଆକ୍ରମଣର ଜବାବ ଦେବା ପାଇଁ ସମ୍ପୂର୍ଣ୍ଣ ଅପରେସନ୍ ସ୍ୱାଧୀନତା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୧୬ ଉରି ଆତଙ୍କବାଦୀ ଆକ୍ରମଣ ଏବଂ ୨୦୧୯ ପୁଲୱାମା ଆକ୍ରମଣର ଜବାବରେ ଭାରତ ଉଭୟ ମୋଦି ସରକାରଙ୍କ ଅମଳରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀଙ୍କ ଉପରେ ସର୍ଜିକାଲ ଷ୍ଟ୍ରାଇକ୍ ଏବଂ ବାଲାକୋଟ ଏୟାର ଷ୍ଟ୍ରାଇକ୍ କରିଥିଲା। ଅନ୍ୟପକ୍ଷରେ ଶୀର୍ଷ ସରକାର ଓ ବିରୋଧୀ ନେତାଙ୍କ କ୍ରମାଗତ ଚେତାବନୀ ମଧ୍ୟରେ ପାକିସ୍ତାନ ନିକଟ ଭବିଷ୍ୟତରେ ଭାରତର ସାମରିକ ପ୍ରତିଶୋଧ ଭୟରେ ନିଜର ସୁରକ୍ଷା ବାହିନୀ, ସୁରକ୍ଷା ଏଜେନ୍ସି ଏବଂ ସଶସ୍ତ୍ର ବାହିନୀକୁ ହାଇ ଆଲର୍ଟରେ ରଖିଛି।

ଯେଉଁମାନେ ଏହି ଘଟଣା ଘଟାଇଛନ୍ତି ସେମାନଙ୍କ ନିକଟରେ ଆମେ କେବଳ ପହଞ୍ଚିବୁ ନାହିଁ। ଯେଉଁମାନେ ପରଦା ପଛରେ ବସି ଭାରତ ମାଟିରେ ଏଭଳି ଘୃଣ୍ୟ କାର୍ଯ୍ୟ କରିବାକୁ ଷଡ଼ଯନ୍ତ୍ର କରିଛନ୍ତି ସେମାନଙ୍କ ନିକଟରେ ମଧ୍ୟ ଆମେ ପହଞ୍ଚିବୁ ବୋଲି ଶ୍ରୀ ସିଂହ କହିଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ଭାରତକୁ କୌଣସି ଦୁଃସାହସ ବିରୋଧରେ ଚେତାବନୀ ଦେଇଥିବା ବେଳେ ଭାରତ ସହ ବଢୁଥିବା ଉତ୍ତେଜନାକୁ ହ୍ରାସ କରିବା ପାଇଁ ଅନ୍ତର୍ଜାତୀୟ ସମୁଦାୟ ନିକଟରେ ମଧ୍ୟ ପହଞ୍ଚିଛି। ବିଶ୍ୱର ଅନେକ ଦେଶ ଭାରତ ଓ ପାକିସ୍ତାନକୁ ସଂଯମ ଅବଲମ୍ବନ କରିବାକୁ ଆହ୍ୱାନ ଦେଇଥିବାବେଳେ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ପାଇଁ ଉଭୟ ଦେଶ ନିଜ ନିଜର ସୁରକ୍ଷା ଏଜେନ୍ସି ଏବଂ ସଶସ୍ତ୍ର ବାହିନୀକୁ ହାଇ ଆଲର୍ଟରେ ରଖିଛନ୍ତି।

### ମହାପ୍ରଭୁଙ୍କ ...

କେତେକାଂଶରେ ନବୀନ ଏଥିରେ ସଫଳ ମଧ୍ୟ ହୋଇଥିଲେ। ହେଲେ ସରକାର ବଦଳିଯିବା ପରେ ରାମକୃଷ୍ଣ ଯେଉଁ ଆଶା ରଖିଥିଲେ, ତାହା ଧୂଳିସାତ ହୋଇଯାଇଥିଲା। ଯଦିଓ ଦଳରେ ଏବେ ସବୁ ପଦକୁ ଉଚ୍ଛେଦ କରାଯାଇଛି ଏବଂ ନୂଆ ପଦାଧିକାରୀଙ୍କ ତାଲିକା ପ୍ରସ୍ତୁତ ହେଉଛି, ରାମକୃଷ୍ଣ କିନ୍ତୁ ବିଜେଡିରେ ଜଣେ ସକ୍ରିୟ ସଦସ୍ୟ ଭାବେ କାମ କରୁଥିଲେ। ଯେଉଁଥିପାଇଁ ଦୀଘା ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ବଳକା ଦାରୁ ନେଇ ସେଥିରେ ଚତୁର୍ଦ୍ଧାମୂର୍ତ୍ତୀ ତିଆରି କରିବାରେ ଭାଇଙ୍କ ପାଇଁ ଭଉଣୀଙ୍କୁ ରାମକୃଷ୍ଣ ସହଯୋଗ କରିଥିବା ଚର୍ଚ୍ଚା ହେଉଛି। ସେପଟେ ଆଜି ରାମକୃଷ୍ଣ ନୋଟିସ ପରେ ହାଜର ହୋଇ ପକ୍ଷ ରଖିଛନ୍ତି। ତାଙ୍କଠାରୁ ଭିନ୍ନ ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ ଉତ୍ତର ମାଗିଛି। ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

### ରାମକୃଷ୍ଣଙ୍କୁ ...

ପୂର୍ବରୁ ଦାରୁ କାଠରେ ଦୀଘା ଦିଅଁ ନିର୍ମାଣ ଓ ଦୀଘାକୁ ଜଗନ୍ନାଥ ଧାମ ଭାବେ ନାମକରଣ ବିବାଦ ପ୍ରସଙ୍ଗରେ ତତ୍ପରତା ପ୍ରକାଶ କରିବା ସହ ଶ୍ରୀମନ୍ଦିର ପ୍ରଶାସନ ହାଜର ହୋଇ ଉତ୍ତର ରଖିବାକୁ ରାମକୃଷ୍ଣଙ୍କୁ ନୋଟିସ୍ ଜାରି କରିଥିଲା। ଏହି ଅନୁସାରେ ଆଜି ରାମକୃଷ୍ଣଙ୍କ ସହ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ୩ ଠାକୁରଙ୍କ ମୁଖ୍ୟ ବାଡ଼ଗ୍ରାହୀ, ଛତିଶା ନିଯୋଗ ନାୟକ ଓ ଚତୁର୍ଦ୍ଧା ମୂର୍ତ୍ତିଙ୍କ ମୁଖ୍ୟ ମହାରଣାମାନଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ଏଥିସହ ରାମକୃଷ୍ଣଙ୍କୁ ସପ୍ତାହକ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ଦୀଘା ମନ୍ଦିରର 'ଜଗନ୍ନାଥ ଧାମ' ନାମକରଣ ପ୍ରସଙ୍ଗରେ ମୁଖ୍ୟ ପ୍ରଶାସକଙ୍କୁ ଆଇନର ଆଶ୍ରୟ ନେବା ସକାଶେ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଏଭଳି ନିଷ୍ପତ୍ତିରୁ ଓହରିବାକୁ ରାଜ୍ୟ ସରକାର ପଶ୍ଚିମବଙ୍ଗ ସରକାରଙ୍କୁ ଅନୁରୋଧ କରିବାର ଆବଶ୍ୟକତା ରହିଛି। ଏଥିସହ ବଳକା ଦାରୁରେ ଅନ୍ୟ ଜଗନ୍ନାଥ ମୂର୍ତ୍ତି ନିର୍ମାଣ ସମ୍ପୂର୍ଣ୍ଣ ଅନୁଚିତ୍ ହୋଇଥିବାରୁ ଶ୍ରୀମନ୍ଦିର ପ୍ରଶାସନ ତଦନ୍ତ କରିବା ସହ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ସେହିପରି ସୁଭଦ୍ରାଙ୍କ ବାଡଗ୍ରାହୀ କହିଛନ୍ତି ଯେ ଦାରୁ ଗୃହରୁ ଦାରୁ ନେବାର ନିୟମ କି ବ୍ୟବସ୍ଥା ନାହିଁ। ତେଣୁ ଯିଏ ନେଲେ, ସେ କେମିତି ନେଲେ ସେ ସମ୍ପର୍କରେ ତାଙ୍କୁ ପଚରାଯିବା ଦରକାର। ପଥର ନିର୍ମିତ ଜଗନ୍ନାଥଙ୍କ ମୂର୍ତ୍ତି ପ୍ରତିଷ୍ଠା ପାଇଁ ମୂଳ ପୀଠରୁ ସେବକ ଯିବା ସମ୍ପୂର୍ଣ୍ଣ ଅନୁଚିତ ବୋଲିସେ କହିଛନ୍ତି।

### ମା' ...

ଗତକାଲି ବଡ଼ଗଡ଼ ଥାନାରେ ଦାଏର୍ ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ କ୍ରମେ ପୁଲିସ୍ ୨୩୮/୨୫ରେ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଆଜି ପୁଲିସ୍ ରବିକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ପଚରାଉଚରା ସମୟରେ ରବି ନିଜର ଦୋଷ ସ୍ୱୀକାର କରିଥିବା ବେଳେ ତା' ନାଁରେ ଯାଜପୁର ଥାନାରେ ମଧ୍ୟ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

### ବୈଷୟିକ...

ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଘଟଣାକୁ ରାଜ୍ୟସରକାର ଖୁବ୍ ଗୁରୁତର ସହ ଗ୍ରହଣ କରିଛନ୍ତି। ଏଥିସହିତ ବିଭାଗ ପକ୍ଷରୁ ୩ ଜଣିଆ ବୈଷୟିକ କମିଟି ଗଠନ କରାଯାଇଛି। କମିଟିରେ ଅଧ୍ୟକ୍ଷ ଭାବେ ଆଇନ୍‌ମନ୍ତ୍ରୀ କହିଛନ୍ତି, କଟକ ଖାନନଗର ନିକଟରେ ୬ ଲେନ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଏପରି ଘଟଣା କାହିଁକି ଏବଂ କେଉଁ ପରିସ୍ଥିତରେ ଘଟିଲା ସେ ସମ୍ପର୍କରେ ଗଠିତ ବୈଷୟିକ କମିଟି ସବୁ ଦିଗକୁ ଅନୁଧ୍ୟାନ ସହ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୧୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଖାନନଗରରେ ପୋଲ କାମ ଜାରି ରହିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି କାମ ପାଇଁ ଏକ ଘରୋଇ କଂପାନୀକୁ ଦାୟିତ୍ୱ ଦିଆଯାଇଛି। ଅନ୍ୟ ଦିନ ଭଳି ଶନିବାର ମଧ୍ୟ ଏଠାରେ ନିର୍ମାଣ କାମ ଚାଲିଥିଲା। କିନ୍ତୁ ଅପରାହ୍ଣ ସମୟରେ ଅଘଟଣ ଘଟିଥିଲା। ପୋଲ ଉପରେ କିଛି ଲୋକ କାମ କରୁଥିବା ବେଳେ ଅନ୍ୟମାନେ ପୋଲ ତଳେ ଥିଲେ। ଅଚାନକ ପୋଲ ଉପରୁ ସ୍ଲାବ ଖସି ପଡ଼ିଯିବା କାରଣରୁ ୫ ଜଣ ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ସୌମ୍ୟରଞ୍ଜନ ମଲ୍ଲିକ, ଶିବଶଙ୍କର ପଟ୍ଟନାୟକ ଓ ସୁବାସ ଭକ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। କିନ୍ତୁ ଅନ୍ୟ ୨ ଜଣ ଅରୁଣ ବାରିକ ଓ ବିକଳ ଜେନାଙ୍କ ଚିକିତ୍ସା ଜାରି ରହିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ଲକ୍ଷ ଲେଖାଏଁ ସହାୟତା ଘୋଷଣା କରିବା ସହ ଆହତଙ୍କ ଚିକିତ୍ସା ମାଗଣାରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ମାସକ...

ସେହିପରି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା ଭଳି ବଜେଟରେ ୧୬ଟି ନୂଆ ଯୋଜନା କରିଛନ୍ତି ମୋହନ ସରକାର। ଏହାବାଦ୍ ଡବଲ ଇଞ୍ଜିନ ସରକାରର ଉପଲବ୍ଧି, ରାଜ୍ୟରେ ବଡ଼ ବଡ଼ କେନ୍ଦ୍ରୀୟ କାର୍ଯ୍ୟକ୍ରମ ସଫଳ କାର୍ଯ୍ୟକାରିତାରେ ମଧ୍ୟ ସକ୍ଷମ ହୋଇଛନ୍ତି ସରକାର। ପୁରୀରେ ନୌସେନା ଦିବସ, ଭୁବନେଶ୍ୱରରେ ପୁଲିସ ଡିଜି ସମ୍ମିଳନୀ, ପ୍ରବାସୀ ଭାରତୀୟ ସମ୍ମିଳନୀ ସହ ଉତ୍କର୍ଷ ଓଡ଼ିଶା ମେକ ଇନ ଓଡ଼ିଶା କନକ୍ଲେଭର ଆୟୋଜନ କରି ୧୬ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ନିବେଶ ସୁଯୋଗ ସୃଷ୍ଟି କରିବା ବି ସରକାରଙ୍କ ବଡ଼ ସଫଳତା ବୋଲି କୁହାଯାଉଛି।

ସେପଟେ ଚିଟଫଣ୍ଡଠାରୁ ଆରମ୍ଭ କରି କୋଇଲା ଦୁର୍ନୀତି, ଡିଏମଏଫ ପାଣ୍ଠି ହଡ଼ପ, ସରକାରୀ କଳର ଅପବ୍ୟବହାର, ଶିଳ୍ପ ନାଁରେ ବ୍ୟାପକ ବିସ୍ଥାପନ, ବ୍ଲାକରୋଜ ଦୁର୍ନୀତି ଭଳି ବିଜେଡି ସରକାର ବିରୋଧରେ ପୂର୍ବରୁ ଆସିଥିବା ଅଭିଯୋଗ ଉପରେ କି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ନୂଆ ସରକାର, ତା'ର ମଧ୍ୟ ହିସାବ ନେବାକୁ ଅନେଇ ବସିଛନ୍ତି ଓଡ଼ିଶାବାସୀ।

### ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ ନିର୍ବାଚନ

## ବିଜୟ ସଭାପତି, ଧୀରେନ୍ ସମ୍ପାଦକ




**ଭଦ୍ରକ,୪।୫(ସଂଚାର ବ୍ୟୁରୋ):** ଆଜି ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ପରିଚାଳନା ସମିତି ପୁନର୍ଗଠିତ ହୋଇଛି। ଏଥିପାଇଁ ସାଧାରଣ ସଭାର ଏକ ସ୍ୱତନ୍ତ୍ର ଅଧିବେଶନ ହ୍ୟାପ୍ପି ହୋମ୍ ପରିସରରେ ଅନୁଷ୍ଠିତ ହୋଇଛି। ନିର୍ବାଚନକୁ ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ ନିର୍ବାଚନ ଅଧିକାରୀ ଭାବେ ପରିଚାଳନା କରିଥିବା ବେଳେ ପର୍ଯ୍ୟବେକ୍ଷକ ଦାୟିତ୍ୱ ଓଡିଶା କ୍ରିକେଟ୍ ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ ତୁଲାଇଥିଲେ। ସମିତିର ୧୫ଟି ପଦବୀ ନିମନ୍ତେ ଗୋଟିଏ ଲେଖାଏଁ ନାମାଙ୍କନପତ୍ର ଦାଖଲ ହୋଇଥିବାରୁ ନିର୍ବାଚନ ଅଧିକାରୀ ସାଧାରଣ ସଭାର ଅନୁମୋଦନ କ୍ରମେ ସେମାନଙ୍କ ନାମ ଘୋଷଣା କରାଯାଇଥିଲା। ଏହି ଅନୁସାରେ ଆଇନଜୀବୀ ବିଜୟ କୁମାର ଜେନା ସଭାପତି ରୂପେ ନିର୍ବାଚିତ ହୋଇଥିବା ବେଳେ ଧୀରେନ୍ ପଲାଇ ସାଧାରଣ ସମ୍ପାଦକ ରୂପେ ପୁନଃନିର୍ବାଚିତ ହୋଇଛନ୍ତି। ଦୁଇଟି ଉପସଭାପତି ପଦବୀ ପାଇଁ ଆଇନଜୀବୀ ଯତିକାନ୍ତ ନାୟକ ଓ ବ୍ରଜନାରାୟଣ ଜେନାଙ୍କ ନାମ ଘୋଷଣା କରାଯାଇଛି। ସେହିପରି ବିଜୟ କୁମାର ଲଖାନୀ ଓ ସୁଦାମ କୁମାର ନାୟକ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ବ୍ୟୋମକେଶ ସେନାପତି ପୁନଃନିର୍ବାଚିତ ହୋଇଛନ୍ତି। ଏହାଛଡ଼ା କାର୍ଯ୍ୟକାରିଣୀ ସଦସ୍ୟ ରୂପେ ପାର୍ଥସାରଥୀ ଗୁହା ଠାକୁରତାରାୟ, ବେଦପ୍ରକାଶ ଗୁପ୍ତା, ଆଇନଜୀବୀ ପବନ କୁମାର ଶର୍ମା, ଆଇନଜୀବୀ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ସଞ୍ଜୀବ ଦାସ, ସୋମନାଥ ସାହୁ, ଆଇନଜୀବୀ ତୁଷାର କାନ୍ତ ଦାସ ଓ ବିଶିଷ୍ଟ କ୍ରିକେଟ୍ କୋଚ୍ କେଭି ପ୍ରସାଦ ମନୋନୀତ ହୋଇଛନ୍ତି। ଏହି ଅବସରରେ ଓସିଏ ପର୍ଯ୍ୟବେକ୍ଷକ ପ୍ରଭାତ କୁମାର ଭୋଳ ଓ ନିର୍ବାଚନ ଅଧିକାରୀ ଦିବ୍ୟସିଂହ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ବାଚନ ଅଧିକାରୀ ଶ୍ରୀ ନାୟକ ନିଜ ପ୍ରତିକ୍ରିୟାରେ ସଦ୍ୟସମାପ୍ତ ନିର୍ଦ୍ୱନ୍ଦ୍ୱ ନିର୍ବାଚନ ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ସଦସ୍ୟଙ୍କ ଏକତା ଓ ଉତ୍ତମ ବୁଝାମଣାର ସ୍ପଷ୍ଟ ସଂକେତ ବୋଲି କହିଥିଲେ। ଓସିଏ ପର୍ଯ୍ୟବେକ୍ଷକ ଶ୍ରୀ ଭୋଳ ଓଡ଼ିଶାର କ୍ରିକେଟ୍ ମାନଚିତ୍ରରେ ଭଦ୍ରକ ଏକ ସ୍ୱତନ୍ତ୍ର ପରିଚୟ ଓ ପ୍ରତିଷ୍ଠା ସୃଷ୍ଟି କରିଛି ବୋଲି କହିବା ସହ ନବଗଠିତ ପରିଚାଳନା ସମିତି ସେ ସମ୍ମାନର ଧାରା ଅକ୍ଷୁର୍ଣ୍ଣ ରଖିବ ବୋଲି ଆଶା ପ୍ରକାଶ କରିଥିଲେ। ଶେଷରେ ନବନିର୍ବାଚିତ ସଭାପତି ବିଜୟ କୁମାର ଜେନା ପରିଚାଳନା ସମିତି ପକ୍ଷରୁ ଏମିତି ଏକ ନିର୍ଦ୍ୱନ୍ଦ୍ୱ ନିଷ୍ପତ୍ତି ନିମନ୍ତେ ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଥିଲେ। ସାଧାରଣ ସମ୍ପାଦକ ଶ୍ରୀ ପଲାଇ ଓ ଆଇନଜୀବୀ ଅତିଶ କୁମାର ବେହେରା ନିର୍ବାଚନ ଅଧିକାରୀ, ଓସିଏ ପର୍ଯ୍ୟବେକ୍ଷକ ତଥା ସାଧାରଣ ସଭାର ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ହ୍ୟାପ୍ପି ହୋମ୍ ନିର୍ଦ୍ଦେଶିକା ପ୍ରଜ୍ଞା ପରିମିତା ଏହି ସ୍ୱତନ୍ତ୍ର ଅଧିବେଶନକୁ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଅଧ୍ୟାପକ ରବିନାରାୟଣ ଓଝା ଓ ଅଧୀକ୍ଷକ ରୁଦ୍ର ନାରାୟଣ ବାରିକ ସହଯୋଗ କରିଥିଲେ।

# ସିଟି salad

## ସଂକ୍ରାନ୍ତି ଗଲା, ମୁହଁ ଖୋଲିଲାନି

ଓଡିଶାବାସୀ ଚାହିଁଥିଲେ ପଣା ସଂକ୍ରାନ୍ତିକୁ। ଗଣମାଧମ ବି ଅପେକ୍ଷା କରି ରହିଥିଲା। ଲୋକେ ପଣାପିଆ ଛାଡି ଟିଭି ଆଗରେ ବସିଥିଲେ। ଅପେକ୍ଷା କରିଥିଲେ ବିଜେପି ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କୁ। ପାଣିଗ୍ରାହୀ ବାବୁ ଆଗରୁ ଗଳା ଫଟାଇ କହିଥିଲେ ଯେ ସମସ୍ତେ ଅପେକ୍ଷା କର। ଓଡିଆ ନୂଆବର୍ଷ ଆରମ୍ଭ ଅର୍ଥାତ୍ ପଣା ସଂକ୍ରାନ୍ତିରେ ମୁଁ ସବୁ ଖୋଲି କହିବି। ପାଣିଗ୍ରାହୀ ଆଜ୍ଞାଙ୍କର କଥା କହିବାର ଭଙ୍ଗୀ ଓ ତାଙ୍କ ପୂର୍ବ ରେକର୍ଡକୁ ଦେଖି ସମସ୍ତେ ଭାବିଥିଲେ ଯେ ସେହିଦିନ ବିଜେଡି ଘରେ ବୋମା ପଡିବ। ପାଣିଗ୍ରାହୀ ଗାରୁ ସମସ୍ତଙ୍କ ପୋଲ୍ ଖୋଲିଦେବେ। ସହଜରେ ବିଜେଡିରୁ ଯାଇ ବିଜେପି ସାଂସଦ ହେବାପରେ ବିଜେଡି ଉପରେ ପାଣିଗ୍ରାହୀ ବାବୁ ରକ୍ତଚାଉଳ ଚୋବାଉଛନ୍ତି। ମଝିରେ ମଝିରେ ନବୀନ-ପାଣ୍ଡିଆନଙ୍କୁ ଗାଳି ଦେଉଛନ୍ତି। ତେଣୁ ପ୍ରତିଶ୍ରୁତି ମୁତାବକ ଓଡିଆ ନୂଆବର୍ଷରେ ପାଣିଗ୍ରାହୀ ବାବୁ ବାନ୍ତି କରିବେ ବୋଲି ସମସ୍ତେ ଅପେକ୍ଷା କରିଥିଲେ। ହେଲେ ସେମିତି କିଛି ହେଲା ନାହିଁ। ପାଣିଗ୍ରାହୀ ବାବୁଙ୍କର ଦେଖାଦର୍ଶନ ମିଳିଲା ନାହିଁ। ସମସ୍ତେ ନିରାଶ ହେଲେ। କଥା କଥାକେ ହାତ ହଲେଇ ବିଜେଡିକୁ ଗାଳିମନ୍ଦ କରୁଥିବା ନେତା ଜଣଙ୍କ ଉଁ ଚୁଁ କିଛି କହିଲେନି। ତାଙ୍କର ଏମନ୍ତ ଆଚରଣ ଦେଖିବାପରେ ଏବେ ଏହି ଦକ୍ଷଣୀ ନେତା ପୁଣିଥରେ ବିଜେଡିକୁ ଫେରିବାକୁ ମନ ବଳାଇଥିବା କିଛି ନେତା କହୁଥିବାବେଳେ ଆଉ କିଛି ନେତାଙ୍କ ଆଲୋଚନା ଅନୁଯାୟୀ ବାବୁ କୁଆଡେ ଦିଲ୍ଲୀ ଗଦ ଶୁଙ୍ଘିବା ପରେ ପାଟି ନଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ପାଟି ଖୋଲିଲେ ବିଜେଡିରେ ଭୂମି କମ୍ପ ହେଉ କି ନହେଉ ତାଙ୍କ ଗୋଡତଳେ ଭୂମିକମ୍ପ ହେବାର ଜୋରଦାର ଆଶଙ୍କା ଥିବାରୁ ବାବୁ ମୌନବ୍ରତ ଗ୍ରହଣ କରିଛନ୍ତି।



## ରାମ କୃଷ୍ଣଙ୍କର ରାବଣ ଅବତାର

ପୁରୀର ବାବୁ ରାମକୃଷ୍ଣ ଦାସମହାପାତ୍ର ହେଉଛନ୍ତି ଶ୍ରୀଜୀଉଙ୍କ ସେବକ। ପୁରୀରେ ତାଙ୍କ ଢେର ଖାତିର। ହେଲେ ବାବୁ ଏବେ ରାତାରାତି ରାମରୁ ରାବଣ ପାଲଟି ଯାଇଛନ୍ତି। ପୁରୀ ବାସୀଙ୍କ ଠାରୁ ଆରମ୍ଭ କରି ରାଜ୍ୟବାସୀ ତାଙ୍କୁ ନେଇ ଆଲୋଚନା କରୁଥିବାବେଳେ ଗଣମାଧମ ତାଙ୍କୁ ଏକ ପ୍ରକାର ରାବଣ ସଜାଇ ସାରିଲାଣି। ତେବେ ଘଟଣାଟି ଜଗନ୍ନାଥଙ୍କୁ ନେଇ ହୋଇଥିବାରୁ ସରକାର ମାପି ଚୁପି ଆଗକୁ ବଢୁଛନ୍ତି। ତେବେ ଅସଲ କାରଣ ହେଉଛି ପଶ୍ଚିମବଙ୍ଗ ସରକାରଙ୍କ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାକୁ ନେଇ। ପଶ୍ଚିମବଙ୍ଗର ଦୀଘାରେ ମମତା ସରକାର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିଥିବାବେଳେ ସେଠାରେ ପୁରୋଧା ସାଜିଥିଲେ ବାବୁ ରାମକୃଷ୍ଣ। ସୁଆର ମହାସୁଆର ନିଯୋଗର ଫତୁଆ ଜାରି ସତ୍ୱେ ରାମକୃଷ୍ଣ ସେଠାରେ ମନ୍ଦିର ପ୍ରତିଷ୍ଠାର ଆଗରେ ଥିଲେ। ଯେତେବେଳେ କଥା ଉଠିଲା ଯେ ଦୀଘାର ଏହି ଜଗନ୍ନାଥ ମନ୍ଦିରରେ ଦିଅଁମାନେ ପଥରରେ ତିଆରି ହୋଇଛନ୍ତି ସେତେବେଳେ ରାମକୃଷ୍ଣ ଗଣମାଧମକୁ କହିଲେ ସିଏ ପୁରୀରୁ ନିମ୍ବକାଠ ଆଣି ଦାରୁ ତିଆରି କରିଛନ୍ତି। ପଥର କଥା ମିଛ। ଏହି କଥା ପଦକ ଏବେ ତାଙ୍କୁ ରାମରୁ ରାବଣ କରିଦେଇଛି। ରାମକୃଷ୍ଣ କୁଆଡେ ଦାରୁ ତିଆରିରୁ ବଳି ପଡିଥିବା ନିମ୍ବ କାଠକୁ ପଶ୍ଚିମବଙ୍ଗକୁ ଦେଇ ଦେଇଛନ୍ତି ବୋଲି କୁହାଗଲାଣି। ରାଜ୍ୟ ସରକାର ବି ମାମଲାର ଗମ୍ଭୀରତାକୁ ଦେଖି ଏହାର ତଦନ୍ତ ନିର୍ଦ୍ଦେଶ ଦେଲେଣି। ଅନ୍ୟ ପଟେ ଦୀର୍ଘ ଜଗନ୍ନାଥ ମନ୍ଦିର ଯୋଗୁଁ ପୁରୀରେ ବେପାର ବୁଡିବାର ଆଶଙ୍କା କରୁଥିବା ବ୍ୟବସାୟୀମାନେ ବି ସରକରଙ୍କ ପଛରେ ଛିଡା ହୋଇଛନ୍ତି। ସମସ୍ତଙ୍କ ଟାର୍ଗେଟରେ ଏବେ ରାମକୃଷ୍ଣ। ତେବେ ତଦନ୍ତ ପରେ ରାମକୃଷ୍ଣ ଶ୍ରୀରାମନ୍ଦ୍ର ହେଉଛନ୍ତି କି ରାବଣ ହେଉଛନ୍ତି ତାହା ସ୍ପଷ୍ଟ ହେବ ବୋଲି ଏବେ ପୁରୀରେ ଜୋରଦାର ଆଲୋଚନା।



## ଶକ୍ତି ଅଫିସରେ ବି ସାର୍ଟିଫିକେଟ ଜାଲିଆତି




ସାର୍ଟିଫିକେଟ ଜାଲିଆତି କରି ମାଷ୍ଟର ଚାକିରି କରିଥିବାର ଏକାଧିକ ନଜିର ରହିଥିବାବେଳେ ଅନେକ ଗୁରୁ ଇତି ମଧ୍ୟରେ ଏହି ଅଭିଯୋଗରେ ଚାକିରି ହରାଇଛନ୍ତି। ତେବେ ସଦ୍ୟ ସାର୍ଟିଫିକେଟ ଜାଲିଆତି ଅଭିଯୋଗଟି ଆଲୋଚନାର ବିଷୟବସ୍ତୁ ପାଲଟିଛି ଶକ୍ତି ବିଭାଗ ଅଧିନରେ ଥିବା ଗୋଟିଏ ଶକ୍ତି ଉତ୍ପାଦନ କେନ୍ଦ୍ରରେ। ଏହି କେନ୍ଦ୍ରରେ ଚାକିରି କରିଥିବା ବାବୁମାନେ ଅଧିକ ଦିନ ସରକାରୀ ବେତନ ହାତେଇବାକୁ ମାଟ୍ରିକ ସାର୍ଟିଫିକେଟରେ ଜାଲିଆତି କରିଥିବା କରିଥିବା ନେଇ ଆଲୋଚନା ହେଉଛି। ସେମାନଙ୍କ ଚାକିରି କାଳରେ ହାତଲେଖା ମାଟ୍ରିକ ସାର୍ଟିଫିକେଟ ଥିବାରୁ ଯିଏ ଯେମିତି ପାରିଛି କଲମରେ ଜନ୍ମତାରିଖକୁ ଏପଟ ସେପଟ ବୁଲାଇଛି। ଏଥିପାଇଁ କି ତିନି ବର୍ଷ ଅଧିକ ତ ଆଉ କିଏ ଚାରିବର୍ଷ ଅଧିକ ଚାକିରି କରୁଛନ୍ତି। ତେବେ ଘଟଣାଟି ଏବେ ପଦାକୁ ଆସିଛି ସେତେବେଳେ, ଯେତେବେଳେ ଏଠାରୁ ଅବସର କରିଥିବା ଜଣେ ବାବୁ ପୁଣିଥରେ ଠିକା ଚାକିରି କରିବାପାଇଁ ଉଦ୍ୟମ ଆରମ୍ଭକଲେ। ବାବୁଙ୍କର ସାର୍ଟିଫିକେଟ ଜାଲିଆତି ସଂକ୍ରାନ୍ତରେ ସମସ୍ତେ ଜାଣିଥିଲେ। ବାବୁ କେମିତି ଜନ୍ମତାରିଖ ବଳାଇ ତିନିବର୍ଷ ଅଧିକ ଚାକିରି କରିଛନ୍ତି ତାହା ଜାଣିଥିଲେ ବି କିଛି କହୁନଥିଲେ। ହେଲେ ବାବୁ ଅତି ଲୋଭରେ ପଡି ଏବେ ଆଉଥରେ ସେହି ଶକ୍ତି ଉତ୍ପାଦନ ଦପ୍ତରରେ ଥଇଥାନ ହେବାକୁ ଉଦ୍ୟମ କରିବାରୁ ତାଙ୍କ ସାର୍ଟିଫିକେଟ ଜାଲିଆତିକୁ ପଦାକୁ ଆଣିବାକୁ ଏବେ ଉଦ୍ୟମ ଜୋରଦାର ହେଲାଣି। ତେବେ ଯଦି ସତରେ ଖୋଳତାଡ ଆରମ୍ଭ ହୁଏ ତେବେ କେବଳ ଏହି ଲୋଭି ବାବୁ ନୁହନ୍ତି ଶକ୍ତି ଉତ୍ପାଦନ କେନ୍ଦ୍ରର ଆଉ କିଛି ବାବୁ ବି ଖାଲରେ ପଡିବାଟା ଥୟ ବୋଲି ଆଲୋଚନା ଜୋର ଧରିଛି।

## ପାଟିରେ ବାଜିଲାନି ସୁଆଦିଆ ଖାଦ୍ୟ



ଲୋକସେବା ଭବନର ବାବୁମାନଙ୍କ ପାଟିରେ ଟିକେ ସୁଆଦିଆ ଖାଦ୍ୟ ବାଜି ପାରିଲାନି। କେତେ ଆଶା କରିଥିଲେ ଷ୍ଟାର ହୋଟେଲରେ ନହେଲେ ନାହିଁ ସେହି ମାର୍କା କ୍ୟାଣ୍ଟିନରେ ଖାଇବେ। ହେଲେ ସବୁ ଆଶା ପାଣି ଫୋଟକା ଭଳି ମିଳେଇ ଗଲା। ଲୋକସେବା ଭବନରେ ଏ ନେଇ କିଛି ବାବୁ କରୁଥିବା ଆଲୋଚନାରୁ ଜଣାଯାଇଛି ଯେ ନୂଆ ସରକାର ଆସିବା ପରେ ତୃତୀୟ ମହଲାରେ କ୍ୟାଣ୍ଟିନଟିଏ ପାଇଁ ମନ ବଳାଇଥିଲେ। ଏହା ଯେମିତି ବିଶ୍ୱ ସ୍ତରର ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବରାଦିଆଙ୍କ ମନକୁ ଦେଖି ଠିକାଦାର ବି ସେହି ମୁତାବକ କ୍ୟାଣ୍ଟିନ ତିଆରିରେ ଲାଗିପଡିଲେ। ନାମୀ ଦାମୀ ଟାଇଲ୍ ଖଞ୍ଜା ହେଲା। ଶୀତତାପ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ହେଲା। ଯିଏ ଦେଖିଲା ଘଣ୍ଟାଏ ଅଟକିଲା। ଆଲୋଚନା ହେଲା ରାଜଧାନୀର ବଡ ବଡ ହୋଟେଲ ଏହା ପାସାଙ୍ଗରେ ପଡିବେ ନାହିଁ। ଆଲୋଚନା ବଢିବାରୁ ସବୁ ବିଭାଗର ବଡ ଠାରୁ ସାନ ବାବୁମାନେ କ୍ୟାଣ୍ଟିନ ଦେଖିବାକୁ ଧାଇଁଲେ। ମନେ ମନେ କ୍ୟାଣ୍ଟିନରେ ବସି କିଏ ଚାହା ପିଇଲା ତ ଆଉ କିଏ ମିଠା ଖାଇଲା। କେହି କେହି ତ କେଉଁଦିନ କି କି ମିଠା ନେଇକି ଘରକୁ ଯିବେ ତାହା ଆଗୁଆ ଜଣାଇ ଦେଇଥିଲେ। ତେବେ ହଠାତ୍ ଚନ୍ଦ୍ରକୁ ରାହୁ ଗ୍ରାସିଲା ଭଳି କିଏ ଜଣେ ଏହି କ୍ୟାଣ୍ଟିନ ଉପରେ ନଜର ପକାଇଲା। ଉପର ମହଲରକୁ ଖବର ଗଲା କ୍ୟାଣ୍ଟିନ୍ ଚାଲିଲେ ଖାଦ୍ୟ ସିନା ସୁଆଦିଆ ହେବ ହେଲେ ଖାଦ୍ୟର ବାସ୍ନା ଖରାପ ବାର୍ତ୍ତା ଦେବ। ତାହା ପରେ ସବୁ ଶେଷ। ଯେଉଁ ବେଗରେ ଏହା ତିଆରି ହୋଇଥିଲା ତାହାଠାରୁ ଦୁଇଗୁଣ ବେଗରେ ଭଙ୍ଗା ହେଲା। ଭଙ୍ଗା ହେବାର ଟେଣ୍ ଅନେକ ପାଇନଥିଲେ। ଏବେ କ୍ୟାଣ୍ଟିନ ବୁଲି ଗଲାବେଳକୁ ଦେଖିଲେ ସେଠାରେ ଆଉ କିଛି ନାହିଁ। ତେଣୁ ବାବୁମାନେ କହୁଥିଲେ, କେତେ ଆଶା କରିଥିଲୁ, ହେଲେ ପାଟିରେ ଟିକେ ହେଲେ କିଛି ବାଜିଲା ନାହିଁ।

## ପୁଲିସ୍ କଳିରେ ପୁଲିସ୍ ନୟାନ୍ତ



ରାଜଧାନୀରେ ଏବେ ପୁଲିସ୍ କଳି। କଳିରେ ମାତିଥିବା ବାବୁମାନେ ଛୋଟ କାଟର ନୁହନ୍ତି। ଦୁଇ ପଟେ ଲଢୁଥିବା ଖାକି ବାବୁମାନଙ୍କ ପୋଷାରେ ଅଶୋକ ଚିହ୍ନ ଲାଗିଛି। ଅର୍ଥାତ୍ ସବୁତକ ଆଇପିଏସ୍ ବାବୁ। ଅବଶ୍ୟ ଏମାନଙ୍କ ମୋହରା ସାଜିଥିବା କିଛି ବାବୁ ବାବୁଆଣି ତଳିଆ ଅଫିସର ଅର୍ଥାତ୍ ଇନ୍ସପେକ୍ଟର ପାହ୍ୟାର। ହେଉଥିବା ଆଲୋଚନା ଅନୁଯାୟୀ ଏହି ଉପର ବାବୁମାନଙ୍କ ମଧ୍ୟରେ ଜଣେ ଓଡିଆ ଓ ଆଉ ଜଣେ ଅଣଓଡିଆ ମିଶି ଗ୍ୟାଙ୍ଗ୍ ତିଆରି କରିଛନ୍ତି। ଏହି ଗ୍ୟାଙ୍ଗର ଟାର୍ଗେଟରେ ଏବେ ରାଜଧାନୀର ଆଉ ଜଣେ ଅଣଓଡିଆ ଆଇପିଏସ୍ ପୁଲିସ୍ ବାବୁ। ତାଙ୍କୁ ଖାଲରେ ପକାଇବାପାଇଁ ଦୁଇଜଣିଆ ଗ୍ୟାଙ୍ଗ୍ ସବୁ ପକାର ଉଦ୍ୟମ ଚଳାଇଛନ୍ତି। ତେବେ ଆଲୋଚନାର କଥାଟି ହେଉଛି ଏହି ଦୁଇ ଜଣିଆ ଗ୍ୟାଙ୍ଗ୍‌ରେ ଜଣେ ଓଡିଆ ଓ ଆଉଜଣେ ଅଣଓଡିଆ। ବିଜେଡି ସରକାର ସମୟରେ ଏ ଦୁଇଜଣ ଗେହ୍ଲାପୁଅ ଥିଲେ। ଜଣେ ଟିକଟ ବଣ୍ଟନରେ ସକ୍ରିୟ ଥିବାବେଳେ ଆଉ ଜଣେ ନିର୍ବାଚନ ଲଢିବା ନେଇ ଆଲୋଚନା ହେଉଥିଲା। ସବୁ କଥାରେ ତାଙ୍କର ପରାମର୍ଶ ନିଆଯାଉଥିଲା। ଏବେ ଦୁଇଜଣ ହାତ ମିଳାଇ ଆଉଜଣେ ଅଣଓଡିଆଙ୍କୁ ବଦନାମ କରିବାପାଇଁ ଜଣେ ମହିଳା ପୁଲିସ୍‌ଙ୍କୁ ମୋହରା କରିଛନ୍ତି। ସେ ପୁଲିସିଆଣି ଟିକିନିଖି ଖବର ଦେଉଛନ୍ତି। ଯେମିତି ହେଲେ ଆଇପିଏସ୍ ବାବୁ ଜଣଙ୍କୁ ବଦନାମ କରିବାପାଇଁ ଏହି ମହିଳା ଜଣଙ୍କ ଦୁଇ ପୁଲିସ୍‌ଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମହିଳା ପୁଲିସ୍ ଜଣଙ୍କ ବାଟ ଦେଇ ସବୁକିଛି ଖବର ଯା ଆସ କରୁଥିବାରୁ ଏହା ସମ୍ଭବ ବୋଲି ଗ୍ୟାଙ୍ଗ୍‌ର ଦୁଇ ପୁଲିସ୍ ଅଧିକାରୀ ବିଚାରୁଛନ୍ତି। ତେବେ ଓଡିଆ-ଅଣଓଡିଆ ମିଶି ଗଢିଥିବା ଏହି ଘରଭଙ୍ଗା ଗ୍ୟାଙ୍ଗ୍‌ର ମୁଣ୍ଡରେ କୁଆଡେ ଜଣେ ଟାଣୁଆ ପରାମର୍ଶଦାତା ବାବୁଙ୍କର ଆର୍ଶୀବାଦ ରହିଛି। ତାଙ୍କ ସମୟରେ ଏ ଦୁଇଜଣ ତାଙ୍କ ଦୁଇ ପଟେ ଶୁମ୍ଭ ନିଶୁମ୍ଭ କଳି କାର୍ଯ୍ୟ କରୁଥିବା ନେଇ ଖାକି ମହଲରେ ଏବେ ଜୋରଦାର ଚର୍ଚ୍ଚା।

### ମିଟ ଇନ ଇଣ୍ଡିଆ କନକ୍ଲେଭରେ ଓଡ଼ିଶା ପର୍ଯ୍ୟଟନ

# ସରକାରଙ୍କ ଉଦ୍ୟମକୁ ପ୍ରଶଂସା କଲେ ଶେଖାୱାତ

**ଓଡ଼ିଶାରେ ମାଇସ ପର୍ଯ୍ୟଟନ ବିକାଶ ଉପରେ ଆଲୋଚନା**




ଭୁବନେଶ୍ୱର, ୪।୫ (ସଂଚାର ବ୍ୟୁରୋ) : ଆଜି ରାଜସ୍ଥାନ ରାଜଧାନୀ ଜୟପୁରରେ ମିଟ ଇନ ଇଣ୍ଡିଆ କନକ୍ଲେଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତରଫରୁ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ସହ ଓଡ଼ିଶା ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବଲୱନ୍ତ ସିଂ ଓ ବିଭାଗୀୟ ଅନ୍ୟ ଅଧିକାରୀବୃନ୍ଦ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂ ଶେଖାୱାତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ବର୍ତ୍ତମାନ ସରକାରଙ୍କ ପ୍ରୟାସକୁ ଭୂୟସୀ ପ୍ରଂଶସା କରିଥିଲେ। ଓଡ଼ିଶାର ପର୍ଯ୍ୟଟନ ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ଅନ୍ୟ ସମସ୍ତ ରାଜ୍ୟ ପାଇଁ ଅନୁକରଣୀୟ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜସ୍ଥାନ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ଦିବ୍ୟା କୁମାରୀ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଓଡ଼ିଶା ପର୍ଯ୍ୟଟନର ସମ୍ଭାବ୍ୟ ବିକାଶ ଓ ଆହ୍ୱାନ ଉପରେ ଗୁରୁତ୍ୱାରୋପ କରିଥିଲେ।ଓଡ଼ିଶାରେ ମାଇସ ଟୁରିଜିମର ସମ୍ଭାବ୍ୟ ବିକାଶ ବିଷୟରେ ବିଶିଷ୍ଟ ନିବେଶକମାନଙ୍କ ସହ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଆଲୋଚନା କରିଥିଲେ।

## ପୁରୁଷୋତ୍ତମପୁରରେ ଆୟୁଷ୍ମାନ କାର୍ଡ ବଣ୍ଟନ



**ପୁରୁଷୋତ୍ତମପୁର,୪।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ରବିବାର ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଛି। ଏଥିରେ ବିଜେପିର ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହିକାର୍ଡର ସୁବିଧା ଓ ମହତ୍ତ୍ୱ ସମ୍ପର୍କରେ ଗୁରୁତ୍ୱାରୋପ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଏନ୍‌ଏସି ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ଜୟନାରାୟଣ ଦାଶ, ବିଧାୟକ ପ୍ରତିନିଧି ସୁଦର୍ଶନ ବେହେରା, କାଉନସିଲର ଭାସ୍କର ବେହେରା, ଯତୀନ୍ଦ୍ର ତ୍ରିପାଠୀ, କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇଥିଲେ।

## ଆପିଲ୍ ମାମଲାର ତ୍ୱରିତ ସମାଧାନ ପାଇଁ କ୍ୟାମ୍ପ କୋର୍ଟ



**ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ):** ନାଗରିକ-କୈନ୍ଦ୍ରିକ ଶାସନ ଓ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଆଜି ସ୍ଥାନୀୟ ଉନ୍ନତି ଭବନରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ବିକାଶ ପ୍ରାଧିକରଣ (ଓଡିଏ) ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହ ଜଡ଼ିତ ଆପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆପିଲ୍ କର୍ତ୍ତୃପକ୍ଷ ପ୍ରମୁଖ ସଚିବ ଏହି ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ୮୦୦ରୁ ଅଧିକ ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ ଅଧିବେଶନରେ ମୋଟ ୨୦୦ ମାମଲା ଗ୍ରହଣ ସହ ସମାଧାନ ହୋଇଥିଲା। ଏହି ଆବେଦନଗୁଡ଼ିକ ଓଡିଏ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହ ଜଡ଼ିତ।ସମ୍ପ୍ରତି ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ମାମଲାଗୁଡ଼ିକର ତ୍ୱରିତ ସମାଧାନ ସୁନିଶ୍ଚିତ କରିବା ପାଇଁ ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ସକାଶେ ନିଯୁକ୍ତ ପୌର ପ୍ରଶାସନ ନିର୍ଦ୍ଦେଶକ, ସ୍ୱତନ୍ତ୍ର ସଚିବ ଓ ଅତିରିକ୍ତ ସଚିବ ପ୍ରମୁଖ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବିକେନ୍ଦ୍ରୀକରଣ ପଦ୍ଧତି ଦକ୍ଷତା ବୃଦ୍ଧି ଓ ବିଚାରାଧୀନ ସମୟ କମାଇବା ଲକ୍ଷ୍ୟ ରହିଛି। ଏହି କ୍ୟାମ୍ପ କୋର୍ଟ ବ୍ୟବସ୍ଥା ସାଧାରଣରେ ଗ୍ରହଣଯୋଗ୍ୟ ହୋଇଥିବାବେଳେ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବା ସକାଶେ ଭବିଷ୍ୟତ ଏହି ବ୍ୟବସ୍ଥା ଜାରି ରହିବ ବୋଲି ଆଶା କରାଯାଉଛି।

## ବିଜେପିରେ ମିଶିଲେ ଶତାଧିକ ବିଜେଡି କର୍ମୀ



**ପ୍ରଭାବିତ କରିଛି ମୋହନଙ୍କ ସରଳତା**

**ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ, ବିଜେପିର ବିଚାରଧାରା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରଳତାରେ ପ୍ରଭାବିତ ହୋଇ ଆଜି ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ପ୍ରମୁଖ ବିଜେପି ନେତା ତଥା ଗତ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇଥିବା ଜଗନ୍ନାଥ ପ୍ରଧାନଙ୍କ ନେତୃତ୍ୱରେ ଝାରପଡା ବିଜେପି କାର୍ଯ୍ୟାଳୟରେ ୟୁନିଟ୍-୮ ଅଞ୍ଚଳ ଅନ୍ତର୍ଗତ ୪୭ ନମ୍ବର ୱାର୍ଡର ଏହି ବିଜେଡି କର୍ମୀମାନେ ଏକ ପଟୁଆରରେ ଆସି ବିଜେପିରେ ଯୋଗଦେଇଥିଲେ। ସେମାନଙ୍କୁ ବିଜେପି ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଓ ଶ୍ରୀ ପ୍ରଧାନ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଜେଡିରେ ପ୍ରତାରଣା ଓ ମିଛ ପ୍ରତିଶ୍ରୁତିରେ ଅତିଷ୍ଠ ହୋଇ ଏବଂ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ କାର୍ଯ୍ୟରେ ଉତ୍ସାହିତ ହୋଇ ବିଜେପିରେ ସାମିଲ ହୋଇଛନ୍ତି। ଏମାନଙ୍କ ଭାଗୀଦାରୀ ଆଗାମୀ ଦିନରେ ଦଳକୁ ସଶକ୍ତ କରିବ ବୋଲି ସେ ଆଶା କରିଛନ୍ତି। ପ୍ରଶାନ୍ତ ମହାନ୍ତି, ସ୍ମିତା ମହାନ୍ତି ଓ ମଣ୍ଡଳ ସଭାପତି ରାଜେନ୍ଦ୍ର ଦାଶ ଏବଂ ବିଭାସ ସେନଗୁପ୍ତ ଏହି ମିଶ୍ରଣ ପର୍ବକୁ ପରିଚାଳନା କରିଥିଲେ।

## ଫ୍ଲାଏ ଓଭରରୁ ଖସିପଡ଼ିଲା ବକ୍ସାଇଟ୍ ବୋଝେଇ ଟ୍ୟାଙ୍କର

**ରାୟଗଡ଼ା,୪।୫(ସଂଚାର ବ୍ୟୁରୋ):** ରାୟଗଡ଼ା ସହର ମଧ୍ୟ ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥରେ ଥିବା ଏକମାତ୍ର ଫ୍ଲାଏଓଭର ଉପରେ ଭାରସାମ୍ୟ ହରାଇ ତଳକୁ ଖସିପଡ଼ିଛି ଏକ ବକ୍ସାଇଟ୍ ବୋଝେଇ ଟ୍ୟାଙ୍କର। ଟ୍ୟାଙ୍କର ଓଲଟିପଡ଼ିବା ଫଳରେ ଉକ୍ତ ଫ୍ଲାଏଓଭର୍‌ର ପାର୍ଶ୍ୱ ପାଚେରି ଭାଙ୍ଗିଯାଇଛି।



ଏଥିସହ ଫ୍ଲାଏଓଭର୍ ତଳେ ଥିବା ବଜାର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। କିନ୍ତୁ ସୌଭାଗ୍ୟବଶତଃ ଏଥିରେ କେହି ଆହତ ହୋଇନାହାନ୍ତି। ଘଟଣାସ୍ଥଳରୁ ଡ୍ରାଇଭର ଜଣଙ୍କ ଫେରାର ହୋଇଯିବାରେ ସକ୍ଷମ ହୋଇଛି। ପ୍ରକାଶ ଯେ କୋରାପୁଟ ରାସ୍ତାରୁ ବ୍ରହ୍ମପୁର ରାସ୍ତାରେ ଫେରୁଥିବା ଏକ ଖାଲି ଟ୍ୟାଙ୍କର ସହରର ଜାତୀୟ ରାଜପଥ କଡ଼ରେ ଥିବା ଫ୍ଲାଏଓଭର ଉପର ଦେଇ ଯାଉଥିଲା। ଏହି ସମୟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଟ୍ୟାଙ୍କର ଓଲଟି ତଳେ ସହର ମଝିରେ ପଡ଼ିଯାଇଛି। ଖବର ପାଇ ରାୟଗଡ଼ା ଟାଉନ ଥାନା ଆଇଆଇସି କେକେବିଜେ କହିଁର ଦମକଳ ବାହିନୀକୁ ସୂଚନା ଦେବା ସହ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଫ୍ଲାଏଓଭରରୁ ଟ୍ୟାଙ୍କର ଓଲଟି ପଡ଼ିବା ସମୟରେ ଏକ ସ୍କୁଟି (ନଂ. ଓଡ଼ି ୧୮ଏଲ ୦୯୪୭) ମଧ୍ୟ ତା' ସହିତ ତଳକୁ ଟାଣି ହୋଇଯାଇଥିଲା। ତେବେ ସ୍କୁଟି ଚାଳକ ନିଜକୁ ସୁରକ୍ଷିତ ରଖିବା ପାଇଁ ଡେଇଁ ପଡ଼ିଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେନ୍ଦ୍ରାପଡ଼ାରେ ଗୁଳିକାଣ୍ଡ



**କେନ୍ଦ୍ରାପଡା, ୪।୫ (ସଂଚାର ବ୍ୟୁରୋ) :** ପୁଣି ଅଶାନ୍ତ ମୁହାଁ କେନ୍ଦ୍ରାପଡା ଜିଲ୍ଲା ।କୁଦାନଗରି ଥାନା ଅଞ୍ଚଳରେ ରବିବାର ଅପରାହ୍ନରେ ଗୁଳିକାଣ୍ଡ ଘଟିଛି। ହୋଇଥିବା ଗୁଳିକାଣ୍ଡରେ ଭାରିଗୋଳ ଗାଁର ଗୌତମ ମଲ୍ଲିକ ଆହାତ ହୋଇଥିବା ଦେଖିବାକୁ ମିଳିଛି। ଗୌତମ ର ବାମ ଜଙ୍ଘରେ ବାଜିଛି ଗୁଳି । ପୂର୍ବ ସତୃତାକୁ କେନ୍ଦ୍ର କରି ଗୁଳିକାଣ୍ଡ ହୋଇବା ସୁଚନା ଦେଇଛନ୍ତି ଏସଡିପିଓ ଜୋତିରଞ୍ଜନ ଗୌଡ ।ଗୌତମ କେନ୍ଦ୍ରାପଡା ମେଡିକାଲ ରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ା ସଦର୍ ଥାନା ଅନ୍ତର୍ଗତ ବାଲିସାହି ଠାରେ ଗୁଳିମାଡ କରି ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି । ଗୁଳି ମାଡରେ ଆହତ ହୋଇଥିବା ଯୁବକଙ୍କ ନାମ ଗୌତମ ମଲ୍ଲିକ ବୋଲି ଜଣାପଡିଛି । ଗୌତମ ଏକ ବାଇକ୍ ଯୋଗେ ଯାଉଥିବା ବେଳେ ବାଲିସାହି ଠାରେ ୩ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଗୁଳିମାଡ କରିଥିଲେ । ଗୌତମ ତଳେ ପଡିଯିବା ପରେ ସେମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ବାଲି ଖାଦାନ କୁ କେନ୍ଦ୍ରକରି ପୂର୍ବରୁ ଶତ୍ରୁତା ଲାଗିରହିଥିବା ସନ୍ଦେହ ସୃଷ୍ଟି ହୋଇଛି।

### ୟୁସୁଫଙ୍କ ଚିଠିକୁ ନେଇ ତାତିଲେ ରାଜସ୍ୱ ମନ୍ତ୍ରୀ

# ଓଡ଼ିଶା କାହାପାଇଁ ବି ଅସୁରକ୍ଷିତ ନୁହେଁ

**ସୋସିଆଲ୍ ମିଡିଆରେ ଟାର୍ଗେଟ୍ କଲେ ଅନୀଲ**



**ଭୁବନେଶ୍ୱର,୪।୫(ସଂଚାର ବ୍ୟୁରୋ):** ପୂର୍ବତନ କ୍ରିକେଟର୍ ତଥା ତୃଣମୂଳ କଂଗ୍ରେସ ସାଂସଦ ୟୁସୁଫ ପଠାନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଲେଖିଥିବା ଚିଠି ଉପରେ ପ୍ରତିକ୍ରିୟା ଦେବାକୁ ଯାଇ କ୍ଷୋଭ ପ୍ରକାଶ କରିଛନ୍ତି ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଗତ ମାସରେ ପଠାନ୍ ତାଙ୍କ ସଂସଦୀୟ କ୍ଷେତ୍ର ମୁର୍ଶିଦାବାଦ, ବରହମପୁର ଓ ଅନ୍ୟ ଜିଲ୍ଲାରୁ ଓଡ଼ିଶା ଆସିଥିବା ଶ୍ରମିକ ନିର୍ଯାତନାର ଶିକାର ହେଉଛନ୍ତି ବୋଲି ଅଭିଯୋଗ କରିବା ସହ ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏନେଇ ପୂଜାରୀ କହିଛନ୍ତି ଯେ ୟୁସୁଫ୍‌ଙ୍କର ଓଡ଼ିଶା ସମ୍ପର୍କରେ ସାମାନ୍ୟତମ ଜ୍ଞାନ ନାହିଁ। ଓଡ଼ିଶାକୁ ପେଟପାଟଣା ପାଇଁ ଆସୁଥିବା ବାହାର ରାଜ୍ୟର ଲୋକଙ୍କ ପାଇଁ ଏହା କେବେବି ଅସୁରକ୍ଷିତ ସ୍ଥାନ ନଥିଲା କି ଏବେ ବି ନାହିଁ। ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କୁ ଓଡ଼ିଶା ସବୁବେଳେ ରୋଜଗାର ସହ ସୁରକ୍ଷା ଦେଇଆସିଛି। ପୂର୍ବରୁ କେହି ବି ଓଡ଼ିଶା ସମ୍ପର୍କରେ ଏପରି କୌଣସି ମନ୍ତବ୍ୟ ଦେଇନାହାନ୍ତି। ୟୁସୁଫ୍ ପ୍ରଥମ ଲୋକ ଯିଏ ଏପରି ମନ୍ତବ୍ୟ ଦେଇଛନ୍ତି, କିନ୍ତୁ ତାଙ୍କ ପାଖରେ ଓଡ଼ିଶା ସମ୍ପର୍କରେ ସାମାନ୍ୟତମ ଜ୍ଞାନ ନାହିଁ। ତେଣୁ ସେ କ୍ରିକେଟ୍‌ରେ ମନ ଦେଇଥିଲେ ଭଲ ହୋଇଥାନ୍ତା। ରାଜନୀତି କ୍ଷେତ୍ରରେ ସେ ନୂଆ ହୋଇଥିବାରୁ ମନ୍ତବ୍ୟ ଦେବା ପୂର୍ବରୁ ଅଧିକ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି। ବରଂ ସେ ପଶ୍ଚିମବଙ୍ଗରେ ହିନ୍ଦୁଙ୍କ ଉପରେ ହେଉଥିବା ଆକ୍ରମଣ ଉପରେ ମୁହଁ ଖୋଲିଲେ ସେଠାକାର ହିନ୍ଦୁଙ୍କୁ ଫାଇଦା ମିଳନ୍ତା। ଯଦିବା ସେ ଓଡ଼ିଶାରେ ରହୁଥିବା ବାଂଲାଦେଶୀଙ୍କ କଥା କହୁଛନ୍ତି, ତା'ହେଲେସେମାନେ ଅନୁପ୍ରବେଶକାରୀ ଓ ଆଇନ ଉଲ୍ଲଙ୍ଘନ କରି ଓଡ଼ିଶା ଆସିଛନ୍ତି। ବିନା ଭିସାରେ ଆସିବା ଅପରାଧ ହୋଇଥିବାରୁ ସେମାନେ ସମସ୍ୟା ଭୋଗିଲେ, କେହି କିଛି ବି କରିପାରିବେ ନାହିଁ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ମୁର୍ଶିଦାବାଦ ହିଂସାକୁ ନେଇ ପଶ୍ଚିମବଙ୍ଗ ପୁଲିସ ଓଡ଼ିଶା ଆସିଥିଲେ। ଅପରାଧରେ ସଂଶ୍ଲିଷ୍ଟ ବ୍ୟକ୍ତି ତାଙ୍କ ନିର୍ବାଚନମଣ୍ଡଳୀରେ ଲୁଚିଥିବା ପ୍ରମାଣ ପୁଲିସ୍ ପାଖରେ ଥିଲା। ଝାରସୁଗୁଡ଼ା ପୁଲିସ ସାହାଯ୍ୟରେ ତାଙ୍କ ନିର୍ବାଚନମଣ୍ଡଳୀରୁ ୧୦ ଜଣ ଅପରାଧୀଙ୍କୁ ଠାବ କରାଯାଇଥିଲା। ତେବେ ଉକ୍ତ ଅପରାଧୀମାନେ ଏଠିକି ଲୁଚିବାକୁ ଆସିଥିଲେ। କିନ୍ତୁ ୟୁସୁଫ୍ ମନେ ରଖିବା ଉଚିତ ଯେ ଓଡ଼ିଶା ଅପରାଧୀଙ୍କ ଆଶ୍ରୟସ୍ଥଳ ନୁହେଁ। ଏହା ଏକ ଶାନ୍ତିପ୍ରିୟ ରାଜ୍ୟ। ଅତୀତରେ ବାହାର ଦେଶ ଓ ରାଜ୍ୟର ଲୋକଙ୍କୁ ଆମେ ଆପଣାଇଛୁ, ଯେଉଁଥିପାଇଁ ଆମକୁ ଅନେକ ମୂଲ୍ୟ ଦେବାକୁ ପଡ଼ିଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି। ସେହିପରି ବିଜେପି ନେତା ଅନୀଲ ବିଶ୍ୱାଳ ମଧ୍ୟ ସୋସିଆଲ୍ ମିଡିଆରେ ୟୁସୁଫଙ୍କୁ ଟାର୍ଗେଟ କରିଛନ୍ତି। ସେ ତାଙ୍କ ସୋସିଆଲ ମିଡ଼ିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ଆପଣ ଯେଉଁମାନଙ୍କୁ ନେଇ ଚିନ୍ତିତ, ସେମାନେ ପ୍ରକୃତରେ ବେଆଇନ ଭାବେ ଆସିଥିବା ବାଂଲାଦେଶୀ ଓ ରୋହିଙ୍ଗ୍ୟା ଅନୁପ୍ରବେଶକାରୀ। ସେମାନେ ଓଡ଼ିଶାର ସାମାଜିକ ସଂସ୍କୃତି ସଦଭାବକୁ ନଷ୍ଟ କରୁଛନ୍ତି। ସେମାନେ ଜାଲ ପରିଚୟପତ୍ର ସହ ଆସିଛନ୍ତି। ଭୋଟ ବ୍ୟାଙ୍କ ରାଜନୀତି ପାଇଁ ପଶ୍ଚିମବଙ୍ଗ ସରକାର ସେମାନଙ୍କୁ ଏହି ପରିଚୟପତ୍ର ଦେଇଛନ୍ତି। ମୁର୍ଶିଦାବାଦରେ ହିନ୍ଦୁଙ୍କ ପ୍ରତି ଆକ୍ରମଣ ସମୟରେ ଆପଣ କାହିଁକି କିଛି କହିନଥିଲେ ବୋଲି ତାଙ୍କ ପୋଷ୍ଟରେ ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି।

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଦେଶରେ ଖସିଲା ଗହମ ଦର

## ଏବେ ଚାଷୀଙ୍କୁ ଅଭାବୀ ବିକ୍ରି ଚିନ୍ତା



**ନୂଆଦିଲ୍ଲୀ ୪।୫:** କିଛି ଦିନ ପୂର୍ବେ ଗହମ ଦର ଆକାଶ ଛୁଉଁଥିଲା। ଏବେ ଅମଳ ମଣ୍ଡିକୁ ପହଞ୍ଚିବା ପରେ ଦର ମାଟି ସାଉଁଟୁଛି। ସାରା ଦେଶର ମଣ୍ଡିରେ କେଉଁଠି ଗହମ ସରକାରୀ ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ରେ ବିକ୍ରି ହେଉଥିବା ବେଳେ କେଉଁଠି ଏମଏସପି ତଳେ ବି ଚାଷୀ ବିକ୍ରି କରୁଥିବାର ଜଣା ପଡିଛି। ତେବେ ସବୁଠୁ ଚିନ୍ତାର ବିଷୟ ଯାହା ତାହା ହେଉଛି ଗହମର ଅଭାବୀ ବିକ୍ରି। ଚାଷୀ ମଣ୍ଡିକୁ ଅପେକ୍ଷା କରି ନ ପାରି ଏଜେଣ୍ଟଙ୍କ ଦରରେ ଗହମ ବିକୁଥିବା ଜଣାପଡିଛି।

ଦେଶର ପ୍ରମୁଖ ଗହମ ଉତ୍ପାଦନକାରୀ ରାଜ୍ୟ ସମେତ ଅନ୍ୟ ରାଜ୍ୟରେ ଗହମ ଏବେ ଖୁବ କମ ଦରରେ କାରବାର ହେଉଛି। ଏବେ ଚାଷୀଙ୍କୁ ମିଳୁଥିବା ଦର ସେମାନଙ୍କ ଚାଷ ବାବଦ ଖର୍ଚ୍ଚ କାଢିପାରିବେ କି ନା ସେ ନେଇ ଚିନ୍ତାରେ ପକାଇଛି। କେତେକ ମଣ୍ଡିରେ ଗହମ ସରକାରୀ ନିର୍ଦ୍ଧାରିତ ଏମଏସପି ଦରରେ କିଣାବିକା ହେଉଥିବା ବେଳେ କେତେକ ମଣ୍ଡିରେ ଏମଏସପିରୁ କମ ଦରରେ ଚାଷୀ ଗହମ ବିକିବାକୁ ବାଧ ହେଉଛନ୍ତି। ବମ୍ପର ଉତ୍ପାଦନ ହିଁ ଗହମର ଏପରି ମୂଲ୍ୟ ହ୍ରାସର କାରଣ ପାଲଟିଛି।

ଗହମ ଉତ୍ପାଦନରେ ଦୁଇ ବଡ଼ ରାଜ୍ୟ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ସମେତ ଅନ୍ୟ ରାଜ୍ୟରେ ଗହମ ମଣ୍ଡିକୁ ପହଞ୍ଚିବାରେ ଲାଗିଛି। ଏଥର ସରକାର ଗହମର ଏମଏସପି ପ୍ରତି କ୍ୱିଣ୍ଟଲ ୨,୨୭୫ ଟଙ୍କାରୁ ବଢାଇ ୨,୪୨୫ଟଙ୍କା କରି ଦେଇଛନ୍ତି। ତେବେ ଗହମ ଚଢାଦର ଦେବାକୁ ବ୍ୟବସାୟୀ ରାଜି ହେଉ ନାହାନ୍ତି। କେତେକ ରାଜ୍ୟରେ ଚାଷୀଙ୍କୁ ଗହମ କ୍ୱିଣ୍ଟଲ ପିଛା ବୋନସ ଓ ଅତିରିକ୍ତ ରାଶି ମଧ ଦିଆଯାଉଛି। ହେଲେ ସବୁ ରାଜ୍ୟ କଥା ସମାନ ନୁହେଁ। ଅନେକ ରାଜ୍ୟରେ ଗହମକୁ ସରକାରୀ ଦର ବି ମିଳୁ ନାହିଁ।

ଉତ୍ତରପ୍ରଦେଶରେ ଗହମ ସବୁଠୁ ଉଚ୍ଚ ର ୨,୨୬୦ ଟଙ୍କା ପ୍ରତି କ୍ୱିଣ୍ଟଲ ବିକ୍ରି ହେଉଛି। ଏହା ଏବେ ରାଜ୍ୟରେ ଗହମର ମଡେଲ ପ୍ରାଇସ ପାଲଟିଛି। ବମ୍ପର ଗହମ ଉତ୍ପାଦନ ଯୋଗୁ ୟୁପିରେ ଦର ଏମଏସପି ତଳେ ରହୁଛି। ତେବେ କେତେକ ମଣ୍ଡିରେ ଚାଷୀଙ୍କୁ ଏମଏସପି ହିସାବରେ ଦର ଦିଆଯାଉଥିବାର ଜଣାପଡିଛି। ସେହିପରି ଅନ୍ୟତମ ରାଜ୍ୟ ମଧ୍ୟପ୍ରଦେଶର ଅଧିକାଂଶ ଜିଲ୍ଲା ମଣ୍ଡିରେ ଗହମ ମୂଲ୍ୟ ଏମଏସପି ପାଖାପାଖି ରହୁଛି। ତେବେ କେତେକ ସ୍ଥାନରେ ଚାଷୀ ଏମଏସପିରୁ ବି କମ ଦରରେ ଗହମ ବିକ୍ରି କରୁଥିବାର ଦେଖାଯାଉଛି।

# ଗୁଗଲ ସିଇଓ ସୁନ୍ଦର ପିଚାଇଙ୍କ କମିଛି ଆୟ, ବଢ଼ିଛି ସୁରକ୍ଷା ଖର୍ଚ୍ଚ



**ନୂଆଦିଲ୍ଲୀ ୪।୫:** ଟେକ୍ କମ୍ପାନୀ ଗୁଗଲର ପ୍ୟାରେଣ୍ଟ କମ୍ପାନୀ ଆଲଫାବେଟ୍ ତାର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ (ସିଇଓ) ସୁନ୍ଦର ପିଚାଇଙ୍କ ୨୦୨୪ ବାର୍ଷିକ ଆୟ ଘୋଷଣା କରିଛି। ଏଥିରେ ତାଙ୍କ ମୋଟ ଆୟ ହ୍ରାସ ହୋଇଥିବା ବେଳେ ସୁରକ୍ଷା ବାବଦ ବ୍ୟୟ ବଢ଼ିଥିବା ଜଣାପଡିଛି। ଆଲଫାବେଟର ୨୦୨୫ ପ୍ରକ୍ସି ଷ୍ଟେଟମେଣ୍ଟ ଅନୁସାରେ ସୁନ୍ଦର ପିଚାଇଙ୍କୁ ୨୦୨୪ରେ ମୋଟ ୧୦.୭୨ ମିଲିୟନ ଡଲାର (୮୯କୋଟି ଟଙ୍କା) ବେତନ ମିଳିଛି। ଏହା ୨୦୨୨ରେ ତାଙ୍କୁ ମିଳିଥିବା ୨୨୬ ମିଲିୟନ ଡଲାରରୁ ଅନେକ କମ ବୋଲି କୁହାଯାଇଛି। ତାଙ୍କ ବାର୍ଷିକ ଆୟରେ ଏପରି ହ୍ରାସ ବିଶେଷ କରି ତ୍ରିବାର୍ଷିକ ଷ୍ଟକ୍ ଆୱାର୍ଡ ଅନୁପସ୍ଥିତି କାରଣରୁ ହୋଇଛି। ୨୦୨୨ ବେତନରେ ତାଙ୍କୁ ତ୍ରିବାର୍ଷିକ ଷ୍ଟକ୍ ଆୱାର୍ଡ ମଧ ମିଳିଥିଲା। ସୁନ୍ଦର ପିଚାଇଙ୍କ ବେସିକ ସାଲାରୀ ୨ ମିଲିୟନ ଡଲାର (ପାଖାପାଖି ୧୭କୋଟି ଟଙ୍କା) ହୋଇଥିବା ବେଳେ ମୂଳ ପ୍ୟାକେଜର ଏକ ବୃହତ ଅଂଶ ଷ୍ଟକ ଆୱାର୍ଡ ଓ ଅନ୍ୟ ସୂତ୍ରରୁ ମିଳିଥାଏ। ତେବେ ସେ ତାଙ୍କ ସୁରକ୍ଷା ବାବଦକୁ ୮.୨୭ ମିଲିୟନ ଡଲାର ଅର୍ଥାତ ୬୯ କୋଟି ଟଙ୍କା ବ୍ୟୟ କରିଛନ୍ତି।

ଆଲଫାବେଟ୍ ରିପୋର୍ଟ ମୁତାବକ ପିଚାଇଙ୍କ ଲାଗି ଏହି ସୁରକ୍ଷା ବ୍ୟବସ୍ଥାରେ ଘରର ସୁରକ୍ଷା, କନସଲ୍ଟେସନ ଫି, କାର ଓ ଡ୍ରାଇଭର ସେବା ଏବଂ ତାଙ୍କର ସବୁ ଯାତ୍ରା କାଳର ପର୍ସନାଲ ସିକ୍ୟୁରିଟି ବାବଦ ବ୍ୟୟ ମଧ ସାମିଲ ରହିଛି। କମ୍ପାନୀର କହିବା କଥା ହେଉଛି ସୁନ୍ଦର ପିଚାଇ ଭୂମିକାକୁ ନଜରରେ ରଖି ଏହି ବ୍ୟୟ ବ୍ୟବସାୟୀକ ରିସ୍କିକୁ କମ କରିବା ଲାଗି ଜରୁରି ଓ ଏହାକୁ କୌଣସି ବ୍ୟକ୍ତିଗତ ଲାଭ ମନେ କରାଯାଏନା।

ରିପୋର୍ଟରେ ଏହା ବି କୁହାଯାଇଛି ଯେ ପିଚାଇ ୨୦୨୪ରେ ଖୁବ୍ ଅଧିକ ଯାତ୍ରା କରିଛନ୍ତି। ଏଣୁ ତାଙ୍କ ସୁରକ୍ଷା ଆବଶ୍ୟକତା ବୃଦ୍ଧି ହୋଇଥିଲା। ଏଣୁ କମ୍ପାନୀଙ୍କୁ ତାଙ୍କ ସୁରକ୍ଷା ନିମନ୍ତେ ଅଧିକ ବ୍ୟୟ କରିବାକୁ ପଡିଛି।

# ଦୁନିଆକୁ ମାଡ଼ି ଆସୁଛି କି ମାନ୍ଦାବସ୍ଥା ?

## ସତର୍କ କରାଇଲେ ପ୍ରସିଦ୍ଧ ଲେଖକ ରବର୍ଟ କିୟୋସାକି



**ନୂଆଦିଲ୍ଲୀ, ୪।୫:** ଦୁନିଆକୁ ମାଡ଼ି ଆସୁଛି ପୁଣି ଏକ ମହାବିପତ୍ତି। ମାନ୍ଦାବସ୍ଥାରେ କବଳିତ ହେବାକୁ ଯାଉଛି ବିଶ୍ୱ ଅର୍ଥନୀତି। ପ୍ରସିଦ୍ଧ ପୁସ୍ତକ ରିଚ୍ ଡାଡ୍ ପୁର୍ ଡାଡ୍ ଲେଖକ ରବର୍ଟ କିୟୋସାକି ସୋସିଆଲ୍ ମିଡିଆ ଏକ୍ସରେ ଏକ ପୋଷ୍ଟ କରି ବୈଶ୍ୱିକ ଅର୍ଥବ୍ୟବସ୍ଥାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ୭୮ ବର୍ଷୀୟ କିୟୋସାକି ଲେଖିଛନ୍ତି ଯେ ବେରୋଜଗାରୀ ଭୟ ସାରା ଦୁନିଆରେ ଭାଇରସ୍ ପରି ବ୍ୟାପିବାରେ ଲାଗିଛି। ସେ ନିଜ ପୁରୁଣା ପୁସ୍ତକ 'ରିଚ୍ ଡାଡ୍ସ ପ୍ରୋଫେସି' କଥା ଉଲ୍ଲେଖ କରି କହିଛନ୍ତି ଯେ ସେ ପୂର୍ବରୁ ଗୋଟିଏ ଗୋଟିଏ ଗ୍ରେଟ୍ ଡ୍ରିପେସନ୍‌ର ଆଶଂକା ପ୍ରକାଶ କରିସାରିଛନ୍ତି। କେବେ ତାଙ୍କର ଭବିଷ୍ୟବାଣୀ ଭୁଲ ହେଉ ବୋଲି ସେ ଆଶା କରିଛନ୍ତି। ନିଜ ପୋଷ୍ଟରେ ସେ ନିବେଶକଙ୍କୁ ପରାମର୍ଶ ଦେଇଛନ୍ତି ଯେ ଯଦି ବୈଶ୍ୱିକ ଅର୍ଥବ୍ୟବସ୍ଥାରେ ହ୍ରାସ ଘଟେ, ତେବେ ଭୟଭୀତ ହେବା ପରିବର୍ତ୍ତେ ଏହାକୁ ଅବସର ରୂପେ ଦେଖନ୍ତୁ।

କିୟୋସାକି ତାଙ୍କ ପୋଷ୍ଟରେ ଲେଖିଛନ୍ତି, "ଯଦି ମୋର ଭବିଷ୍ୟବାଣୀ ସତ୍ୟ ହୁଏ ଏବଂ ବିଶ୍ୱ ଅର୍ଥନୀତି ଭୁଶୁଡ଼ି ପଡ଼େ, ତେବେ ମନେରଖନ୍ତୁ ଯେ ଯେଉଁମାନେ ପ୍ରସ୍ତୁତ ଅଛନ୍ତି ସେମାନଙ୍କ ପାଇଁ ଏକ ସଙ୍କଟ ଏକ ସୁବର୍ଣ୍ଣ ସୁଯୋଗ ହୋଇପାରେ। ଯେଉଁମାନେ ପୂର୍ବରୁ ପ୍ରସ୍ତୁତ ଅଛନ୍ତି ସେମାନେ ଭଲ କରିପାରିବେ।" ସେ ୨୦୦୮ ମସିହାର ବିଶ୍ୱ ଆର୍ଥିକ ସଙ୍କଟର ଉଦାହରଣ ଦେଇଛନ୍ତି। ଯେତେବେଳେ ଏହି ସ୍ଥିତିକୁ ବପଦ ବଦଳରେ ଶିଖିବା ଏବଂ ଟଙ୍କା ରୋଜଗାରର ସୁଯୋଗରେ ପରିଣତ କରିଥିଲେ। ସେ କହିଛନ୍ତି ଯେ ସଙ୍କଟ ସମୟରେ, 'ପ୍ରକୃତ ସମ୍ପତ୍ତି' ବଜାରରେ ଶସ୍ତା ମୂଲ୍ୟରେ ଉପଲବ୍ଧ ହୁଏ। ବିଶିଷ୍ଟ ନିବେଶକ ୱାରେନ୍ ବଫେଟ୍‌ଙ୍କ କଥା ଉଲ୍ଲେଖ କରି କିୟୋକାସି କହିଛନ୍ତି ଯେ ସଂକଟ ବେଳେ ସତର୍କ ସହ ନିବେଶ କରିବା ଦରକାର। ୨୦୦୪ରେ ପ୍ରକାଶିତ ତାଙ୍କ ପୁସ୍ତକ ବି ବଜାରର ସ୍ଥିତି ଉପରେ ଉଲ୍ଲେଖ ଥିଲା। ସାରା ବିଶ୍ୱରେ ଧନୀ ଲୋକମାନେ ଧୀରେ ଧୀରେ ଦାରିଦ୍ର୍ୟ ଆଡକୁ ମୁହାଁଇଛନ୍ତି ବୋଲି ପୂର୍ବରୁ ରବର୍ଟ କିୟୋସାକି କହିଥିଲେ। ଏଥିପାଇଁ ସେ ପ୍ରସିଦ୍ଧ ବ୍ରାଣ୍ଡ ମ୍ୟାକଡୋନାଲ୍ଡସ୍ ଏବଂ ବର୍ଗର କିଙ୍ଗ୍ ମାଲିକଙ୍କ ଉଦାହରଣ ଦେଇଥିଲେ, ଯାହାଙ୍କ ସମ୍ପତ୍ତି ଧୀରେ ଧୀରେ ହ୍ରାସ ପାଉଛି।

# ପାକିସ୍ତାନର ଏୟାରସ୍ପେସ୍ ବ୍ୟବହାର କରିବେନି ବିଦେଶୀ ଏୟାର୍‌ଲାଇନ୍ସ

**ଇସ୍‌ଲାମାବାଦ୍, ୪।୫:** ପାକିସ୍ତାନକୁ ବଡ଼ ଝଟକା । ପାକିସ୍ତାନ ଆକାଶର ବ୍ୟବହାର ନକରିବାକୁ ବିଶ୍ୱର ପ୍ରମୁଖ ବିମାନଚଳାଚଳ ସଂସ୍ଥାଙ୍କ ନିଷ୍ପତ୍ତି । ପାଶ୍ଚାତ୍ୟ ଦେଶମାନେ ନିଜ ଆଡୁ ପାକିସ୍ତାନ ଏୟାସ୍ପେଶ ବ୍ୟବହାର ନକରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହାଦ୍ୱାରା ପାକିସ୍ତାନକୁ କ୍ଷତି ସହିବାକୁ ପଡିବ । ଇଟାଲିର ଆଇଟିଏ, ସୁଇସ୍, ଏୟାରଫ୍ରାନ୍ସ, ବ୍ରିଟିସ୍ ଏୟାରୱେ, ଲୁଫଥାନସା, ପୋଲାଣ୍ଡର ଏଲଓଟି ସହ ଅନ୍ୟ ୟୁରୋପିଓ ଦେଶ ପାକିସ୍ତାନ ଆକାଶର ବ୍ୟବହାର ନକରିବାକୁ ନିଷ୍ପତ୍ତି ନେଇଛନ୍ତି । ଭାରତ-ପାକିସ୍ତାନ ବିବାଦ ଯୋଗୁ କୌଣସି ମୂହୁର୍ତ୍ତରେ ଭାରତ ଆକ୍ରମଣ କରିବାର ଆଶଙ୍କା କରି ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି । ଭାରତ ଆସୁଥିବା ପାଶ୍ଚାତ୍ୟ ଦେଶର ବିମାନ ଗୁଡିକ ତୁର୍କୀ, ସିରିଆ, ଇରାକ, ସାଉଦି ଆରବ, ଓମାନ ଦେଇ ଭାରତ ଆସିବ। ପାକିସ୍ତାନ ଆକାଶ ଉପରେ ଚଳାଚଳ କରୁଥିବା ବିମାନଗୁଡିକରୁ ଲକ୍ଷ ଲକ୍ଷ ଟଙ୍କା ନେଇଥାଏ। ଏବେ ସେମାନେ ପାକିସ୍ତାନର ଏୟାରସ୍ପେଶ ବ୍ୟବହାର ନ କରିବା ନିଷ୍ପତ୍ତି ଦ୍ୱାରା ପାକିସ୍ତାନକୁ କୋଟି କୋଟି ଟଙ୍କାର କ୍ଷତି ସହିବାକୁ ପଡିବ।




# ଆମେରିକାରେ ୫୦% ଆଇଫୋନ୍ ଭାରତ ନିର୍ମିତ

## ୨୦୨୬ ସୁଦ୍ଧା ବର୍ଷକୁ ୬ କୋଟିରୁ ଅଧିକ ନିର୍ମାଣ ହେବ

**ନୂଆଦିଲ୍ଲୀ ୪।୫:** ଆମେରିକା ବଜାରରେ ବିକ୍ରି ହେଉଥିବା ୫୦% ଆଇଫୋନ୍ ମେଡ୍ ଇନ୍ ଇଣ୍ଡିଆ। ଆପଲ୍ ସିଇଓ ଟିମ୍ କୁକ୍ ଏକ ସାକ୍ଷାତ୍‌କାରରେ ଏ ସୂଚନା ଦେଇଛନ୍ତି। କୁକ୍ କହିଲେ ଯେ, ଭାରତ ଏପ୍ରିଲଜୁନ୍ ତ୍ରୟମାସରେ ଆମେରିକାରେ ବିକ୍ରି ହେଉଥିବା ଆଇଫୋନ୍‌ଗୁଡ଼ିକର କଣ୍ଟ୍ରି ଅଫ୍ ଅରିଜିନ୍ ହୋଇଯିବ। ସେ ଆହୁରି କହିଲେ ଯେ, ଏୟାର୍‌ପଡ୍ସ, ଆପଲ୍ ୱାଚ୍ ଭଳି ଅନ୍ୟ ପ୍ରଡକ୍ଟଗୁଡ଼ିକ ଭିଏତ୍‌ନାମରେ ବନା ଯାଉଛି।



କମ୍ପାନି ଚୀନ୍ ତୁଳନାରେ କମ୍ ଟାରିଫ୍ କାରଣରୁ ଭାରତ ଏବଂ ଭିଏତ୍‌ନାମକୁ ପ୍ରାଥମିକତା ଦେଉଛି। ଚୀନ୍‌ରେ ଅଧିକ ଟାରିଫ୍ ତୁଳନାରେ ଭାରତ ଏବଂ ଭିଏତ୍‌ନାମରୁ ଆମଦାନି ଉପରେ ମାତ୍ର ୧୦% ଟିକସ ଲାଗୁଛି। ଆମେରିକା ଏବଂ ଚୀନ୍ ମଧ୍ୟରେ ଏବେ ଘମାଘୋଟ ବାଣିଜ୍ୟ ଯୁଦ୍ଧ। ଟ୍ରମ୍ପଙ୍କ ଯେସାକୁ ତେସା ଶୁଳ୍କ ନୀତି ପରେ ଆପଲ୍‌କୁ ଚୀନ୍ ଉପରୁ ନିର୍ଭରତା କମାଇବାକୁ ପଡ଼ିଛି। କୁକ୍ କହିଛନ୍ତି ଯେ, ମାର୍ଚ୍ଚ ତ୍ରୟମାସରେ ଆପଲ ଉପରେ ଶୁଳ୍କ ଯୁଦ୍ଧର ପ୍ରଭାବ କମ୍ ରହିଛି କାରଣ କମ୍ପାନି ଏହାର ଯୋଗାଣ ଶୃଙ୍ଖଳକୁ ଦ୍ରୁତ ବେଗରେ ଭାରତ ଏବଂ ଭିଏତ୍‌ନାମ ସ୍ଥାନାନ୍ତର କରିଛି। ଏକ ରିପୋର୍ଟ ଅନୁସାରେ ଚୀନ୍ ଉପରୁ ନିଜର ନିର୍ଭରତା କମ୍ କରିବା ପାଇଁ ଆପଲ୍ ଅନେକ ସମୟରୁ ନିଜର ଯୋଗାଣ ଶୃଙ୍ଖଳକୁ ବାହାରକୁ ସ୍ଥାନାନ୍ତର କରିବାକୁ କାର୍ଯ୍ୟ କରୁଛି। ଯଦି ଆପଲ ଏହାର ଆସେମ୍ବ୍ଲିଂ ଭାରତକୁ ଏ ବର୍ଷ ଶେଷ ସୁଦ୍ଧା ସ୍ଥାନାନ୍ତର କରିନିଏ ତେବେ ୨୦୨୬ରୁ ଏଠାରେ ବାର୍ଷିକ ୬ କୋଟିରୁ ଅଧିକ ଆଇଫୋନ୍ ଉତ୍ପାଦନ ହେବ। ଏହା ବର୍ତ୍ତମାନର କ୍ଷମତାର ଦୁଇ ଗୁଣା। ଆଇଫୋନ୍ ନିର୍ମାଣରେ ଏବେ ଚୀନ୍‌ର ଦବ୍‌ଦବା ରହିଛି। ଆଇଡିସି ଅନୁସାରେ, ୨୦୨୪ରେ କମ୍ପାନିର ଗ୍ଲୋବାଲ ଆଇଫୋନ୍ ସିପ୍‌ମେଣ୍ଟରେ ଏହାର ଅଂଶ ୨୮% ଥିଲା। ଆମେରିକାରେ ବିକ୍ରି ହେବାକୁ ଥିବା ଆଇଫୋନ୍‌ର ଉତ୍ପାଦନ ଚୀନ୍ ବାହାରକୁ ସ୍ଥାନାନ୍ତର କରିବା ଦ୍ୱାରା କମ୍ପାନି ଉଚ୍ଚ ଟାରିଫ୍‌ରୁ ବର୍ତ୍ତିଯିବ।

୨୦୨୪ ମାର୍ଚ୍ଚରୁ ୨୦୨୫ ମାର୍ଚ୍ଚ ମଧ୍ୟରେ ଆପଲ ଭାରତରେ ୨୨୦୦ କୋଟି ଡଲାର(ପାଖାପାଖି ୧.୮୮ ଲକ୍ଷ କୋଟି ଟଙ୍କା) ମୂଲ୍ୟର ଆଇଫୋନ୍ ନିର୍ମାଣ କରିଛି। ଗତବର୍ଷ ତୁଳନାରେ ଏଥିରେ ୬୦% ବୃଦ୍ଧି ଘଟିଛି। ଏହି ସମୟରେ ଆପଲ ଭାରତରୁ ୧୭୪୦ କୋଟି ଡଲାର(ପାଖାପାଖି ୧.୪୯ ଲକ୍ଷ କୋଟି ଟଙ୍କା) ମୂଲ୍ୟର ଆଇଫୋନ୍ ରପ୍ତାନି କରିଛି। ଅନ୍ୟ ଏକ ରିପୋର୍ଟ ଅନୁସାରେ, ବିଶ୍ୱରେ ବିକ୍ରି ହେଉଥିବା ପ୍ରତି ୫ରୁ ଗୋଟିଏ ଆଇଫୋନ୍ ଭାରତରେ ନିର୍ମାଣ ହେଉଛି। ଭାରତରେ ଆଇଫୋନ୍‌ର ଉତ୍ପାଦନ ତାମିଲନାଡୁ ଏବଂ କର୍ଣ୍ଣାଟକ ଫ୍ୟାକ୍ଟ୍ରିରେ କରାଯାଉଛି। ଏଥିମଧ୍ୟରୁ ସବୁଠାରୁ ଅଧିକ ଉତ୍ପାଦନ ଫକ୍ସକନ୍ କରୁଛି। ଫକ୍ସକନ୍ ଆପଲ୍‌ର ସର୍ବବୃହତ୍ ମାନୁଫାକ୍‌ଚରିଂ ପାର୍ଟନର। ଏହାବ୍ୟତୀତ ଟାଟା ଇଲେକ୍ଟ୍ରୋନିକ୍ସ ଏବଂ ପେଗାଟ୍ରନ୍ ବି ଉତ୍ପାଦନ କରିଥାନ୍ତି। ୨୦୨୩-୨୪ ଆର୍ଥିକବର୍ଷରେ ଆପଲ୍‌ର ସ୍ମାର୍ଟଫୋନ୍ ବିକ୍ରି ୮୦୦ କୋଟି ଡଲାର ଥିଲା। ସେତେବେଳେ ବଜାରରେ ଏହାର ଅଂଶ ମାତ୍ର ୮% ଥିଲା। ଭାରତର ବର୍ଦ୍ଧିତ ମଧ୍ୟବିତ୍ତଙ୍କ ସଂଖ୍ୟା ଯୋଗୁ ଆଇଫୋନ୍ ଏକ ଲକ୍‌ଜ୍ୟୁରୀ ପାଲଟିଛି। ଫଳରେ ବଜାର ଦ୍ରୁତ ବେଗରେ ବଢ଼ିବା ଅନୁମାନ ରହିଛି ବୋଲି ବିଶେଷଜ୍ଞମାନେ ଅନୁମାନ କରିଛନ୍ତି।




# କମିବାରେ ଲାଗିଛି ମାରୁତି ସୁଜୁକି ଇକୋର ବିକ୍ରି

**ନୂଆଦିଲ୍ଲୀ, ୪।୫:** ମାରୁତି ସୁଜୁକି ଇକୋ ବର୍ତ୍ତମାନ ଦେଶରେ ଶସ୍ତା ୭ ସିଟର କାର ହୋଇଥିବାବେଳେ ପରିବାର ବର୍ଗ ଏହି କାରକୁ ବହୁତ ପସନ୍ଦ କରନ୍ତି। କେବଳ ଏତିକି ନୁହେଁ, ଏଗୁଡ଼ିକ ଛୋଟ ବ୍ୟବସାୟ ପାଇଁ ମଧ ବ୍ୟବହୃତ ହୁଏ। ଏବେ, ଯେଉଁମାନଙ୍କର ବଜେଟ୍ ବହୁତ ଅଧିକ ନାହିଁ, ସେମାନଙ୍କ ପାଇଁ ଶସ୍ତା ୭ ସିଟ୍ ବିଶିଷ୍ଟ କାର ଭାବେ ଏହା ସର୍ବୋତ୍ତମ ବିକଳ୍ପ ପ୍ରମାଣିତ ହେଉଛି। ତେବେ ମାରୁତି ସୁଜୁକି ଇକୋର ବିକ୍ରି କ୍ରମାଗତ ହ୍ରାସ ପାଉଛି। ବାସ୍ତବରେ ଗତ ମାସରେ ମାରୁତି ଇକୋ ୧୧,୪୩୮ ୟୁନିଟ୍ ବିକ୍ରି କରିଥିଲା, ଯେତେବେଳେ ୨୦୨୪ ବର୍ଷର ସମାନ ସମୟ ମଧ୍ୟରେ ଏହି ସଂଖ୍ୟା ୧୨,୦୬୦ ୟୁନିଟ୍ ଥିଲା। କୁହାଯାଉଛି ଯେ ଯେହେତୁ ଏହାକୁ ବହୁତ ଦିନ ଧରି ଅପଡେଟ୍ କରାଯାଇ ନାହିଁ, ଗ୍ରାହକମାନଙ୍କ ପାଇଁ ଏହି କାରରେ ବହୁତ କିଛି ନୂତନତ୍ୱ ନାହିଁ। ମାରୁତି ଇକୋରେ ୧.୨ ଲିଟର ପେଟ୍ରୋଲ ଇଞ୍ଜିନ ଅଛି ଯାହା ୮୧ ପିଏସ ପାୱାର ଏବଂ ୧୦୪ ଏନଏମ ଟର୍କ ଜେନେରେଟ୍ କରେ। ଏହି ଇଞ୍ଜିନଟି କେବଳ ୫-ସ୍ପିଡ୍ ମାନୁଆଲ୍ ଗିଅରବକ୍ସ ସହିତ ଆସିଥାଏ, ଯଦି ଆପଣ ଏକ ସ୍ୱୟଂଚାଳିତ ଗିଅରବକ୍ସ ଆଶା କରୁଛନ୍ତି ତେବେ ଆପଣ ନିରାଶ ହେବେ। ଏହି କାରକୁ ଅଧିକ ମିତବ୍ୟୟୀ କରିବା ପାଇଁ, ସିଏନଜିର ବିକଳ୍ପ ମଧ ଦିଆଯାଇଛି। ମାଇଲେଜ୍ ବିଷୟରେ କହିବାକୁ ଗଲେ, ଇକୋ ପେଟ୍ରୋଲ ମୋଡ୍‌ରେ ୨୦ କିଲୋମିଟର ପ୍ରତି ଲିଟର ମାଇଲେଜ୍ ପ୍ରଦାନ କରୁଥିବା ବେଳେ ସିଏନଜି ମୋଡ୍‌ରେ ଏହା ୨୭ କିଲୋମିଟର ପ୍ରତି ଲିଟର ମାଇଲେଜ୍ ପ୍ରଦାନ କରେ। ସୁରକ୍ଷା ପାଇଁ, ମାରୁତି ଇକୋରେ ଡୁଆଲ୍ ଏୟାରବ୍ୟାଗ୍, ଇବିଡ଼ି ସହିତ ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ୍ ଭଳି ବୈଶିଷ୍ଟ୍ୟ ରହିଛି।

# ମାରୁତି ଲଞ୍ଚ କରିବ ସବୁଠାରୁ ଶସ୍ତା 'ହାଇବ୍ରିଡ୍' କାର

**ନୂଆଦିଲ୍ଲୀ, ୪।୫:** ମାରୁତି ସୁଜୁକି ଭାରତର ସବୁଠାରୁ ଲୋକପ୍ରିୟ ଏବଂ ବିଶ୍ୱସ୍ତ କାର ନିର୍ମାତା ଭାବରେ ଜଣାଶୁଣା। ଯାହା ପ୍ରତ୍ୟେକ ଶ୍ରେଣୀର ଗ୍ରାହକଙ୍କୁ ମନରେ ରଖି ଏହାର ମଡେଲ ପ୍ରସ୍ତୁତ କରିଥାଏ। ଏବେ କମ୍ପାନୀ ଇଲେକ୍ଟ୍ରିଫିକେସନ ଦିଗରେ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି ଏବଂ ଭାରତର ସବୁଠାରୁ ଶସ୍ତା ହାଇବ୍ରିଡ୍ କାର ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ଆସନ୍ତୁ ଏହି ଆଗାମୀ ହାଇବ୍ରିଡ୍ କାର ବିଷୟରେ ବିସ୍ତୃତ ଭାବରେ ଜାଣିବା। ଏପର୍ଯ୍ୟନ୍ତ, ମାରୁତି ଟୟୋଟାରୁ ଟେକ୍ନୋଲୋଜି ଆଇଡିଆ ନେଇ ହାଇବ୍ରିଡ୍ ମଡେଲ୍ ଉପସ୍ଥାପନ କରୁଥିଲା।




କିନ୍ତୁ ଏବେ ମାରୁତି ନିଜର ସ୍ୱଦେଶୀ ହାଇବ୍ରିଡ୍ ପାୱାରଟ୍ରେନ୍ ବିକଶିତ କରୁଛି। ଯାହା ଅଧିକ ନିର୍ଭରଯୋଗ୍ୟ, ଶସ୍ତା ଏବଂ ମେଣ୍ଟେନାନ୍ସ-ଫ୍ରେଣ୍ଡଲି ହେବ। ଏହି ପାୱାରଟ୍ରେନକୁ ପ୍ରଥମେ ମାରୁତି ଫ୍ରଣ୍ଟେକ୍ସରେ ସାମିଲ କରାଯିବ ଏବଂ ତା'ପରେ ଏହାକୁ ସ୍ୱିଫ୍ଟ, ବାଲେନୋ, ବ୍ରେଜା ଭଳି ଲୋକପ୍ରିୟ ମଡେଲରେ ମଧ ପ୍ରଚଳନ କରାଯିବ। ଫ୍ରଙ୍କ୍ସ ହାଇବ୍ରିଡ୍ ୨୦୨୬ ମସିହାରେ ଲଞ୍ଚ ହୋଇପାରେ।

ମାରୁତି ଦ୍ୱାରା ବିକଶିତ ନୂଆ ହାଇବ୍ରିଡ୍ ପାୱାରଟ୍ରେନ୍ ୧.୨-ଲିଟର ଜେଡ୍୧୨ଇ ପେଟ୍ରୋଲ୍ ଇଞ୍ଜିନ୍ ଏବଂ ଇଲେକ୍ଟ୍ରିକ୍ ମୋଟରର ମିଶ୍ରଣ ସହିତ ସଜ୍ଜିତ ହେବ। ଯାହା ଯୋଗୁଁ କାରଟି ପ୍ରତି ଲିଟରରେ ପ୍ରାୟ ୩୫ କିଲୋମିଟର ମାଇଲେଜ୍ ଦେଇପାରିବ। ଏହି ମାଇଲେଜ୍ ଏହାକୁ ଦେଶର ସବୁଠାରୁ କମ ଖର୍ଚ୍ଚାନ୍ତ ହାଇବ୍ରିଡ୍ କାର କରିପାରିବ। ଏପର୍ଯ୍ୟନ୍ତ ଏତେ ଭଲ ମାଇଲେଜ୍ କେବଳ ପ୍ରିମିୟମ୍ ସେଗମେଣ୍ଟ ଯାନରେ ଉପଲବ୍ଧ ଥିଲା, କିନ୍ତୁ ମାରୁତି ଏହାକୁ ସାଧାରଣ ଗ୍ରାହକଙ୍କ ପାଖରେ ପହଞ୍ଚାଇବାକୁ ଚାହୁଁଛି। ଡିଜାଇନ୍ ଏବଂ ଫିଚର୍ସ ଦୃଷ୍ଟିରୁ ମଧ ଫ୍ରଙ୍କ୍ସ ହାଇବ୍ରିଡରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିବ। ଏହାର ଏକ୍ସଟେରିୟର ପୂର୍ବ ଅପେକ୍ଷା ଷ୍ଟାଇଲିସ୍, କିନ୍ତୁ ହାଇବ୍ରିଡ୍ ଭର୍ସନରେ "ହାଇବ୍ରିଡ୍" ବ୍ୟାଜିଂ ଏବଂ ଏକ ରିଫ୍ରେସ୍ଡ ଫ୍ରଣ୍ଟ ଲୁକ୍ ସମେତ ସାମାନ୍ୟ କସମେଟିକ୍ ପରିବର୍ତ୍ତନ ଆସିବାର ଆଶା କରାଯାଉଛି। ଇଣ୍ଟେରିୟରରେ ନୂଆ ଥିମ୍, ବଡ଼ ଟଚସ୍କ୍ରିନ୍ ଡିସପ୍ଲେ, ଏଡିଏଏସ (ଆଡଭାନ୍ସଡ୍ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍), ଆଡଭାନ୍ସ ସାଉଣ୍ଡ ଇନସୁଲେସନ୍ ଏବଂ ଅପଡେଟେଡ୍ ଡିଜିଟାଲ୍ ଇନ୍ସ ରୁ ମେଣ୍ଟ କ୍ଲଷ୍ଟର ଭଳି ଫିଚର୍ସ ଯୋଡା ଯାଇପାରିବ। ଯାହା ଏହାକୁ ଟେକ୍ନୋଲୋଜି ଦୃଷ୍ଟିରୁ ଆଡଭାନ୍ସ ଏବଂ ୟୁଜର୍ସ ଏକ୍ସପେରି ଏନ୍ସ ଦୃଷ୍ଟିରୁ ଉନ୍ନତ କରିବ। ଭାରତରେ ହାଇବ୍ରିଡ୍ ଟେକ୍ନୋଲୋଜି ଗ୍ରହଣ କରିବା ଏକ ବଡ଼ ପଦକ୍ଷେପ ହେବ। ବିଶେଷକରି ଏପରି ଏକ ବଜାରରେ ଯେଉଁଠାରେ ଇନ୍ଧନ ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ହାଇବ୍ରିଡ୍ କାରଗୁଡ଼ିକ ଇଲେକ୍ଟ୍ରିକ ଗାଡ଼ି ତୁଳନାରେ ଅଧିକ ରେଞ୍ଜ ପ୍ରଦାନ କରେ। ଏହା ଚାର୍ଜିଂ ଆବଶ୍ୟକ କରେ ନାହିଁ ଏବଂ ଚଲାଇବା ପାଇଁ ଅଧିକ ଶସ୍ତା ଏବଂ ସୁବିଧାଜନକ।

## ଆଜିର ସୁନା ଦର



ଆଜି ଦେଶର ସବୁ ସହରରେ ସ୍ଥିର ରହିଛି ସୁନା ଦର । ତେବେ ଆସନ୍ତୁ ଜାଣିବା, ସୁନା ଦର କେଉଁଠି କେତେ ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୫, ୫୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୭ ହଜାର ୫୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୫, ୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୭ ହଜାର ୫୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୫,୫୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୭ ,୫୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୫, ୬୬୦ ଟଙ୍କା ଓ ୨୨ କ୍ୟାରେଟ୍ ୮୭,୭୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୫, ୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୭,୫୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୫, ୫୧୦ ଓ ୮୭,୫୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୮,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୨ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୦ ପଇସା ରହିଛି।

## ଧରାପଡ଼ିଲେ ୭ ଲୁଟେରା



**ଦଶରଥପୁର,୪।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ମଙ୍ଗଳପୁର, ଦଶରଥପୁର, ଅଳକୁଣ୍ଡ ଆଦି ଥାନା ଅଧିନସ୍ତ ବୋତଲଟାଙ୍ଗି, ହୋସେନପୁର, ମଙ୍ଗଳପୁର ଆଦି ବିଭିନ୍ନ ଅଞ୍ଚଳରେ ଲୁଟେରାମାନେ ଲଗାତର ଲୁଟ କରିଚାଲୁଥିଲେ। ଉକ୍ତ ଥାନା ଗୁଡିକୁ ଚାଲେଞ୍ଜ କରି ଲୁଟ କରୁଥିଲେ ସୁନା ରୁପା ସହ ବିଭିନ୍ନ ସାମଗ୍ରୀ ଯାହା ପୁଲିସ ଆଖିରୁ ନିଦ ହଜି ଯାଇଥିଲା। ଯାଜପୁର ଏସଡିପିଓ ପ୍ରଶାନ୍ତ ମାଝୀ ଏହାକୁ ଗୁରୁତ୍ୱର ସହ ନେଇ ଲୁଟେରା ମାନଙ୍କୁ ଧରିବା ପାଇଁ ମଙ୍ଗଳପୁର ଆଇଆଇସି ଜଗଦୀଶ କରଙ୍କ ନେତୃତ୍ୱରେ ଗୋଟିଏ ଟିମ ଓ ଅଳକୁଣ୍ଡ ଆଇଆଇସିଙ୍କ ନେତୃତ୍ୱରେ ଗୋଟିଏ ଟିମ ଗଠନ କରି ରାଜ୍ୟ ମଧରେ ବିଭିନ୍ନ ଜିଲ୍ଲାରେ ଅନୁସନ୍ଧାନ ଜାରି ରଖିଥିଲେ। ଡକାୟତମାନେ ବୋତଲଟାଙ୍ଗିରୁ ନେଇଥିବା ଏକ ମୋବାଇଲ ଟ୍ରାକିଙ୍ଗ କରି କେନ୍ଦୁଝର ଜିଲ୍ଲାରୁ ରଜନୀକାନ୍ତ ପାତ୍ରକୁ ଧରିବାରେ ସଫଳ ହେବା ପରେ ଖଣ୍ଡଗିରି ଭୁବନେଶ୍ୱରରୁ ମିର ଜଲାଲ, ରଣସରପୁର କୋରେଇରୁ ରାକେଶ ପଲାଇକୁ ଧରିବାରେ ସକ୍ଷମ ହୋଇଥିଲେ। ସ୍ଥାନୀୟ ସହଯୋଗକାରୀଙ୍କୁ ଠାବ କରିବାକୁ ଯାଇ ମଙ୍ଗଳପୁର ପୁଲିସ ମଙ୍ଗଳପୁର ବଜାରରେ ସୁନା ଦୋକାନ କରିଥିବା ସାଠିବାଟୀ ଗ୍ରାମର ପ୍ରଭାକର ସାହୁ, ମଙ୍ଗଳପୁର ଶ୍ରୀରାମପୁର ଗ୍ରାମର ରୁଦ୍ରନାରାୟଣ ପାଢ଼ୀ, ଆରୁହା ହୋସେନପୁରରୁ ସନ୍ଦୀପ ଭୂୟାଁ, ବୋତଲଟାଙ୍ଗିରୁ ବାବୁଲି ଦାସକୁ ଧରିବାରେ ପୁଲିସ ସଫଳ ହୋଇଥିଲେ। ଜିଲ୍ଲା ଓ ଜିଲ୍ଲା ବାହାର ୭ଜଣ ଡକାୟତ ଧରାପଡିଥିଲେ। ଏହି ପରିପ୍ରେକ୍ଷୀରେ ଆଜି ମଙ୍ଗଳପୁର ପୁଲିସ ଓ ଯାଜପୁର ଏସଡିପିଓଙ୍କ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରି ଖୁବ ଶୀଘ୍ର ସମସ୍ତ ଲୁଟେରା ଆଉ ସେମାନଙ୍କ ଗ୍ୟାଙ୍ଗରେ ଥିବା ଅବଶିଷ୍ଟ ୩/୪ଜଣଙ୍କୁ ଧରାଯିବ ବୋଲି ଏସଡିପିଓ କହିଥିଲେ। ଧରା ପଡ଼ିଥିବା ଡକାୟତ ମାନଙ୍କ ଠାରୁ ସେମାନେ ବ୍ୟବହାର କରିଥିବା ଗୋଟେ ସ୍କୋପିଓ, ୨ଟି ମଟରସାଇକେଲ, ୫ଟି ମୋବାଇଲ ସହ ଚୋରି ହୋଇଥିବା ୨ଟି ସୁନା ଚେନ, ସୁନା ଶଙ୍ଖା ୧ହଳ, ସୁନା ୧୦ଗ୍ରାମ, ସୁନା ମୁଦି ୨ଟି, ଗୋଡ଼ ପଟି ୨ହଳ, ମୋବାଇଲ ୩ଟି, ଗୋଟେ ଷ୍ଟାଣ୍ଡ ଫ୍ୟାନ, ପିତଳ ଗରା ପ୍ରଭୃତି ଜବତ ହୋଇଥିବାର ମଙ୍ଗଳପୁର ଆଇଆଇସି ଜଗଦୀଶ କର ସମ୍ପୂର୍ଣ୍ଣ ସୂଚନା ଦେଇଥିଲେ।

### ଆକ୍ସନ୍ ମୋଡ୍‌ରେ ଗଞ୍ଜାମ ପୁଲିସ

## ୧୮ ଅପରାଧୀ ଗିରଫ, ବନ୍ଧୁକ, ଗୁଳି, ଖୋକା, ମୋବାଇଲ ଜବତ



**ବ୍ରହ୍ମପୁର,୪।୫ (ସଂଚାର ବ୍ୟୁରୋ):** ଦୀର୍ଘ ଦିନ ପରେ ଅପରାଧୀଙ୍କୁ କାବୁ କରିବାରେ ଗଞ୍ଜାମ ଜିଲ୍ଲା ପୋଲିସ ସଫଳ ହୋଇଛି। ପୁଲିସ୍ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରୁ ଅପରାଧୀଙ୍କୁ ବନ୍ଧାଯିବା ସହ ବିଭିନ୍ନ ମାରଣାସ୍ତ୍ର ଜବତ୍ କରାଯାଇଛି। ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ୧୮ ଜଣଙ୍କୁ ବନ୍ଧାଯାଇଛି। ସେମାନଙ୍କ ନିକଟରୁ ୧୭ଟି ବନ୍ଧୁକ, ୧୬ଟି ମୋବାଇଲ୍, ୬୬ଟି ଗୁଳି ଓ ୪ଟି ଖୋକା ପୁଲିସ୍ ଜବତ କରିଛି। ରବିବାର ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖରଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା । ଗଞ୍ଜାମ ପୁଲିସ ଜିଲ୍ଲାର ଆସିକା, ଶେରଗଡ଼, କୋଟିନଡ଼ା, ଭଞ୍ଜନଗର, ପୋଲସରା, ଚମାଖଣ୍ଡି ଅଞ୍ଚଳରେ ଚଢ଼ାଉ କରାଯାଇ ଏହି ଅପରାଧୀଙ୍କୁ ଗିରଫ କରାଯାଇଥିବା ଆଇଜି ସୂଚନା ଦେଇଛନ୍ତି । ବିଭିନ୍ନ ଅପରାଧୀକ ମାମଲାରେ ଏମାନେ ଜଡିତ ଥିଲେ । ପୁଲିସର ତଦନ୍ତ ପରେ ହିଁ ଅଧିକ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି। ବିଗତ କିଛି ଦିନ ହେବ ସମ୍ପୂର୍ଣ୍ଣ ଗଞ୍ଜାମ ଅଶାନ୍ତ ହୋଇପଡିଛି। ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଏହା ପୋଲିସ୍ ପାଇଁ ମଧ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଏନେଇ ପୋଲିସ୍ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ଏବେ ଅପରାଧୀଙ୍କୁ ଧରିବାରେ ପୁଲିସ୍ ସଫଳତା ପାଇଛି। ଆଗକୁ ମଧ ଜିଲ୍ଲା ପୁଲିସ୍ ପକ୍ଷରୁ ଅପରାଧ ଦମନ୍ ପାଇଁ ସ୍ପେଶାଲ ଡ୍ରାଇଭ ଜାରି ରହିବ ବୋଲି ଦକ୍ଷିଣାଞ୍ଚଳ ଆଇଜି ଗଣମାଧମକୁ ସୂଚନା ପ୍ରଦାନ କରିଛନ୍ତି।

### ବାଘପାଲି ଡବଲ୍ ମର୍ଡର ପର୍ଦ୍ଦାଫାଶ

## ବାପା ହତ୍ୟାର ପ୍ରତିଶୋଧ ନେଇଥିଲା ପୁଅ



**ଭେଡେନ,୪।୫ (ସଂଚାର ବ୍ୟୁରୋ):** ବରଗଡ଼ ଜିଲା ଭେଡେନ ଥାନା ଅନ୍ତର୍ଗତ ସୁନା ଲରମ୍ଭା ବାଘପାଲି ଗ୍ରାମରେ ଗୁରୁବାର ସଂଘଟିତ ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ ହୋଇଛି। ପୁଲିସ ଉକ୍ତ ହତ୍ୟାକାଣ୍ଡରେ ମୃତ ମଘା ଓରଫ ମଧୁସୂଦନ ଭୁଏ(୫୫)ଙ୍କ ପୁଅ ନେପାଳ ଓରଫ ନାମ(୨୮)ଙ୍କୁ ଗିରଫ କରିବା ପରେ ଡବଲ ମର୍ଡର ଘଟଣାର କାରଣ ପଦାକୁ ଆସିଛି। ତାଙ୍କ ବାପା ମଘାଙ୍କୁ ମୃତ ଅଭିଯୁକ୍ତ ତରଣୀ ବାଗ(୩୫) ହତ୍ୟା କରିବାରୁ ପ୍ରତିଶୋଧ ପରାୟଣ ହୋଇ ସେ ତାଙ୍କୁ ହତ୍ୟା କରିଥିବା ନେଇ ଅଭିଯୁକ୍ତ ନେପାଳ ଜେରାବେଳେ ପୁଲିସ ଆଗରେ ସ୍ୱୀକାର କରିଥିବା ଭେଡେନ ଥାନା ଆଇଆଇସି ସୁଶାନ୍ତ କୁମାର ଦାଶ କହିଛନ୍ତି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଗୋଟିଏ ବାଉଁଶ ଲାଠି, ଷ୍ଟିଲ ରଡ, ଖଟିଆର କାଠ (ଖଟପୁହା), ଗୋଟିଏ ଛୁରୀକୁ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ନେପାଳଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ଉପ କାରାଗାର ହାଜତକୁ ପଠାଇ ଦିଆଯାଇଛି। ମୃତ ତରଣୀଙ୍କ ବଡଭାଇ ନିତ୍ୟାନନ୍ଦଙ୍କ ଏତଲାକ୍ରମେ ନେପାଳଙ୍କ ବିରୋଧରେ ଏକ ହତ୍ୟା ମାମଲା (ନଂ-୧୦୦/୨୫) ରୁଜୁ ହୋଇଛି। ମୃତ ତରଣୀ ଜଣେ ପେଶାଦାର ଅପରାଧୀ ଥିଲେ ଏବଂ ସେ ଫେରାର୍ ଥିବା ଯୋଗୁ ତାଙ୍କ ବିରୋଧରେ ଗିରଫଦାରୀ ୱାରେଣ୍ଟ ଜାରି ହୋଇଥିବା ବେଳେ ଘଟଣା ଦିନ ସେ ଗ୍ରାମକୁ ଆସିଥିଲେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଧର୍ମଗଡ ବ୍ଲକରେ ଛତୁ ଫୁଟିଲା ଭଳି ମଦ କୋଠି



### ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନର ନିଘା ନାହିଁ

**କଳାହାଣ୍ଡି,୪।୫ (ସଂଚାର ବ୍ୟୁରୋ):** ଧର୍ମଗଡ ବ୍ଲକରେ ଥିବା ମଦୁଆମାନେ ଏବେ ମଦର ବନ୍ୟାରେ ଗାଧୋଉ ଥିବା ମନେ ହୁଏ। ଏମିତି ହେବାରେ ଦେଖା ଗଲାଣି ଯେ, ପ୍ରତ୍ୟେକ ଗାଁରେ ବେଆଇନ୍ ଭାବେ ଛତୁ ଫୁଟିଲା ଭଳି ମଦ କୋଠି ଗଢିବାରେ ଲାଗିଛି। ଧର୍ମଗଡ ବ୍ଲକ ଅଞ୍ଚଳରେ ବର୍ତ୍ତମାନ ଚୋରାମଦ କାରବାର ଏକ ମହାମାରୀ ରୂପ ନେଇ ଥିବା ବେଳେ ପାରିବାରିକ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହେଉଛି । ଧର୍ମଗଡ ବ୍ଲକରେ ୨୪ ଗୋଟି ଗ୍ରାମ ପଞ୍ଚାୟତ ରହିଥିବା ବେଳେ ଜନସଂଖ୍ୟା ପ୍ରାୟ ଏକ ଲକ୍ଷ ପଚାଶ ହଜାରରୁ ଅଧିକ। ବ୍ଲକରେ ଗୋଟିଏ ଥାନା ରହିଥିବା ବଳେଳ ଚାରିଟି ଦେଶି ମଦଭାଟି ଓ ତାହାର ଅନେକ ବ୍ରାଞ୍ଚ ରହିଛି। ଏହି ଦେଶି ମଦ ଭାଟି ଗୁଡ଼ିକ ମଧରୁ ଧର୍ମଗଡ (ଭୀମଖୋଜ ପଡା), ବଗାଡ଼ଛକ, ତାରାପୁର, ବେହେରା ଠାରେ ମଦ ତିଆରି ହେଉଥିଲେ ମଧ ସମସ୍ତ ପାଉଚ ପାଇଁ ଧର୍ମଗଡ ଭୀମଖୋଜପଡା ମଦଭାଟି ଉପରେ ନିର୍ଭର କରିଥାନ୍ତି ।

ଦେଶି ମଦଭାଟି ମାନଙ୍କରେ ମଦ ବିକ୍ରି କରାଯିବାର ନିୟମ ରହିଥିବା ବେଳେ ଖୋଲାଖୋଲି ଭାବରେ ସରକାରଙ୍କ ନିୟମକୁ ଉଲଙ୍ଘନ ସହ ଖାତିରି ନକରି ଗାଁ ଗାଁକୁ ଛତୁ ଫୁଟିଲା ପରି ଦେଶି, ବିଦେଶୀ ମଦ କୋଠି ଖୋଲି ପୁଲିସ ଓ ଅବକାରୀ ବିଭାଗକୁ ହାତବାରିସି ସଜାଇ ଅବାଧରେ ମଦ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଯାହାଦ୍ୱାରା ମଦ୍ୟପ ମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିବା ସହ ବିଶୃଙ୍ଖଳା ବଢ଼ିବାରେ ଲାଗିଛି। କେତେକ ସ୍ଥାନରେ ପାନ ଦୋକାନ ଓ ଜନଗହଳି ସ୍ଥାନ ମାନଙ୍କରେ ଖୁଲମଖୁଲା ଦେଶି ତଥା ବିଦେଶୀ ମଦ ବିକ୍ରି ହେଉଥିବା ଯୋଗୁଁ ସାଧାରଣ ଜନତା ଯିବା ଆସିବା ସମୟରେ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି। ବାରମ୍ବାର ରାସ୍ତା କଡରେ ଥିବା ମଦଭାଟି ଉଚ୍ଛେଦ ପାଇଁ ଲିଖିତ ଭାବେ ଗାଁ ଲୋକେ ତଥା ମହିଳା ଗୋଷ୍ଠୀ ଜଣାଇଲେ ମଧ ତାହା ପ୍ରଶାସନ ଉପରେ କୌଣସି ପ୍ରଭାବ ପଡୁନଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ ଚୋରା ମଦ କାରବାରକୁ ଲୋକ ଦେଖାଣିଆ ଭାବେ କିଛି ମାତ୍ରାରେ କାଁଭାଁ ରୋକା ଯାଉଥିଲେ ମଧ ମଦ କୋଠି ମାଲିକ ମାନଙ୍କ ସହିତ ସଲାସୁତରା ହୋଇ ଛାଡି ଦେଉଥିବା ନଜରକୁ ଆସୁଛି। ପୁଲିସ ଓ ଅବକାରୀ ବିଭାଗ ସ୍ୱତନ୍ତ୍ର ଭାବରେ ରହିଥିଲେ ମଧ ସେମିତି କୌଣସି ଆଖିକୁ ଦିଶିଲା ଭଳି ପଦକ୍ଷେପ ନେଉ ନ ଥିବା ଯୋଗୁଁ ଅଞ୍ଚଳରେ ବିଶୃଙ୍ଖଳା ସୃଷ୍ଟି ହେଉଛି । ଅନ୍ୟ ପକ୍ଷରେ ସରକାରୀ ନିୟମ ଅନୁଯାୟୀ ବିଦ୍ୟାଳୟଠାରୁ ପାଞ୍ଚଶହ ମିଟର ଦୂରରେ ମଦ ଦୋକାନ ରହିବା କଥା ହେଲେ ଦେଖିବାକୁ ମିଳୁଛି ତାହା ବ୍ଲକର ଅନେକ ଜାଗାରେ ପାଳନ କରାଯାଉନାହିଁ । ଏହା ବ୍ୟତିତ ଧର୍ମଗଡ ବ୍ଲକରେ ତିନିଟି ଅନୁମତି ପ୍ରାପ୍ତ ବିଦେଶୀ ମଦ ଦୋକାନ ସହରରେ ରହିଛି। ଯାହା କି ଏହି ବିଦେଶୀ ମଦ ଦୋକାନରେ ସରକାରଙ୍କ ନିୟମ ଅନୁସାରେ ନିର୍ଦ୍ଧାରିତ ମୂଲ୍ୟ ଠାରୁ ୫୦/୬୦ ଟଙ୍କା ଅଧିକ ନିଆ ଯାଉଛି ଓ ବିଲ ମାଗିଲେ ଦିଆ ଯାଉନାହିଁ। ଧର୍ମଗଡ ସହରେ ଥିବା ବିଦେଶୀ ଠିପି ବନ୍ଦ ମଦଦୋକାନରେ ମଦ ବିକ୍ରି କରିବାର ନିୟମ ଥିବା ବେଳେ ଉକ୍ତ ବ୍ଲକର ବିଭିନ୍ନ ସ୍ଥାନକୁ ବିକ୍ରି କରିବା ପାଇଁ ଯୋଗାଇ ଦିଆଯାଉଥିବା ଅଭିଯୋଗ ହେଉଛି। ପୁଣି ଦୋକାନ ମାନଙ୍କରେ ନକଲି ମଦ ବିକ୍ରି କରାଯାଉଛି ବୋଲି ଅଭିଯୋଗ ହେଉଛି ।

ଅନ୍ୟ ପକ୍ଷରେ କେତେକ ଗାଁରେ ସ୍କୁଲ ପାଖରେ ତ କେତେକ ସ୍ଥାନରେ ମନ୍ଦିରର ଅତି ନିକଟରେ ବିଦେଶୀ ମଦ ଓ ଦେଶି ମଦ ଖୁଲମଖୁଲା ବିକ୍ରି ହେଉଛି। ଏ ଦିଗରେ ସ୍ଥାନୀୟ ପୁଲିସ ଜାଣି ମଧ ଚୁପ ରହୁଛି । ହେଲେ ଏମାନଙ୍କ ସରକାରି ନିୟମ ଖିଲାପ ହେଲେ ମଧ ପଦକ୍ଷେପ ନନେବା ଯୋଗୁଁ ମଦୁଆମାନେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏହା ଉପରେ ଦୃଷ୍ଟି ଦେଇ ବେଆଇନ ଭାବରେ ଚାଲୁଥିବା ମଦ ଭାଟି ଗୁଡିକର ପଦେକ୍ଷପ ନେବାପାଇଁ ସାଧାରଣରେ ଦାବି ହେବା ସହ ଏଥିପ୍ରତି ସ୍ୱତନ୍ତ୍ର ଭାବେ ମଦ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ବୁଦ୍ଧିଜୀବି ମହଲରେ ଅଭିଯୋଗ ଉଠିଛି ।

# ବିନା ମାସ୍କ, ଗ୍ଲୋବସରେ ଅଳିଆ ସଂଗ୍ରହ



**ଜୟପୁର,୪।୫ (ସଂଚାର ବ୍ୟୁରୋ):** ଅଳିଆ ଗାଡ଼ିରେ ବିନା ସୁରକ୍ଷାରେ ସହରର ଗଳି ଗଳି ବୁଲି ଓଳିଆ ସଂଗ୍ରହ କରୁଥିବା ବ୍ୟକ୍ତିଙ୍କ ପାଇଁ ଓଳିଆ ସଂଗ୍ରହ ସମୟରେ ସଂକ୍ରମଣରୁ ଦୁରେଇ ପାଇଁ ସରକାରଙ୍କ ପକ୍ଷରୁ ସୁରକ୍ଷା ସାମଗ୍ରୀ ଯୋଗାଇ ଦେବା ପାଇଁ ୨୦ହଜାର ଟଙ୍କା ଅଛି ଏବଂ ଏହି ଟଙ୍କା ଗତ ନଭେମ୍ବର ୨୦୨୪ ତାରିଖରେ ବୈପାରୀଗୁଡା ପଞ୍ଚାୟତ ସଂପ୍ରସାରଣ ଅଧିକାରୀଙ୍କୁ ୨୦ ହଜାର ଟଙ୍କା ଓଳିଆ ସଂଗ୍ରହ ବ୍ୟକ୍ତିଙ୍କ ସୁରକ୍ଷା ଉପକରଣ କ୍ରୟ ବାବଦକୁ ଟଙ୍କା ଉଠାଣ ମଧ ହୋଇଛି କିନ୍ତୁ ଆଜି ପର୍ଯ୍ୟନ୍ତ ଓଳିଆ ସଂଗ୍ରହକାରୀ ବ୍ୟକ୍ତିଙ୍କୁ କୌଣସି ଉପକରଣ ମିଳିନଥିବା ପ୍ରକାଶ କରିଛନ୍ତି। ଏବଂ ବିନା ମାସ୍କ ବିନା ଗ୍ଲୋବସରେ ଓଳିଆ ଖାଲି ହାତରେ ସଂଗ୍ରହ କରୁଛନ୍ତି।

ସହରର ଓଳିଆ ଆବର୍ଜନା, ପଚାସଢ଼ା ସାମଗ୍ରୀକୁ ବିନା ମାସ୍କ ଗ୍ଲୋବସରେ ଖାଲି ହାତରେ କାଢ଼ିବା ଏଥିରେ ସଂକ୍ରମଣ ହେବାର ଆଶଙ୍କା ରହିଥିଲେ ମଧ ତାଙ୍କ କଥା ଶୁଣୁଛି କିଏ। ଟଙ୍କା ଆସିଲା ଆଉ କୁଆଡେ ଗଲା। ପିଇଓଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯାଇଛି କିନ୍ତୁ ସେ ଟଙ୍କାରେ ସାମଗ୍ରୀ କିଣା ହେଲା ନା ନାହିଁ ଯଦି କିଣା ହେଲା କାହିଁକି ଦିଆ ଯାଇନାହିଁ ଏବଂ ଯଦି କିଣା ହୋଇନାହିଁ ଟଙ୍କାକୁ କିଏ ଆତ୍ମସାତ କଲା ତାହାର ତଦନ୍ତ ହେଉ ବୋଲି ସାଧାରଣରେ ଦାବି ହେଉଛି।

### ମାସ୍କ, ଗ୍ଲୋବସ ଓ ଜୋତା ପାଇଁ ଆସିଥିବା ଟଙ୍କା ଗଲା କୁଆଡେ?

ଏନେଇ ବୈପାରୀଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇନଥିଲା। ଘଟଣାର ଉଚ୍ଚଅଧିକାରୀ ତଦନ୍ତ କରିବା ସହ ଯଥାଶୀଘ୍ର ଓଳିଆ ସଂଗ୍ରହ କାରୀଙ୍କୁ ମାସ୍କ ଗ୍ଲୋବସ ସହ ଅନ୍ୟାନ ସାମଗ୍ରୀ ଯୋଗାଇବାକୁ ବୈପାରୀଗୁଡା ଯୁବଗୋଷ୍ଠୀ ଦାବି କରିଛନ୍ତି।




### ମନରେଗା କାର୍ଯ୍ୟରେ ଅନିୟମିତତା

## ଶ୍ରମିକ ବଦଳରେ ମେସିନ କରୁଛି ପୋଖରୀ ଖୋଳା

**ନୀଳଗିରି,୪।୫ (ସଂଚାର ବ୍ୟୁରୋ):** ଦାଦନ ପାଇଁ ବେଶ ଜଣାଶୁଣା ନୀଳଗିରି। କାମ ଧନ୍ଦା ଅଭାବରୁ ପ୍ରତିବର୍ଷ ହଜାର ହଜାର ଲୋକ ରାଜ୍ୟ ବାହାରକୁ ଦାଦନ ଖଟି ଯାଇଥାନ୍ତି। ବିଭିନ୍ନ ସମୟରେ ନିର୍ଯ୍ୟାତନାର ଶିକାର ହୋଇ ଗାଁକୁ ଫେରିଥାନ୍ତି। ବାରମ୍ବାର ଏମିତି ଅଭିଯୋଗ ଆସିବା ପରେ ଲୋକଙ୍କୁ କାମ ଧନ୍ଦା ଯୋଗାଇ ଦେବା ପାଇଁ ସରକାର ଆରମ୍ଭ କରିଛନ୍ତି ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା। ହେଲେ ମୂଳ ଉଦ୍ଦେଶ୍ୟ ଠାରୁ ଦୂରେଇ ଯାଇଛି ଯୋଜନା। ନୀଳଗିରି ବ୍ଲକରେ ଶ୍ରମିକ ବଦଳରେ ମେସିନ କରୁଛି ପୋଖରୀ ଖୋଳା କାମ। ସୂଚନା ନୀଳଗିରି ପଞ୍ଚାୟତ ସମିତି ଅଧୀନ ଛତ୍ରପୁର ପଞ୍ଚାୟତ ଠାରେ ଏମଜିଏନଆରଜିଏସ ଯୋଜନାରେ ଏକ ପୋଖରୀ ଖୋଳାଯାଉଥିଲା। ଉକ୍ତ ପଞ୍ଚାୟତ ୮ ନମ୍ବର ୱାର୍ଡ ଧୋବାସାହି ଗ୍ରାମରେ ୨୦୨୪-୨୫ ଆର୍ଥିକ ବର୍ଷର ଅନୁଦାନରେ ଶନିବାର ପୂର୍ବାହ୍ନ ଅନୁମୋଦିତ ଶମ୍ବରଡୁବା ପୋଖରୀ ଖୋଳା ରେ ସ୍ଥାନୀୟ ଶ୍ରମିକଙ୍କ ପରିବର୍ତ୍ତେ ଜେସିବି ମେସିନ ସହାୟତାରେ ଖୋଳାଯାଉଥିବା ଏବଂ ବିଭିନ୍ନ ଅନିୟମିତତା ହୋଇଥିବାର ସାଧାରଣରେ ଅଭିଯୋଗ ହୋଇଛି। ଏହି ପୋଖରୀ ଖୋଳା କାର୍ଯ୍ୟ ମେସିନ ଯୋଗେ ହୋଇଥିବା ବେଳେ ଶ୍ରମିକଙ୍କ ଜାଲ୍ ଦସ୍ତଖତରେ ଲକ୍ଷାଧିକ ଟଙ୍କା ହଡ଼ପ ହେବାର ବାଟ କରାଯାଇଛି । ଉକ୍ତ ଅନିୟମିତତାକୁ ରାଜ୍ୟ ସରକାର ଧ୍ୟାନ ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

## ନିମକଣାରେ କୃଷି ସମ୍ପ୍ରସାରଣ କର୍ମଚାରୀ କର୍ମଶାଳା

**ତିର୍ତ୍ତୋଲ,୪।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ନିମକଣା ମଣ୍ଡପରେ କୃଷି ସମ୍ପ୍ରସାରଣ କର୍ମଚାରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଗ୍ରାମ୍ୟ କୃଷି କର୍ମଚାରୀ, କୃଷି ଅଧି ଦର୍ଶକ, ବି. ଟି. ଏମ୍, ଏ.ଟି. ଏମ୍ ଓ କୃଷକ ସାଥୀ, ମାନଙ୍କୁ ବିଭିନ୍ନ ଚାଷ ସମ୍ପର୍କରେ ଅବଗତ କରାଯିବା ସହିତ ଚଷୀଭାଇ



ମାନଙ୍କୁ ପରାମର୍ଶ ଦେବା ପାଇଁ କୁହାଯାଇଥିଲା। ଏଥିରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, କୃଷି ଜିଲ୍ଲା ଅଧିକାରୀ, ଶ୍ରୀ ବିଭୁଦତ୍ତ ସାହୁ, ତିର୍ତ୍ତୋଲ କୃଷି ଅଧିକାରୀଣୀ ସୁଶ୍ରୀ ମନସ୍ୱିନୀ ଲେଙ୍କା,କୁଜଙ୍ଗ କୃଷି ଅଧିକାରିଣୀ ସୀତା ରତ୍ନମାଳା ଦାସ, ଏରସମା କୃଷି ଅଧିକାରୀଣୀ ସୋଫିଆ ସ୍ୱାଇଁ ଙ୍କ ସମେତ କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ ସମସ୍ତ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ।ଏଥିରେ ତିର୍ତ୍ତୋଲ, ଏରସମା, କୁଜଙ୍ଗ ଅଞ୍ଚଳର ଶତାଧିକ କୃଷକସାଥି ମାନେ ଉପସ୍ଥିତ ଥିଲେ। ଆଗାମୀ ଦିନରେ କୃଷକମାନେ କିଭଳି ସମସ୍ତ ସୁବିଧା ସୁଯୋଗ ପାଇପାରିବେ ସେ ବିଷୟରେ ମଧ ଆଲୋଚନା କରାଯାଇଥିଲା।



## ଦଳ ବିରୋଧୀ ପାଇଁ ବହିଷ୍କୃତ ହେଲେ ସମିତି ସଭ୍ୟା ଏବଂ ପୂର୍ବତନ ଉପାଧ୍ୟକ୍ଷ

**ବିଞ୍ଝାରପୁର,୪।୫ (ସଂଚାର ବ୍ୟୁରୋ):** ଦଳ ବିରୋଧୀ କାର୍ଯ୍ୟ ଯୋଗୁଁ ଯାଜପୁର ବିଜେଡ଼ିର ଆକ୍ସନ। ଦଳରୁ ନିଲମ୍ବିତ ହେଲେ ସମିତି ସଭ୍ୟା ଏବଂ ପୂର୍ବତନ ଉପାଧ୍ୟକ୍ଷ । ଯାଜପୁର ଜିଲ୍ଲା ଦଶରଥ ପୁର ବ୍ଲକର ଗ୍ରାମ ନନ୍ଦିପୁର ପଞ୍ଚାୟତର ପୂର୍ବତନ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ମହାପାତ୍ର ଏବଂ ସମିତି ସଭ୍ୟା ରଶ୍ମିତା ଦାସଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି ଯାଜପୁର ଜିଲ୍ଲା ବିଜେଡ଼ି ସଭାପତି ସରୋଜ ମହାପାତ୍ର। ଏ ନେଇ ତା ୦୪/୦୫/୨୦୨୫ରିଖ ରେ ଏକ ପ୍ରେସ ଇସ୍ତାହାର ଜାରି କରି ସୂଚନା ଦେଇଛନ୍ତି ଜିଲ୍ଲା ସଭାପତି। ଦଳ ବିରୋଧୀ ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଦୁଇ ଜଣଙ୍କୁ ବହିଷ୍କାର କରାଯାଇଥିବା ସୂଚନା।ସୂଚନା ଥାଉକି ୨୦୨୧ ନନ୍ଦିପୁର ପଂଚାୟତ କାର୍ଯ୍ୟାଳୟ ପୋଡ଼ି ଘଟଣାରେ ବିଷ୍ଣୁ ଚରଣ ମହାପାତ୍ରଙ୍କ ସଂପୃକ୍ତି ଥିବା ବିଭିନ୍ନ ଗଣମାଧମରେ ପ୍ରକାଶିତ ହୋଇଥିଲା।

## ନୂଆ ଅପରାଧୀକ ଆଇନ ବିଷୟରେ ସଚେତନତା କାର୍ଯ୍ୟକ୍ରମ




**ସୋହେଲା,୪।୫ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ସୋହେଲା ଥାନା ଅନ୍ତର୍ଗତ ଧୁସରବାହାଲ ଗ୍ରାମରେ ସୋହେଲା ପୋଲିସ ପକ୍ଷରୁ ନୁଆଁ ଅପରାଧିକ ଆଇନ ୨୦୨୩ ଉପରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସୋହେଲା ଥାନା ଅଧିକାରୀ ହରିଶଙ୍କର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧୁସରବାହାଲ ଗ୍ରାମର ଶତାଧିକ ମହିଳା, ପୁରୁଷ, ଛାତ୍ର ଏଥିରେ ଯୋଗଦେଇଥିଲେ। ଥାନା ଅଧିକାରୀ ଶ୍ରୀ ଭୋଇ ନୂଆ ଆଇନରେ ମହିଳା ସୁରକ୍ଷା, ଶିଶୁ ସୁରକ୍ଷା ତଥା ବରିଷ୍ଠ ନାଗରିକଙ୍କ ପାଇଁ ଥିବା ସ୍ୱତନ୍ତ୍ର ପ୍ରାବଧାନ ବିଷୟରେ ଆଲୋକପାତ କରିଥିଲେ। ସବ ଇନ୍ସପେକ୍ଟର ଅମିତ କୁମାର ଧଳ ସାଇବର ଠକେଇ ଏବଂ ଡିଜିଟାଲ ସାକ୍ଷ୍ୟ ବିଷୟରେ ସୂଚନା ଦେଇଥିଲେ। ସଭା ଆରମ୍ଭରେ ଅଶ୍ୱିନୀ କୁମାର ପାତ୍ର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧରେ ଏସଆଇ ଏସ କେ ପୁରୋହିତ, ଏଏସଆଇ ଏସ ଏମ ପାଣିଗ୍ରାହୀ, ଯୁବନେତା ହରି ଦାସ ମଞ୍ଚାସିନ ଥିଲେ ।

## ଜିଲ୍ଲା ଓଜେୟୁ ସଂଘ ପକ୍ଷରୁ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ

**ବୋରିଗୁମ୍ମା,୪।୫ (ସଂଚାର ବ୍ୟୁରୋ):** ବୋରିଗୁମ୍ମାର ୫ ଜଣ ତଥା କୋଟପାଡ ଅଞ୍ଚଳର ଜଣେ ସାମ୍ବାଦିକଙ୍କ ସମେତ କୋରାପୁଟ (ଅପର କୋଲାବ), କୁମୁଲି, ବି.ସିଂହପୁର, କୋଟପାଡ଼ ସମେତ କୋରାପୁଟ ଜିଲ୍ଲାର ପୁରପଲ୍ଲୀ ଓ କୋଣ ଅନୁକୋଣରୁ ଆସିଥିବା କାର୍ଯ୍ୟରତ ସ୍ୱାଧୀନତା ପ୍ରିୟ ସମ୍ପାଦିକ ମାନଙ୍କୁ ନେଇ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ସମ୍ପର୍କରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଓଡ଼ିଶା ସାମ୍ବାଦିକ ସଂଘର କୋରାପୁଟ ଜିଲ୍ଲା ସଭାପତି ଶ୍ରୀ ରବି ନାୟକଙ୍କ ପ୍ରୟାସରେ ସମସ୍ତ ଆୟୋଜନ ଜୟପୁର ସହରର ବିଶିଷ୍ଟ ସମାଜସେବୀ ସଞ୍ଜୟ ଜୈନଙ୍କ ବାସଭବନ ସ୍ଥିତ ସମ୍ମିଳନୀ ଗୃହରେ ଏହି ସଭାର ଭବ୍ୟ ଆୟୋଜନ କରାଯାଇଥିଲା। ଆଦିବାସୀ ଓ ନକ୍ସଲ ପ୍ରଭାବିତ କୋରାପୁଟ ଜିଲ୍ଲାର ସାମ୍ବାଦିକ ମାନଙ୍କୁ ନିରପେକ୍ଷ ସମ୍ବାଦ ପରିବେଷଣରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଓ ତା'ର ସମ୍ଭାବ୍ୟ ବିକଳ୍ପ ସମ୍ପର୍କରେ ଆଲୋଚନା କରା ଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସଞ୍ଜୟ ଜୈନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମ୍ପାଦକ ଧର୍ମେନ୍ଦ୍ର ଅଧିକାରୀ ତଥା ମୁଖ୍ୟ ବକ୍ତା ଭାବେ ଜୟପୁର ସହରର ବିଶିଷ୍ଟ ଅଧିବକ୍ତା (କେନ୍ଦ୍ରୀୟ ନୋଟାରୀ) ଦେବେନ୍ଦ୍ର ବାହିନୀପତି ଯୋଗଦେଇଥିଲେ ।




## ରାସ୍ତାକୁ ନଷ୍ଟ କରୁଛି ଜେଏମ୍‌ସି କମ୍ପାନୀ



**ବୋରିଗୁମ୍ମା, ୪।୫ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମହକୁମାରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ବର୍ତ୍ତମାନ ବିଭିନ୍ନ ରାସ୍ତା ନିର୍ମାଣ କାମ ଶେଷ ହୋଇଥିବା ବେଳେ ଜେଏମସି କମ୍ପାନୀ ପକ୍ଷରୁ ଘରକୁ ଜଳ ଯୋଗାଣ ସଂଯୋଗ ପାଇଁ ରାସ୍ତାଗୁଡିକ ଖୋଳି ଦିଆଯାଉଥିବା ଦେଖିବାକୁ ମିଳୁଛି। ବୋରିଗୁମ୍ମା ପାଇଲୁ ସାହି ସମ୍ମୁଖରେ ଥିବା ମୁଖ୍ୟ ୨୬ ନଂ ଜାତୀୟ ରାଜପଥ ରାସ୍ତା ପାର୍ଶ୍ୱରେ କଂକ୍ରିଟ ଓ ଫେବରବ୍ଲକ ରାସ୍ତା ନିର୍ମାଣ କାମ ଶେଷ ହୋଇଥିବା ବେଳେ ଉକ୍ତ ରାସ୍ତାରେ ଜେଏମସି କମ୍ପାନୀ ପକ୍ଷରୁ ରାସ୍ତା ପାର୍ଶ୍ୱରେ ଖୋଳି ମାଟି ଘୋଡ଼େଇ ଦିଆଯାଇଛି। ଗାତ ଖୋଳୁଥିବା କର୍ମଚାରୀଙ୍କୁ ପଚାରିବାରୁ ସାହିକୁ ପାଇପ୍ ସଂଯୋଗ ଦେବା ନିମନ୍ତେ ଗାତ ଖୋଳାଯାଉଛି ବୋଲି କହିଥିଲେ। ଜାତୀୟ ରାଜପଥ ବିଭାଗର ରାସ୍ତା କାମ ମଧଶେଷ ହୋଇଯାଇଛି। ଫଳରେ ଉକ୍ତ ସ୍ଥାନଟିରେ ଆଗାମୀ ଦିନରେ ଉକ୍ତ ରାସ୍ତା ଦେଇ ଯାଉଥିବା ଭାରୀଯାନ ପାଇଁ ବଡ଼ ବଡ଼ ଖାଲ ସୃଷ୍ଟି ହେବାର ସମ୍ଭାବନା ରହିଛି। ସେହିପରି ବର୍ଷା ହେଲେ ଉକ୍ତ ସ୍ଥାନରେ ପାଣି ଜମି ରହି ରାସ୍ତାକୁ ମଧ ନଷ୍ଟ କରିଦେବାର ଆଶଙ୍କା ରହିଛି। କୋଟି କୋଟି ଟଙ୍କାରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ହେଉଥିବା ବେଳେ ଜେଏମସି କମ୍ପାନୀ ଦ୍ୱାରା ଏହାକୁ ଖୋଳା ଯାଇ ନଷ୍ଟ କରି ଦିଆଯାଉଥିବା ଆଲୋଚନାର ବିଷୟ ପାଲଟିଛି। ସେହିପରି ଜେଏମସି ଠିକା ସଂସ୍ଥା ପକ୍ଷରୁ ନିର୍ମାଣ ହେଉଥିବା ରାସ୍ତାଗୁଡ଼ିକ କଡ଼ରେ ଗାତ ଖୋଳି କଂକ୍ରିଟ କରି ଫେବର ବ୍ଲକ ପକାଯାଉ ନ ଥିବାରୁ ଏହା ଅଳ୍ପ ଦିନରେ ନଷ୍ଟ ହେବାର ସମ୍ଭାବନା ରହୁଛି ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।






# ବ୍ରଣ କମାଇବ ବ୍ରଣ ସୃଷ୍ଟିକାରୀ ବୀଜାଣୁ!

ମୁହଁରେ ବ୍ରଣ ଉଠି ତ୍ୱଚାକୁ କଦର୍ଯ୍ୟ କରିବା ସହ ମୁଖମଣ୍ଡଳର ସୌନ୍ଦର୍ଯ୍ୟ ହ୍ରାସ କରିଥାଏ। ତେବେ କଣ୍ଟାକୁ କଣ୍ଟାରେ କାଢ଼ିବା ନ୍ୟାୟରେ ବୈଜ୍ଞାନିକମାନେ ଏବେ ତାହାର ଉପଚାର ପାଇଁ ଏକ ଅଭିନବ କୌଶଳ ବିକଶିତ କରିଛନ୍ତି। ଆମ ଚର୍ମରେ ରହିଥିବା ବିଭିନ୍ନ ପ୍ରକାର ବୀଜାଣୁମାନଙ୍କ ଭିତରେ 'କ୍ୟୁଟିବ୍ୟାକ୍ଟେରିଅମ୍ ଆକ୍‌ନିସ୍' ହେଉଛି ଅନ୍ୟତମ। ଏହା ଆମ ଚର୍ମକୁ ବାହ୍ୟ ସୁରକ୍ଷା ଯୋଗାଇଥାଏ। ତେଣୁ ଆମ ଚର୍ମ ପାଇଁ ଏହା ଏକ ଅପରିହାର୍ଯ୍ୟ ବୀଜାଣୁ। ଏହା ଚର୍ମର ଲୋମକୂପ ବାଟେ ଚର୍ମର ଅଭ୍ୟନ୍ତରକୁ ପଶି 'ସିବମ୍' ନାମକ ଏକ ପ୍ରକାର ତୈଳୀୟ ପଦାର୍ଥ ଝରାଇଥାଏ। ଏହା ଚର୍ମ ଉପରେ ଆଖପାଖ ମୃତକୋଷମାନଙ୍କୁ ଅଠା ପରି ଏକାଠି କରି ଚର୍ମରେ ରହିଥିବା ରନ୍ଧ୍ରଗୁଡ଼ିକୁ ଅବରୋଧ କରିଦେଇଥାଏ, ଯାହା ଚର୍ମ ଉପରେ ବ୍ରଣ ସୃଷ୍ଟିର କାରଣ ସାଜିଥାଏ। ବହୁ ପରିମାଣର ସିବମ୍ ଓ ମୃତ କୋଷ ମିଶି ବ୍ରଣର ଆକାର ବଢ଼ାଇଥାନ୍ତି। ତେବେ ବ୍ରଣକୁ ଭଲ କରିବା ଲାଗି ଆମେ ସାଧାରଣତଃ ଆଣ୍ଟିବ୍ୟାକ୍ଟେରିଆ କ୍ରିମ୍ ବ୍ୟବହାର କରିଥାଉ। ମାତ୍ର ତ୍ୱଚାକୁ ସୁନ୍ଦର କରିବା ପାଇଁ ବ୍ୟବହୃତ ବୀଜାଣୁନାଶକ କ୍ରିମ୍ ଦ୍ୱାରା ଉପକାରୀ ବୀଜାଣୁମାନଙ୍କର ମଧ୍ୟ ମୃତ୍ୟୁ ଘଟିଥାଏ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବାର୍ସିଲୋନାସ୍ଥିତ ପମ୍ପେଉ ଫାବ୍ରା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ଅଭିନବ ସମାଧାନ ବାହାର କରିଛନ୍ତି। ସେମାନେ ଉକ୍ତ ବୀଜାଣୁର ଗୁଣସୂତ୍ରରେ ସାମାନ୍ୟ ପରିବର୍ତ୍ତନ ଆଣି ଏକ ନୂତନ ପ୍ରଜାତିର 'କ୍ୟୁଟିବ୍ୟାକ୍ଟେରିଅମ୍ ଆକ୍‌ନିସ୍' ଉଦ୍ଭବ କରାଇଛନ୍ତି। ଏହି ନୂତନ ବୀଜାଣୁ ସିବମ କ୍ଷରଣକୁ ହ୍ରାସ କରାଇ ବ୍ରଣ ସୃଷ୍ଟିକୁ କମାଇପାରିବ। ତେବେ ଏହି ନୂଆ ପ୍ରଜାତିର ବୀଜାଣୁର ପରୀକ୍ଷା ନିରୀକ୍ଷା ମୂଷା ଚର୍ମ ଉପରେ ସଫଳ ହୋଇଥିବା ବେଳେ ମନୁଷ୍ୟ ଚର୍ମରେ ତାହାର ଅନୁକୂଳ ପ୍ରଭାବ ପାଇଁ ଗବେଷଣା ଜାରି ରହିଛି।

**ତ୍ୱଚାକୁ ସୁନ୍ଦର କରିବା ପାଇଁ ବ୍ୟବହୃତ ବୀଜାଣୁନାଶକ କ୍ରିମ୍ ଦ୍ୱାରା ଉପକାରୀ ବୀଜାଣୁମାନଙ୍କର ମଧ୍ୟ ମୃତ୍ୟୁ ଘଟିଥାଏ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବାର୍ସିଲୋନାସ୍ଥିତ ପମ୍ପେଉ ଫାବ୍ରା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ଅଭିନବ ସମାଧାନ ବାହାର କରିଛନ୍ତି।**



# ଏହି ସମୟରେ ଦାନ୍ତ ଘଷନ୍ତୁ ନାହିଁ

ସକାଳୁ ଉଠି ମୁହଁ ଧୋଇ ଦାନ୍ତ ଘଷିବା ଅଭ୍ୟାସ ଆମ ସମସ୍ତଙ୍କର ରହିଛି। କାରଣ ଆମେ ଖାଇ ସାରି ରାତିରେ ଶୋଇବା ପରେ ଆମ ପାଟିରେ ଥିବା ବୀଜାଣୁମାନେ ଶ୍ୱେତସାର ଜାତୀୟ ଖାଦ୍ୟକୁ ଭାଙ୍ଗି ଏକ ପ୍ରକାର ଅମ୍ଳରେ ପରିଣତ କରିଥା'ନ୍ତି। ଏହା ଆମ ଦାନ୍ତ ଉପରେ 'ପ୍ଲାକ୍' ନାମକ ଏକ ପ୍ରକାର ସ୍ତର ହୋଇ ବସିଯାଏ ଯାହା ଆମର ଦନ୍ତକ୍ଷୟର କାରଣ ସାଜିଥାଏ। ତେଣୁ ଦାନ୍ତର ସ୍ୱାସ୍ଥ୍ୟ ପାଇଁ ଦାନ୍ତ ଘଷିବା ନିହାତି ଆବଶ୍ୟକ। ତେବେ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଦାନ୍ତ ଘଷିବା କ୍ଷତିକାରକ ହୋଇଥାଏ।



- ଖାଇ ସାରି ସଙ୍ଗେ ସଙ୍ଗେ ଦାନ୍ତ ଘଷିବାକୁ ଦନ୍ତ ବିଶେଷଜ୍ଞମାନେ ବାରଣ କରିଥାନ୍ତି। କାରଣ ଖାଇବା ପରେ ଦାନ୍ତଗୁଡ଼ିକ ଅମ୍ଳୀୟ ହୋଇଯାଇଥାଏ। ସେହି ସମୟରେ ଦାନ୍ତ ଘଷିଲେ ଦାନ୍ତରୁ ଅଧିକ ପରିମାଣର ବାହ୍ୟ ଆବରଣ (ଏନାମେଲ୍) ଛାଡ଼ିଯାଇଥାଏ। ତେଣୁ ଖାଇବାର ଅତି କମ୍‌ରେ ୩୦ରୁ ୬୦ ମିନିଟ୍ ପରେ ଦାନ୍ତ ଘଷିବା ଉଚିତ। ଏହି ସମୟ ଭିତରେ ପାଟିର ଲାଳରସ ଉକ୍ତ ଅମ୍ଳକୁ ନିଷ୍କ୍ରିୟ କରିଦେଇଥିବ।



- ବାନ୍ତି କରିବା ପରେ ମଧ୍ୟ ଦାନ୍ତ ଘଷିବା ଅନୁଚିତ। କାରଣ ବାନ୍ତି ବେଳେ ପାକସ୍ଥଳୀରୁ ଉଚ୍ଚମାନର ଦନ୍ତ କ୍ଷୟକରୀ ଅମ୍ଳ ନିର୍ଗତ ହୋଇଥାଏ। ତେଣୁ ହଠାତ୍ ଦାନ୍ତ ଘଷିବା ଦ୍ୱାରା ତାହା ଦାନ୍ତ ସାରା ଖେଳାଇ ହୋଇଯିବା ସହ ଏନାମେଲ୍ କ୍ଷୟର କାରଣ ସାଜିବ। ତେଣୁ ବାନ୍ତି କରିବାର ଅଧଘଣ୍ଟାଏ ପରେ ଯାଇ ଦାନ୍ତ ଘଷିବା ଉଚିତ।
- କଫି ପିଇବା ପରେ ପରେ ଦାନ୍ତ ଘଷିବା କ୍ଷତିକାରକ। କାରଣ କଫି ପିଇବା ପରେ ପାଟି ଭିତରର ପିଏଚ୍ ସ୍ତର କମିଯାଇ ଏକ ଅମ୍ଳୀୟ ପରିବେଶ ସୃଷ୍ଟି କରିଥାଏ। ତେଣୁ ସଙ୍ଗେ ସଙ୍ଗେ ଦାନ୍ତ ଘଷିଲେ ଅନୁରୂପ ଭାବେ ଦନ୍ତକ୍ଷୟର ଆଶଙ୍କା ରହିଛି। ଏ କ୍ଷେତ୍ରରେ ମଧ୍ୟ ଅଧଘଣ୍ଟାଏ ପରେ ଦାନ୍ତ ଘଷିଲେ ଭଲ।

# କମୁଛି ମହିଳା-ପୁରୁଷ ଆୟୁଷ ବ୍ୟବଧାନ

ଭେଷଜ ବିଜ୍ଞାନର ବିକାଶ ସାଙ୍ଗକୁ ସାମଗ୍ରିକ ଭାବେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଘଟି ଆମମାନଙ୍କର ମୃତ୍ୟୁହାର କମିବା ସହ ହାରାହାରି ବୟସ ଯଥେଷ୍ଟ ବୃଦ୍ଧି ପାଇଛି। ଏକ ପରିସଂଖ୍ୟାନ ଅନୁଯାୟୀ, ୧୯୫୦ ମସିହା ବେଳକୁ ବିଶ୍ୱ ସ୍ତରରେ ମନୁଷ୍ୟର ହାରାହାରି ଜୀବନଧାରଣ କ୍ଷମତା ୪୬ରୁ ୪୮ ବର୍ଷ ରହିଥିବା ବେଳେ ୨୦୨୦ ମସିହା ବେଳକୁ ତାହା ସାଢ଼େ ୭୨ ବର୍ଷରୁ ୭୩ ବର୍ଷ ଯାଏ ହୋଇପାରିଛି। ତେବେ ପୁରୁଷ ଓ ମହିଳାଙ୍କ ଆୟୁଷ ମଧ୍ୟରେ ଏକ ବ୍ୟବଧାନ ରହିଆସିଛି। ଏହି ବ୍ୟବଧାନ ଏବେ କମିବାରେ ଲାଗିଛି ବୋଲି ଏକ ନୂଆ ଅଧ୍ୟୟନରୁ ଜଣାଯାଇଛି। ସ୍ପେନ୍‌ର ଆଲକାଲା ବିଶ୍ୱବିଦ୍ୟାଳୟର ଅର୍ଥନୀତି ଓ ବାଣିଜ୍ୟ ପରିଚାଳନା ବିଭାଗର ଗବେଷକମାନଙ୍କ ଦ୍ୱାରା ସଂପନ୍ନ ହୋଇଥିବା ଗବେଷଣାରେ ଉତ୍ତର ଆମେରିକା, ୟୁରୋପ, ଜାପାନ, ଅଷ୍ଟ୍ରେଲିଆ ଓ ନିଉଜିଲାଣ୍ଡ ଆଦି ୧୯୦ଟି ଦେଶର ଲୋକମାନଙ୍କ ହାରାହାରି ବୟସକୁ ବିଚାରକୁ ନେଇ ଏକ ତୁଳନାତ୍ମକ ଚିତ୍ର ପ୍ରସ୍ତୁତ କରାଯାଇଛି। ୧୯୯୦ ମସିହାରେ ମହିଳାମାନଙ୍କ ହାରାହାରି ବୟସ ୭୭.୧୭ ବର୍ଷ ରହିଥିବା ବେଳେ ପୁରୁଷମାନଙ୍କର ହାରାହାରି ବୟସ ୭୨.୨୩ ବର୍ଷ ଥିଲା। ତେବେ ୨୦୧୦ ମସିହା ବେଳକୁ ମହିଳାମାନଙ୍କର ହାରାହାରି ବୟସ ୮୩.୧୦ ବର୍ଷକୁ ବୃଦ୍ଧି ପାଇଥିବା ବେଳେ ପୁରୁଷମାନଙ୍କର ବୟସ ୭୮.୭୩ ବର୍ଷ ହୋଇଛି। ଅର୍ଥାତ୍ ହାରାହାରି ବୟସ ବ୍ୟବଧାନରେ ପ୍ରାୟ ୦.୨ ବର୍ଷ କମିଛି। ସେହିପରି ୨୦୩୦ ମସିହା ବେଳକୁ ମହିଳାମାନଙ୍କର ହାରାହାରି ଆୟୁଷ ୮୬.୫୪ ବର୍ଷ ଓ ପୁରୁଷମାନଙ୍କର ୮୩.୧୩ ବର୍ଷ ହେବ ବୋଲି ଆକଳନ କରାଯାଉଛି। ମହିଳାମାନଙ୍କର ହାରାହାରି ବୟସ ଅଧିକ ରହିଥିଲେ ହେଁ ପୁରୁଷଙ୍କ ତୁଳନାରେ ସେମାନଙ୍କର ମୃତ୍ୟୁହାର ଅଧିକ ରହୁଥିବାରୁ ବୟସ ବ୍ୟବଧାନ ଏପରି କମି ଆସୁଥିବା ଜଣାଯାଇଛି।

**୧୯୯୦ ମସିହାରେ ମହିଳାମାନଙ୍କ ହାରାହାରି ବୟସ ୭୭.୧୭ ବର୍ଷ ରହିଥିବା ବେଳେ ପୁରୁଷମାନଙ୍କର ହାରାହାରି ବୟସ ୭୨.୨୩ ବର୍ଷ ଥିଲା। ତେବେ ୨୦୧୦ ମସିହା ବେଳକୁ ମହିଳାମାନଙ୍କର ହାରାହାରି ବୟସ ୮୩.୧୦ ବର୍ଷକୁ ବୃଦ୍ଧି ପାଇଥିବା ବେଳେ ପୁରୁଷମାନଙ୍କର ବୟସ ୭୮.୭୩ ବର୍ଷ ହୋଇଛି। ଅର୍ଥାତ୍ ହାରାହାରି ବୟସ ବ୍ୟବଧାନରେ ପ୍ରାୟ ୦.୨ ବର୍ଷ କମିଛି।**



# ଡେରିରେ ଉଠିବା ଭଲ ଲକ୍ଷଣ!



ବଡ଼ି ଭୋରରୁ ଉଠି ନିତ୍ୟକର୍ମ ସାରିବା ଲାଗି ଆମେ ସର୍ବଦା ପିଲାମାନଙ୍କୁ ଉପଦେଶ ଦେଉ। ତେବେ ସକାଳୁ ସକାଳୁ ଶଯ୍ୟା ଛାଡ଼ିପାରୁନଥିବା ବ୍ୟକ୍ତିଙ୍କ ପାଇଁ ଏକ ଭଲ ଖବର ଆଣିଛନ୍ତି ଆମେରିକାର ମାସାଚ୍ୟୁସେଟ୍‌ସ ଜେନେରାଲ ହସ୍ପିଟାଲ୍‌ର ଦଳେ ଗବେଷକ। ସେମାନେ ଚଳାଇଥିବା ଅନୁଧ୍ୟାନ ଅନୁଯାୟୀ, ଯେଉଁମାନେ ସକାଳେ ଶୀଘ୍ର ଉଠିଥା'ନ୍ତି ସେମାନଙ୍କ ଠାରେ 'ଆନୋରେକ୍ସିଆ ନର୍ଭୋସା' ନାମକ ଏକ ପ୍ରକାର ଖାଦ୍ୟ ବିକାର ଦେଖାଦେବାର ଆଶଙ୍କା ଅଧିକ ଥାଏ। ଏଥି ସହିତ ନିଦ୍ରାହୀନତା (ଇନ୍‌ସୋମ୍ନିଆ) ସହିତ ଆନୋରେକ୍ସିଆ ନର୍ଭୋସା ମଧ୍ୟରେ ଥିବା ସଂଯୋଗ ବାବଦରେ ମଧ୍ୟ ଗବେଷକମାନେ ଜାଣିପାରିଛନ୍ତି। ପୂର୍ବ ଗବେଷଣାରୁ ଖାଦ୍ୟ ବିଶୃଙ୍ଖଳା ଓ ଶରୀରର ଆଭ୍ୟନ୍ତରୀଣ ଘଣ୍ଟା ବା 'ସର୍କାଡିଆନ୍ କ୍ଲକ୍' ମଧ୍ୟରେ ସଂଯୋଗ ଥିବା କଥା ସ୍ପଷ୍ଟ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଏହି ସର୍କାଡିଆନ୍ କ୍ଲକ୍ ହିଁ ଶରୀରର ନିଦ୍ରା ସମେତ ଅନେକ ଜୈବିକ କ୍ରିୟାକୁ ନିୟନ୍ତ୍ରଣ କରିଥାଏ। ଗବେଷକମାନେ ଆନୋରେକ୍ସିଆ ନର୍ଭୋସା ସହ ଜଡ଼ିତ ଗୁଣସୂତ୍ର ଓ ମର୍ନିଂ କ୍ରୋନୋଟାଇପ୍ (ରାତିରେ ଶୀଘ୍ର ଶୋଇ ସକାଳେ ଶୀଘ୍ର ଉଠିବା) ସହ ଜଡ଼ିତ ଗୁଣସୂତ୍ର ମଧ୍ୟରେ ଏକ ଦ୍ୱିପାକ୍ଷିକ ସମ୍ପର୍କର ସନ୍ଧାନ କରିପାରିଛନ୍ତି। ତାହାକୁ ବିଶ୍ଳେଷଣ କଲା ପରେ ଇନ୍‌ସୋମ୍ନିଆ ସହ ଜଡ଼ିତ ଗୁଣସୂତ୍ର ମଧ୍ୟ ଏଥିରେ ସଂପୃକ୍ତ ଥିବା ଜଣାପଡ଼ିଥିଲା। ବର୍ତ୍ତମାନ ସୁଦ୍ଧା ଆନୋରେକ୍ସିଆ ନର୍ଭୋସା ପରି ରୋଗର କାରଣ ସଠିକ୍ ଭାବେ ଜଣାପଡ଼ିନଥିବା ବେଳେ ଏହାର ଚିକିତ୍ସା ମଧ୍ୟ ସୀମିତ। ସେହିପରି ବିଭିନ୍ନ ପ୍ରକାର ମାନସିକ ରୋଗରେ ମୃତ୍ୟୁବରଣ କରୁଥିବା ରୋଗୀଙ୍କ ମଧ୍ୟରେ ଆନୋରେକ୍ସିଆ ନର୍ଭୋସା ରୋଗୀଙ୍କ ସଂଖ୍ୟା ଦ୍ୱିତୀୟ ସର୍ବାଧିକ। ତେଣୁ, କେହି ଯଦି ସ୍ୱତଃପ୍ରବୃତ୍ତ ଭାବେ ସକାଳେ ବିଳମ୍ବରେ ଉଠୁଛି, ତେବେ ତାହାକୁ ପରୋକ୍ଷରେ ଏକ ସୁସ୍ଥ ଅବସ୍ଥା ବୋଲି ଭାବିବାକୁ ପଡ଼ିବ।

# ସମସ୍ୟାରେ ଏକଲା ସନ୍ତାନ



ଆମେ ଦୁଇ ଆମର ଦୁଇ'- ଏହି ସ୍ଲୋଗାନ୍ ୧୯୫୪ ମସିହାରେ ଭାରତରେ ବେଶ୍ ଚହଳ ପକାଇଥିଲା। ଚାଇନା ପରେ ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ହୋଇଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ 'ଜାତୀୟ ପରିବାର ନିୟୋଜନ କାର୍ଯ୍ୟକ୍ରମ' ଆରମ୍ଭ ହୋଇଥିଲା। ଦମ୍ପତିଙ୍କୁ ସନ୍ତାନସନ୍ତତି ସଂଖ୍ୟା ଦୁଇରେ ସୀମିତ ରଖିବାକୁ ସରକାର ଆହ୍ୱାନ କରିଥିଲେ। କିନ୍ତୁ ସମୟକ୍ରମେ ଆଧୁନିକତା, ଆର୍ଥିକସ୍ଥିତି ଓ ଶିକ୍ଷା ଖର୍ଚ୍ଚରେ ବ୍ୟାପକ ବୃଦ୍ଧି ଯୋଗୁଁ ଏବେ ଏହା 'ଆମେ ଦୁଇ ଆମର ଏକ'କୁ ସଂକୁଚିତ ହୋଇଛି। ଆଜିକାଲି ଅଧିକାଂଶ ଦମ୍ପତି ନିଜର ପୁଅ ହେଉ ବା ଝିଅ, ଗୋଟିଏ ସନ୍ତାନରେ ସନ୍ତୁଷ୍ଟ ରହୁଛନ୍ତି। ତେବେ ଏହି ଚିନ୍ତାଧାରାକୁ ଲାଗିଛି ଧକ୍କା। ଏକଲା ସନ୍ତାନମାନେ ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତଥ୍ୟ କହେ, ଓଡ଼ିଶାରେ ୩.୨ ପ୍ରତିଶତ ପିଲା ଏହି ସମସ୍ୟାର ଶିକାର। ଦେଖାଯାଉଛି, ସନ୍ତାନଟି ଅତ୍ୟଧିକ ସ୍ନେହ-ଶ୍ରଦ୍ଧା ପାଇ ଜିଦିଆ ହୋଇଯାଉଛି। ଆଉ ଦାବି ମୁତାବକ ଜିନିଷ ନମିଳିଲେ ବିରକ୍ତ ଓ କ୍ରୋଧିତ ହେଉଛି। ବୟସ ବଢ଼ିବା ସହ ଏହା କ୍ରମଶଃ ଉଗ୍ରରୂପ ଧାରଣ କରୁଛି। ଏଣୁ ବାପା-ମା'ଙ୍କୁ ଛୋଟ ବୟସରୁ ସନ୍ତାନକୁ ଅନୁଧ୍ୟାନ କରି ସାମାଜିକ ସମ୍ପର୍କ ବଢ଼ାଇବା, ତାର ଅବାଞ୍ଛିତ ଚାହିଦାକୁ ପ୍ରଶ୍ରୟ ନଦେବା ଏବଂ ଛୋଟ ଛୋଟ କଥାରେ ନ ରାଗି ସ୍ନେହରେ ବୁଝାଇବା ଆବଶ୍ୟକ। ଏକଲା ସନ୍ତାନଙ୍କ ଏହି ସମସ୍ୟକୁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ 'ଡିପେଣ୍ଡାନ୍ସି ସିଣ୍ଡ୍ରୋମ୍' ଭାବେ ଅଭିହିତ କରିଛି। ଶାରୀରିକ ଓ ମାନସିକ ବିକାଶ ଜନିତ ସମସ୍ୟା, ନିଦ୍ରାହୀନତା, ମେଦବହୁଳତା, କଥା କହିବାରେ ଅସୁବିଧା, ଦୃଷ୍ଟିଶକ୍ତିରେ ସମସ୍ୟା, ଚିଡ଼ିଚିଡ଼ାପଣ ଆଦି ଏହାର ଅନ୍ତର୍ଗତ।

### ପିଲାକୁ ନା' କହିବା ଶିଖନ୍ତୁ



ଗୋଟିଏ ସନ୍ତାନ ହେବା ଦ୍ୱାରା ବାପା-ମା'ଙ୍କର ଗେହ୍ଲା ଓ ଭଲପାଇବା ବଢ଼ିଯାଏ, ଫଳରେ ପିଲାଟି ମନରୁ ଡର ଛାଡ଼ିଯାଏ। ସେମାନଙ୍କର ଜିଦି ବଢ଼େ। ଜିଦି ନ ରହିଲେ ଚିଡ଼ିଚିଡ଼ାପଣ ଆସେ। ପୁଣି ସମବୟସ୍କ ଖେଳସାଥୀ ନଥିବାରୁ ଏକଲାପଣ ବଢ଼ିଯାଏ। ଛୋଟ ଛୋଟ କଥାରେ ବିଚଳିତ ହେବା ବଢ଼ିଯାଏ ଓ ସହନଶୀଳତା କମିଯାଏ। ଦୁଇଟି ସନ୍ତାନ ଥିଲେ ସେମାନଙ୍କ ଭିତରେ ଏକ ସ୍ନେହର ବନ୍ଧନ ଥାଏ। ଯାହାଦ୍ୱାରା ଜଣେ ଜଣଙ୍କର ଯତ୍ନ ନେବା, ଭୁଲ୍ ଠିକ୍ ବୁଝାଇବା ଏବଂ ଜଣେ ଜଣଙ୍କୁ ଅନୁକରଣ କରି ସବୁ ଶିଖିଯାଏ। କିନ୍ତୁ ଏକଲା ରହିବା ଦ୍ୱାରା ତା'ର ବ୍ୟକ୍ତିତ୍ୱରେ ବିକାଶ ହୋଇପାରେ ନାହିଁ। ଫଳରେ ମାନସିକ ଚାପ ବଢ଼ିବା ସହିତ ପ୍ରତ୍ୟେକ ଜିନିଷରେ ଅଧିକ ଆଶା ରହିଥାଏ। ସେଥିପାଇଁ ଛୋଟବେଳୁ ସେମାନଙ୍କ ସବୁ କଥାରେ 'ହଁ' ନ ଭରି ଆବଶ୍ୟକ ସ୍ଥଳେ ନା' କହିବା ନିହାତି ଦରକାର।

**ଡାକ୍ତର ତନ୍ମୟିନୀ ଦାସ, ମାନସିକରୋଗ ବିଶେଷଜ୍ଞ, ମେଣ୍ଟାଲ୍ ହେଲ୍‌ଥ ଇନ୍‌ଷ୍ଟିଚ୍ୟୁଟ୍, ଏସ୍‌ସିବି ମେଡିକାଲ୍ କଲେଜ୍, କଟକ**

### ପିଲାଙ୍କ ସହିତ ପିଲା ହେବାକୁ ପଡ଼ିବ



କର୍ମମୟ ଜୀବନରେ ଆଜିକାଲି ବାପା ମା'ମାନେ ଗୋଟିଏ ସନ୍ତାନରେ ସନ୍ତୁଷ୍ଟ ରହୁଛନ୍ତି। ଫଳରେ ପିଲାଟି ସାମାଜିକ ବନ୍ଧନରୁ ଦୂରେଇଯାଏ। ତା' ଭିତରେ ବିରକ୍ତି ଓ କ୍ରୋଧ ବଢ଼ିଥାଏ। ସେଥିପାଇଁ ଆମେ ପିଲାଟିକୁ ତା' ସ୍ତରକୁ ଯାଇ ବୁଝିବା ଦରକାର। ଏକଲା ରହିବାଦ୍ୱାରା ତା' ଭିତରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦିଏ। ସେ ନିଜ କଥା ଅନ୍ୟ ଆଗରେ ପରିପ୍ରକାଶ କରିପାରେନାହିଁ, ବିରକ୍ତି ପ୍ରକାଶ କରେ। ଫଳରେ ପିଲାଟି ଅବସାଦଗ୍ରସ୍ତତା ଆଡ଼କୁ ଗତି କରେ। ଶିଶୁ ଓ କିଶୋରଙ୍କ ଭିତରେ ଦୁଃଖ, କ୍ରୋଧ, ସ୍ନେହ, ନିଃସଙ୍ଗତା, ହତାଶାବୋଧ ସବୁ ରହିଛି। ଏ ସବୁକୁ ନେଇ ସେମାନେ ବେଶ୍ ଭାବପ୍ରବଣ। ତେଣୁ ସେମାନେ କିପରି ସକାରାତ୍ମକ ହେବେ ସେଥିପ୍ରତି ଅଭିଭାବକମାନେ ଧ୍ୟାନ ଦେବା ଦରକାର।

**ଡାକ୍ତର ବିଭୁଦତ୍ତ ମିଶ୍ର, ଶିଶୁରୋଗ ବିଶେଷଜ୍ଞ, ଜଗନ୍ନାଥ ହସ୍‌ପିଟାଲ୍, ଭୁବନେଶ୍ୱର**

# ନିଦ ନ ଆସୁଥିଲେ...

ସନ୍ତୁଳିତ ଖାଦ୍ୟ ଖାଇବା ଓ ନିୟମିତ ପରିଶ୍ରମ କରିବା ପରି ପ୍ରତ୍ୟହ ଭଲରେ ନିଦ୍ରା ଯିବା ମଧ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ଶୋଇବା ଓ ନିର୍ଦ୍ଦିଷ୍ଟ ସମୟରେ ଉଠିବା ହିଁ ଉନ୍ନତ ନିଦର ଲକ୍ଷଣ। ଭଲରେ ନିଦ ନହେଲେ କୌଣସି କାମରେ ଧ୍ୟାନ କେନ୍ଦ୍ରୀଭୂତ କରିବାରେ ସମସ୍ୟା ହୋଇଥାଏ, କ୍ରୋଧ ଓ ମାନସିକ ଚାପ ବଢ଼ିଯାଇଥାଏ। ଦୁର୍ବଳ ନିଦ ସ୍ମରଣ ଶକ୍ତି ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଥାଏ। ଉଲ୍ଲେଖଯୋଗ୍ୟ, ଶରୀରର ଆଭ୍ୟନ୍ତରୀଣ ଘଣ୍ଟା ବା 'ସର୍କାଡିଆନ୍ କ୍ଲକ୍'ରେ ବ୍ୟତିକ୍ରମ ଦେଖାଗଲେ ଏପରି ହୋଇଥାଏ ଏବଂ ତାହା ନାନା ପ୍ରକାର ଶାରୀରିକ ବ୍ୟତିକ୍ରମକୁ ଆମନ୍ତ୍ରଣ କରିଥାଏ। କିପରି ଭଲରେ ନିଦ୍ରା ଯାଇ ଏହି ଶରୀର ଘଣ୍ଟାକୁ ଯଥାସାଧ୍ୟ ଧାରାରେ ପକାଯାଇପାରିବ ସେ ବାବଦରେ ବିଶେଷଜ୍ଞଙ୍କର କିଛି ପରାମର୍ଶ ବିଷୟରେ ଆଲୋଚନା କରିବା। ପ୍ରଥମତଃ ଏକ ଶାନ୍ତ, ଝାପ୍‌ସା ଅନ୍ଧାର ତଥା ଥଣ୍ଡା ପରିବେଶ ସଂପନ୍ନ ଶୋଇବା ଘର ହିଁ ନିଦ୍ରାରେ ଉନ୍ନତି ଆଣିବାରେ ସହାୟକ ହୋଇଥାଏ। ନିଦ ପାଇଁ ଦାୟୀ ମେଲାଟୋନିନ୍ ନାମକ ହର୍ମୋନ୍‌ର କ୍ଷରଣ ନୀଳ ଆଲୋକ ଦ୍ୱାରା ପ୍ରଭାବିତ ହେଉଥିବା ଜଣାଯାଇଛି। ତେଣୁ ଶୋଇବା ପୂର୍ବରୁ ଟିଭି, ଫୋନ୍ ଦେଖିବା ଅନୁଚିତ। ଶାରୀରିକ ବ୍ୟାୟାମ ବା ପରିଶ୍ରମ ମଧ୍ୟ ଭଲ ନିଦ ସୃଷ୍ଟିରେ ସହାୟକ ହୋଇଥାଏ। ମାତ୍ର ଶୋଇବାର ଠିକ୍ ପୂର୍ବରୁ କୌଣସି ପ୍ରକାର ବ୍ୟାୟାମ କରିବା ଆଦୌ ଗ୍ରହଣୀୟ ନୁହେଁ। ସେହିପରି ଶୋଇବା ପୂର୍ବରୁ ଭାରୀ ଭୋଜନ, କ୍ୟାଫିନ୍ କି ମଦ୍ୟପାନ ମଧ୍ୟ ନିଦ୍ରା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ମଦ୍ୟପାନ ପରେ ନିଦ ଆସିଲେ ମଧ୍ୟ ତାହା ଉନ୍ନତ ନିଦ୍ରା ପଦବାଚ୍ୟ ନୁହେଁ। ସେହିପରି ନିଦ ନ ଆସୁଥିଲେ ନିଜକୁ ଭଲ ଲାଗୁଥିବା ସଂଗୀତ ଶ୍ରବଣ କଲେ ମଧ୍ୟ ଭଲ ନିଦ ଆସିଥାଏ।

**ଭଲରେ ନିଦ ନହେଲେ କୌଣସି କାମରେ ଧ୍ୟାନ କେନ୍ଦ୍ରୀଭୂତ କରିବାରେ ସମସ୍ୟା ହୋଇଥାଏ, କ୍ରୋଧ ଓ ମାନସିକ ଚାପ ବଢ଼ିଯାଇଥାଏ। ଦୁର୍ବଳ ନିଦ ସ୍ମରଣ ଶକ୍ତି ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଥାଏ।**



### ଅସ୍ତରଙ୍ଗରେ କାଳବୈଶାଖୀ ପ୍ରଭାବ

# ବିଳମ୍ବିତ ହେବ ଆମ୍ବ ଉତ୍ପାଦନ



**ଗଛରୁ ଆମ୍ବ ଝଡି ପଡୁଥିବାରୁ ଚିନ୍ତାରେ ଚାଷୀ**

**ବଜାରରେ ବେଙ୍ଗାଲୁର ଓ କୋଲକାତା ଆମ୍ବର ରାଜୁତି**

**କାକଟପୁର/ଅସ୍ତରଙ୍ଗ,୪।୫ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ଫଳରେ ମାର୍ଚ୍ଚ ଶେଷ ଓ ଅପ୍ରେଲ ମାସ ଦ୍ୱିତୀୟ ସପ୍ତାହ ଆଡକୁ ଆମ୍ବ ଅମଳ ହେବାକୁ ଥିବା ବେଳେ ବେଶ କିଛିଦିନ ଗଡିଗଲାଣି ଏବେ ଯାଏ ଅମଳ ହୋଇନାହିଁ। ଏହା ଆହୁରି ବିଳମ୍ବ ହେବା ନେଇ ଆଶଙ୍କା କରାଯାଉଛି। ଅନ୍ୟ ପକ୍ଷରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ରାସାୟନିକ ସ୍ପ୍ରେ ଓ କାର୍ବାଇଟି ଦିଆ କୋଲକାତା ଓ ବେଙ୍ଗାଲୁର ଆମ୍ବ ବିକ୍ରି ବଢ଼ିବାରେ ଲାଗିଛି। ଆମ୍ବ ଉତ୍ପାଦନ ପାଇଁ ଉପକୂଳବର୍ତ୍ତୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ଗାଁରେ ପ୍ରତ୍ୟେକ ବର୍ଷ ଭଲ ଆମ୍ବ ହୁଏ। ତଥ୍ୟ ଅନୁଯାୟୀ ୨୦୨୧ମସିହାରେ ଅସ୍ତରଙ୍ଗ ବ୍ଲକରେ ୫ଟନ ରୁ ୧୦ଟନରେ ଆମ୍ବ ଉତ୍ପାଦନ ହୋଇଥିବା ବେଳେ ଚଳିତ ବର୍ଷ ଭଲ ଉତ୍ପାଦନ ହେବ ବୋଲି ଆଶା ହୋଇଥିଲା। ଏପ୍ରିଲ ମାସ ଦ୍ୱିତୀୟ ସପ୍ତାହରେ ଆମ୍ବ ଅମଳ ହେବା ଆଶା କରାଯାଉଥିବା ବେଳେ ତାହା ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ପଶ୍ଚିମାଝଡ଼ ଅବା କାଳ ବୈଶାଖୀ ପ୍ରଭାବରେ ଏହା ବିଳମ୍ବିତ ହେଉଥିବା ବେଳେ ଉତ୍ପାଦନ ମଧ ହ୍ରାସ ପାଇବାର ଆଶଙ୍କା ରହିଛି। ଅସ୍ତରଙ୍ଗ ଅଞ୍ଚଳ ଜଣେ ଚାଷୀ ରମେଶ ମହାନ୍ତି କହିଛନ୍ତ "ଗତବର୍ଷ ବଗିଚାରୁ ୫୦କୁଇଣ୍ଟାଲ ଆମ୍ବ ବିକ୍ରି ହୋଇଥିଲା। କିନ୍ତୁ ଏ ବର୍ଷ କାଳ ବୈଶାଖୀ ଝଡ଼ ଯୋଗୁଁ ଅଧା ଉତ୍ପାଦନ ମଧ ହେବ କି ନାହିଁ ସନ୍ଦେହ।

ଏ ସମ୍ପର୍କରେ କୃଷି ବିଭାଗର କର୍ମଚାରୀ କହିଛନ୍ତି, ପଶ୍ଚିମାଝଡ଼ ଅବା କାଳ ବୈଶାଖୀ ଯୋଗୁଁ ଆମ୍ବ ଗଛରେ ଫୁଲ ଓ ଛୋଟ ଫଳ ଝଡି ପଡୁଛି। ଏହାକୁ ରୋକିବା ପାଇଁ କୃଷକ ମାନଙ୍କୁ ନିୟମିତ ଜଳସେଚନ ଓ ପୋକମାକଡା ନିୟନ୍ତ୍ରଣ ପାଇଁ ଔଷଧ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିବା ସେ କହିଛନ୍ତି। ତେବେ ଅନେକ କୃଷକ ଏହି ପାଗ ପରିବର୍ତ୍ତନ ଯୋଗୁଁ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାର ଆଶଙ୍କା କରୁଛନ୍ତି।

ଅନ୍ୟ ପକ୍ଷରେ ସ୍ଥାନୀୟ ବଜାରରେ ବେଙ୍ଗାଲୁର ଓ କୋଲକାତା ଆମ୍ବର ଆଦୃତ୍ତି ଅଧିକ ଥିବା ଦେଖିବାକୁ ମିଳିଛି। ବେଙ୍ଗାଲୁର ଆମ୍ବ ଆକାରରେ ଛୋଟ ଓ ମିଠା ସ୍ୱାଦ ଯୋଗୁଁ ଗ୍ରାହକଙ୍କ ମନ ଜିଣୁଛି। ସେହିପରି କୋଲକାତା ଆମ୍ବର ବଡ଼ ଆକାର ଓ ରସାଳ ହେବା କାରଣରେ ବଜାରରେ ଏହାର ଚାହିଦା ରହିଥିବା ବ୍ୟବସାୟୀ କହିଛନ୍ତି। ତେବେ ଅସ୍ତରଙ୍ଗ ବ୍ଲକରେ ଆମ୍ବ ଉତ୍ପାଦନ ହ୍ରାସ ପାଇଲେ ଚଢ଼ା ଦର ରହିବା ନେଇ ବ୍ୟବସାୟ ମାନେ ଆଶଙ୍କା ପ୍ରକାଶ କରିଛନ୍ତି।

# ବରପାଲି ସାଇଡିଂରେ ବିଜେଡି ବିଧାୟକ ପ୍ରତିନିଧି ମଣ୍ଡଳୀ



**ସୁନ୍ଦରଗଡ,୪।୫ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ହେମଗିରି ଥାନା ବରପାଲି ରେଲୱେ ସାଇଡ଼ିଂକୁ ବନ୍ଦ କରିବା ଦାବୀ ନେଇ ଗ୍ରାମବାସୀ ଏବଂ ସୁନ୍ଦରଗଡ ବିଧାୟକ ଯୋଗେଶ ସିଂ ଧାରଣା ପ୍ରଦର୍ଶନ କରୁଥିବା ବେଳେ ଗତକାଲି ସଂଧାରେ ସଦର ଉପ ଜିଲ୍ଲାପାଳଙ୍କ ଉପସ୍ଥିତିରେ ବିଧାୟକ ଯୋଗେଶ ସିଂ ଓ ୯୫ ଜଣ ପୁରୁଷ ମହିଳାଙ୍କୁ ଆନ୍ଦୋଳନ ସ୍ଥଳରୁ ଜୋର ଜବରଦସ୍ତି ଉଠାଇ ନେବା ପରେ ପ୍ରାୟ ୮ ଘଣ୍ଟା ପରେ ରାତି ପ୍ରାୟ ୨ଟା ସମୟରେ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିଲା। ଏହା ପରେ ରାଜ୍ୟ ବିଜେଡି କାର୍ଯ୍ୟାଳୟରେ ବରିଷ୍ଠ ନେତାମାନେ ଗିରଫଦାରିକୁ ଘୋର ନିନ୍ଦା କରିଥିଲେ। ଏହାପରେ ରବିବାର ଦିନ ବିଜେଡି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ବରପାଲି ଗ୍ରାମରେ ପହଂଚିଛନ୍ତି ବିଜେଡି ବିଧାୟକ ପ୍ରତିନିଧି ମଣ୍ଡଳୀ।

ଏହି ବିଧାୟକ ମଣ୍ଡଳୀରେ ରେଙ୍ଗାଲୀ ବିଧାୟକ ସୁଦର୍ଶନ ହରିପାଲ, ଦେବଗଡ ବିଧାୟକ ରୋମାଞ୍ଚ ବିଶ୍ୱାଳ , ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଶାନଙ୍କ ସହ ବହୁ ବିଜେଡି ବରିଷ୍ଠ ନେତା ଘଟଣା ସ୍ଥଳରେ ପହଂଚି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ରେଲୱେ ସାଇଡିଙ୍ଗ ବୁଲି ଦେଖିଛନ୍ତି । ବରପାଲି ଗ୍ରାମରେ ଏହି ସାଇଡିଙ୍ଗ ଜନ ବସତି ପାଖରେ ଥିବା ସ୍କୁଲ ଓ ଖେଳପଡିଆ ନିକଟରେ ଥିବାରୁ ଏହାକୁ ଗ୍ରାମବାସୀମାନେ ବିରୋଧ କରିବା ସହ ଗତ ଫେବୃଆରୀ ମାସ ୪ ତାରିଖରୁ ଧାରଣାରେ ବସି ରହିଛନ୍ତି। ଏହି ମାମଲାର ଶୁଣାଣି ଆସନ୍ତା ଜୁନ ମାସ ୨୫ ତାରିଖରେ ହାଇକୋର୍ଟରେ ହେବାକୁ ଥିବା ବେଳେ ଶନିବାର କୋଇଲା ପରିବହନକୁ ସ୍ଥାନୀୟ ବିଧାୟକ ଓ ଗ୍ରାମବାସୀମାନେ ବିରୋଧ କରିଥିଲେ ଯାହାକୁ ନେଇ ଉତ୍ତେଜନା ମୂଳକ ପରିସ୍ଥିତି ଦେଖା ଦେଇଥିଲା। ପରେ ୫ ପ୍ଲାଟୁନ ପୋଲିସ ଫୋର୍ସ, ଅତିରିକ୍ତ ଏସପି, ଏସଡିପିଓ, ସଦର ଉପ ଜିଲ୍ଲାପାଳ, ହେମଗିରି ତହସିଲଦାର ପହଞ୍ଚି ଧାରଣାକୁ ବେଆଇନ ଦର୍ଶାଇ ବିଧାୟକ ଏବଂ ଗ୍ରାମବାସୀଙ୍କୁ ଉଠାଇ ନେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ରାଜ୍ୟ ସଭାପତିଙ୍କୁ ସେମାନଙ୍କ ରିପୋର୍ଟ ଦେବେ। ଏଠାକାର ଅଧିବାସୀଙ୍କ ସୁରକ୍ଷା ତଥା ନାର୍ଯ୍ୟ ଦାବି ସହ ଆଗାମୀ ଦିନରେ ଏହି କୋଇଲା ପରିବହନ ବନ୍ଦ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ। ଦରକାର ପଡିଲେ ଓଡ଼ିଶାର ୫୧ ବିଧାୟକ ଜେଲ ଯିବୁ ବୋଲି କହିଛନ୍ତି ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ।

## କଣାସ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**କଣାସ,୪।୫ (ସଂଚାର ବ୍ୟୁରୋ):** ଲୋକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଚଳିତ ବର୍ଷ କଣାସ ମହୋତ୍ସବ ହେବା ପାଇଁ ପ୍ରସ୍ତୁତି ବୈଠକ ଗତକାଲି ସଂନ୍ଧ୍ୟାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ସ୍ଥାୟୀ ସଭାପତି ସୁବାଷ ଚନ୍ଦ୍ର ଗଜେନ୍ଦ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସୁବର୍ଣ୍ଣ କେଶରୀ ବଳିୟାରସିଂହ, କୋଷାଧକ୍ଷ ସୁକାନ୍ତ କିଶୋର ସାମନ୍ତରାୟ, କର୍ମକର୍ତ୍ତା ଶିକ୍ଷାବିତ କସ୍ତୁରୀ ଚରଣ ଚମ୍ପତି, ସମାଜସେବୀ ଶ୍ରୀକାନ୍ତ ପଟ୍ଟ ଯୋଷୀ, ସାମ୍ବାଦିକ କୃପାସିନ୍ଧୁ ବିଶ୍ୱାଳ, ଶିକ୍ଷାବିତ ସାରଥୀ ଜେନା ପ୍ରମୁଖ ଯୋଗଦେଇ ଚଳିତ ବର୍ଷ କଣାସ ମହୋତ୍ସବକୁ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।



### ବିଜେପିର ମିଶ୍ରଣ ପର୍ବ

## ଯୋଗଦେଲେ ୪୦ରୁ ଊର୍ଦ୍ଧ୍ୱ କର୍ମୀ

**ବାଲିପାଟଣା,୪।୫ (ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ଆଳିଶି ଶାସନ ଗ୍ରାମ ପଂଚାୟତରେ ବିଜେପି ତରଫରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ପୂର୍ବତନ ସରପଞ୍ଚ ବିରଞ୍ଚି ଭୋଇ ଓ ସମିତି ସଭ୍ୟା ଗୀତା ଭୋଇ ଙ୍କ ସମେତ ଶତାଧିକ ବିଭିନ୍ନ ଦଳର କର୍ମୀ ଓ ନିକଟସ୍ଥ ମକୁନ୍ଦାସପୁର ଗ୍ରାମ ପଞ୍ଚାୟତର ୪୦ ରୁ ଅଧିକ ମୁସଲିମ ମହିଳା ଓ ପୁରୁଷ ବିଜେପି ର ନୀତି ଓ ଆଦର୍ଶ ରେ ଅନୁପ୍ରାଣିତ ହୋଇ ଦଳରେ ଯୋଗଦେଇଥିଲେ।ଏହି ମିଶ୍ରଣ ପର୍ବରେ ବ୍ଲକ ସଭାପତି ନାରାୟଣ ଖୁଣ୍ଟିଆ, ସାଂସଦଙ୍କ ପ୍ରତିନିଧି ଦ୍ୱାରିକାନାଥ ଚୌଧୁରୀ, ପୂର୍ବତନ ବ୍ଲକ ଅଧକ୍ଷ ଶଶିଭୂଷଣ ପାତ୍ର, ସାଂସଦ ଙ୍କ ବ୍ୟକ୍ତିଗତ ସଚିବ ପୂର୍ବତନ ପ୍ରଶାସକ ଅଶୋକ ପଟ୍ଟନାୟକ,ବରିଷ୍ଠ ବିଜେପି ନେତା ବସନ୍ତ କୁମାର ନାୟକ, ମାଗୁଣି ଚରଣ ସେଠୀ, ଶିବ ମଲ୍ଲିକ, ତାପସ ଜେନା ପ୍ରମୁଖ ଯୋଗ ଦେଇ ଏହାଦ୍ୱାରା ଦଳ ଅଧିକ ମଜବୁତ୍ ହେବ ବୋଲି କହିଥିଲେ। ପ୍ରାରମ୍ଭ ରେ ଜଗବନ୍ଧୁ ଜେନା ସ୍ୱାଗତ ଭାଷଣ ଦେବାପରେ ପୂର୍ବତନ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଗୋପୀନାଥ ଯୁବ ସଂଘ ତରଫରୁ ଆୟୋଜିତ ଏହି ସମାବେଶ ରେ ସଂଘ ର ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର ସ୍ଥାନୀୟ ଅଞ୍ଚଳ ରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସାଂସଦ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ସାଂସଦ ତାଙ୍କ ଅଭିଭାଷଣରେ ଏକ ଗୋଷ୍ଠୀ କେନ୍ଦ୍ର ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ଘୋଷଣା କରିବା ସହିତ ୫ଗୋଟି ମୌଳିକ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଛାତ ଘର,ପିଇବା ପାଣି,ବିଜୁଳି ବତୀ, ଶୌଚାଳୟ ଓ ରୋଷେଇ ପାଇଁ ଗ୍ୟାସ ସିଲିଣ୍ଡର ଯୋଗାଇ ଦେବା ତାଙ୍କର ପ୍ରଥମ କର୍ତ୍ତବ୍ୟ ହେବ ବୋଲି କହିଥିଲେ। ଦୁଷ୍ମନ୍ତ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।



### ବ୍ୟାସନଗର ପୌରାଞ୍ଚଳର ଉନ୍ନତି ଲାଗି କୋରେଇ ବିଧାୟକଙ୍କୁ ଭେଟିଲେ କାଉନସିଲର

**ଯାଜପୁର ରୋଡ଼,୪।୫ (ସଂଚାର ବ୍ୟୁରୋ):** ବ୍ୟାସନଗରର ପୌର ପରିଷଦର ଅଧକ୍ଷା ପଦ ଆସନକୁ ବିଜେଡି ପ୍ରାର୍ଥିନୀ ଦଖଲ କରିନେଇଥିଲେ। କିନ୍ତୁ ଏହାରି ଭିତରେ ୫ ବର୍ଷନପୁରୁଣୁ କିଛି ଦିନ ହେଲା ଅନାସ୍ଥା ଭୋଟିଂ ଓ ଏହି ପଦ ଆସନର ଦାୟିତ୍ୱଭାର ମଧ ପରିବର୍ତ୍ତନ ସରିଛି। ତେଣୁ ଏପରି ରାଜନୀତିର ପାଣିପାଗକୁ ଅଂଚଳର ବୁଦ୍ଧିଜୀବୀ, ରାଜନୈତିକ ସମୀକ୍ଷକ ମାନେ ଦେଖି ଆଗକୁ ବଡ଼ ଧରଣର ଏକ ରାଜନୈତିକ ପରିବର୍ତନ ହେବ ବୋଲି ଆକଳନ କରୁଥିବା ବେଳେ ଏହାରି ଭିତରେ କିଛି କାଉନସିଲରମାନେ କୋରେଇ ବିଧାୟକ ଆକାଶ ଦାସନାୟକଙ୍କୁ ଭେଟି ସହରର ବିକାଶ ବାବଦରେ ଆଲୋକପାତ କରିଥିବା ବିଷୟ ଏବେ ବ୍ୟାସନଗର ରାଜନୀତିରେ ଝଡ଼ ସୃଷ୍ଟି କରିଛି। ଏହି କାଉନସିଲର ମାନଙ୍କ ମଧରେ ବିଜେପି ପାରିଷଦର ରଶ୍ମିତା ରାଉତଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର, ବିଜେଡ଼ିର ଅଶୋକ ରାଉତ, ମଣିନ୍ଦ୍ର ସାହୁ, ଟୁନିଆ ନାୟକ, ସରୋଜୀ ସେଠୀଙ୍କ ପ୍ରତିନିଧି ବିଶ୍ୱନାଥ ଏବଂ କଂଗ୍ରେସର ଭରତ ଓଝା ପ୍ରମୁଖ ପୌର ସହରର ବିକାଶ ଓ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିବା ଶୁଣାଯାଉଛି। ତେବେ ବିଧାୟକ ଶ୍ରୀଦାସନାୟକ'ଙ୍କ ସହ ଏଇ କିଛି କାଉନସିଲର ମାନଙ୍କ ଭେଟଘାଟ ପୌର ଅନାସ୍ଥା ସପକ୍ଷ ଭୋଟିଂ ସମୟରେ ବହୁମତ ହାସଲ କରିନେଇଥିବା ପୌର କାଉନସିଲର ମାନଙ୍କୁ ଆଗକୁ ଚେକ୍ ଦେବା ପାଇଁ ରାଜନୈତିକ ରଣନୀତି ବ୍ୟବସ୍ଥା ପ୍ରସ୍ତୁତିର ଶୁଭାରମ୍ଭ ହେଉଛି ବୋଲି ସାଧାରଣରେ ଏଠି ସେଠି ଆଲୋଚନା ଚାଲିଛି। ଆଗାମୀ ସମୟ କହିବ ବ୍ୟାସନଗର ସହରର କେତେକ ବିକାଶ ହେଉଛି।

## ବର୍ଷା ସହ ପବନ, କାନ୍ଥ ପଡ଼ି ଭାଙ୍ଗିଲା ଗାଡ଼ି



**ଫୁଲବାଣୀ,୪।୫ (ସଂଚାର ବ୍ୟୁରୋ):** ଶନିବାର ସନ୍ଧ୍ୟାରେ ବର୍ଷା ସାଙ୍ଗକୁ ପ୍ରବଳ ପବନ ହୋଇଥିଲା। ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ିବା ସହିତ କିଛି ସ୍ଥାନରେ କାନ୍ଥ ଭୁଶୁଡ଼ି ପଡ଼ିଛି। ଟାଉନ ସମ୍ମୁଖରେ ଏକ ବିରାଟ ଗଛ ଉପୁଡ଼ି ପଡିଛି। ସେହିଭଳି ପିଅନପଡ଼ା ପ୍ରାଥମିକ ବିଦ୍ୟାଳୟ ନିକଟରେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ପାଖରେ ଥୁବା ଦୁଇଟି ବାଇକ୍, ଗୋଟିଏ ଅଟେ ଏବଂ ଏକ ବୋଲେରୋ ଭାଙ୍ଗି ଯାଇଛି। ଅନେକ ସ୍ଥାନରେ ଗଛ ଡାଳ ଭାଙ୍ଗି ପଡ଼ିବାରୁ ବିଦ୍ୟୁତ ସରବରା ରାହ ବ୍ୟାହତ ହୋଇଛି। ଅନେକ ସାହି ବର୍ତ୍ତମାନ ପର୍ଯ୍ୟନ୍ତ ଅନ୍ଧାରରେ ରହିଛି।

# ବିଶ୍ୱ ହସ ଦିବସ ଓ ରୌପ୍ୟ ଜୟନ୍ତୀ ପାଳିତ




**ବ୍ରହ୍ମପୁର,୪।୫ (ସଂଚାର ବ୍ୟୁରୋ):** ସ୍ଥାନୀୟ ସଂସ୍କୃତ ଭବନ ଠାରେ ଅର୍ଜୁନ ହସ କ୍ଲବ ବ୍ରହ୍ମପୁର ପକ୍ଷରୁ ବିଶ୍ୱ ହସ ଦିବସ ତଥା ରୌପ୍ୟ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସଭାପତି ସିମାଞ୍ଚଳ ପ୍ରସାଦ ବିଷୋୟୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର ଜଗନ୍ନାଥଙ୍କ ନିକଟରେ ଧୂପଦୀପ ପ୍ରଜନନ ସହ ପୃଷ୍ପ ମାଲ୍ୟ ପ୍ରଦାନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ କୃଷ୍ଣ ମୋହନ ପାଠୀ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଦିବଙ୍ଗତ ସଦସ୍ୟ ମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ଡାକ୍ତର ସମରେନ୍ଦ୍ର କୁମାର ସାହୁ ନିଜର ସ୍ୱାଗତ ଅଭିଭାଷଣରେ ଉପସ୍ଥିତ ସମସ୍ତ ଅତିଥି ସଦସ୍ୟ କର୍ମକର୍ତ୍ତା ତଥା ପରିବାର ବର୍ଗମାନଙ୍କୁ ନିଜ ନିଜର ବହୁ ମୂଲ୍ୟବାନ ସମୟ ଦେଇ ଯୋଗ ଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ସଭାରେ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ନିଜ ନିଜର ବକ୍ତବ୍ୟରେ ଆଜିର ଏହି ବ୍ୟସ୍ତ ବହୁଳ ଜୀବନରେ ତଥା ଇଣ୍ଟରନେଟ ଯୁଗରେ ସୁସ୍ଥ ଶରୀର ପାଇଁ ହସ ଓ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

### ଅଭିଯୁକ୍ତ ସାଜିଥିଲା ଅଭିଯୋଗକାରୀ

## ରଚିଥିଲା ଲକ୍ଷାଧିକ ଟଙ୍କାର ଚୋରି ଯୋଜନା



**ବିଞ୍ଝାରପୁର,୪।୫ (ସଂଚାର ବ୍ୟୁରୋ):** ଅଭିଯୁକ୍ତ ସାଜିଥିଲା ଅଭିଯୋଗକାରୀ। ନିଜେ ଲକ୍ଷାଧିକ ଟଙ୍କାର ଲୁଟ୍ କରି ନିଜେ ସାଜିଥିଲେ ଅଭିଯୋଗକାରୀ। ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଅଲାର ପୁର ଅଞ୍ଚଳରେ ଥିବା ଲୋଡ୍ ସେୟାର କମ୍ପାନୀ ନାମକ ଏକ କୋରିଅର ସଂସ୍ଥାର ଶାଖାରେ କାର୍ଯ୍ୟରତ ଯୁବକ କେଉଁଝରର ଗଣେଶ ଚନ୍ଦ୍ର ଜେନା ଅଫିସରୁ ସିସିଟିଭି ଏବଂ କ୍ୟାଶ ବାକ୍ସ ଏବଂ ପାଖାପାଖି ୩ ଲକ୍ଷ ଟଙ୍କାଚୋରୀ ହୋଇଥିବା ଅଭିଯୋଗ ଗତ ୧ ତାରିଖ ଦିନ ବିଞ୍ଝାରପୁର ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏତଲା ଆଧାର ରେ ତଦନ୍ତ ଆରମ୍ଭ କରିଥିଲା ବିଞ୍ଝାରପୁର ପୋଲିସ୍।ତେବେ ତଦନ୍ତରେ ନିଜେ ଅଭିଯୋଗକାରୀ ଗଣେଶ ଚନ୍ଦ୍ର ବେହେରା ନିଜ ଯାଜପୁର ବରୁହାଁ ଅଞ୍ଚଳ ର ସହଯୋଗୀ ଲିକୁ ବେହେରା ସହିତ ଚୋରି କାଣ୍ଡ ଭିଆଇ ଏହାକୁ ଚୋରୀର ରୁପ ଦେବାକୁ ଚେଷ୍ଟା କରିବା ସହିତ ନିଜେ ଖସିଯିବାକୁ ଚେଷ୍ଟା କରିଥିବା ଜାଣିବାକୁ ପାଇଥିଲା। ଏଥି ସହିତ କନ୍ତିଆ ଖରସ୍ରୋତା ପୋଲ ନିକଟରେ ସ୍ଥାନୀୟ ଲୋକଙ୍କ ଠାରୁ କ୍ୟାସ୍ ବାକ୍ସ ପଡ଼ିଥିବା ଖବର ପାଇ ଏହାକୁ ଉଦ୍ଧାର କରିଥିଲା ପୋଲିସ୍। ତେବେ ବିଞ୍ଝାରପୁର ପୋଲିସ୍ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ କ୍ୟାସ ବାକ୍ସ,୩୦,୦୦୦ ଟଙ୍କା,ଏକ ସ୍କୁଟି ଗାଡ଼ି ଜବତ କରିଛି। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ବିଞ୍ଝାରପୁର ପୁଲିସ୍।

# ସରକାରୀ ଜମି ଜବରଦଖଲ ଅଭିଯୋଗ, ଉଚ୍ଛେଦ ଦାବି

**ଫୁଲବାଣୀ,୪।୫ (ସଂଚାର ବ୍ୟୁରୋ):** ଜବର ଦଖଲକାରୀ ସରକାରୀ ଜମି ଜବରଦଖଲ କରୁଥିବା ଅଭିଯୋଗ ହୋଇଛି। ଖଜୁରୀପଡ଼ା ତହସିଲଦାର ସରକାରୀ ଜାଗାରେ ପ୍ରବେଶ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ବୋଲି ସୂଚନା ଫଳକ ଲଗାଇଥିଲେ। ମାତ୍ର ସରକାରୀ ଆଇନକୁ ଫୁ କରି ଜବରଦଖଲ ଚାରୀମାନେ ସରକାରୀ ଜମି ଜବରଦଖଲ କରୁଛନ୍ତି। ଏନେଇ ପଚାରିଲେ ଜବରଦଖଲକାରୀଙ୍କ ଠାରୁ ଦୁର୍ବ୍ୟବହାରର ଶିକାର ହେବାକୁ ପଡୁଥିବା ଅଭିଯୋଗ ହେଉଛି।

ଖଜୁରୀପଡ଼ା ପୂର୍ତ୍ତବିଭାଗ ବଙ୍ଗଳା ନିକଟରେ ରହି ରହିଥିବା ଏକ ସରକାରୀ ଜାଗାକୁ କେତେକ ବ୍ୟକ୍ତି ନିଜ ଅକ୍ତିଆରକୁ ନେବା ପାଇଁ ଉଦ୍ୟମ କରୁଛନ୍ତି। କିଛି ବର୍ଷ ପୂର୍ବରୁ ତତ୍କାଳୀନ ତହସିଲଦାର ଉକ୍ତ ସରକାରୀ ଜମିରେ ବେଆଇନ ପ୍ରବେଶ ନିଷେଧ ଓ ଦଣ୍ଡନୀୟ ଅପରାଧ ବୋଲି ସୂଚନାଫଳକ ମାରିଥିଲେ। ବର୍ତ୍ତମାନ ଉକ୍ତ ଫଳକ ଉପରେ କପଡ଼ା ଘୋଡ଼ାଇ ସେଠାରେ ବେଆଇନ ନିର୍ମାଣ କାର୍ଯ୍ୟ ଚାଲଛି।

ସୂଚନା ପାଇ ଜନୈକ ସାମ୍ବାଦିକ ସେଠାରେ ପହଞ୍ଚି ଫଟୋ ଏବଂ ଭିଡିଓ କରୁଥିବା ବେଳେ ଜଣେ ମହିଳା ତାଙ୍କୁ ଗାଳିଗୁଲଜ କରିବା ସହିତ ଅପମାନିତ କରିଥିଲେ। ଏହାପରେ ତାଙ୍କ ସ୍ୱାମୀ ସାମ୍ବାଦିକ ୫୦ ହଜାର ଲାଞ୍ଚ ମାଗୁଥିବା ନେଇ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି। ଏନେଇ ଶନିବାର ସାମ୍ବାଦିକ ଜଣଙ୍କ ଖଜୁରୀପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଥାନା ଅଧୁକାରୀ ଚାପଧାରୀ ପ୍ରଧାନଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ଆସିଛି। ଏହାର ତଦନ୍ତ ହେବ ବୋଲି କହିଛନ୍ତି। ସେହିପରି ତହସିଲଦାର ଶୁଭଶ୍ରୀ ରଥଙ୍କୁ ପଚାରିବାରୁ ଏନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଅଟୋ ଧକ୍କାରେ ୨ ବାଇକ ଆରୋହୀ ଗୁରୁତର

**ନୀଳଗିରି,୪।୫ (ସଂଚାର ବ୍ୟୁରୋ):** ଏକ ଅଜଣା ଅଟୋ ଧକ୍କା ଦେବାରୁ ବାଇକ ୨ ବାଇକ ଆରୋହୀ ଗୁରୁତର ହୋଇଥିବା ଜଣାପଡ଼ିଛି। ପ୍ରାପ୍ତସୂଚନାରୁ ଜଣାପଡ଼ିଛି ଆଜି ସନ୍ଧ୍ୟା ପ୍ରାୟ ୭.୪୦ ମିନିଟ ସମୟରେ ଝାଡ଼ଖଣ୍ଡ ଅଞ୍ଚଳର ପୁରନ ଶର୍ମାଙ୍କ ପୁଅ ରୋହିତ ଶର୍ମା (୨୮)ଏବଂ ନହରପାଟଣା ଅଞ୍ଚଳର ମହେଶ୍ୱର ଚଣ୍ଡଙ୍କ ପୁଅ ପ୍ରଣୟ କୁମାର ଚଣ୍ଡ (୩୫) ଉଦଳାରୁ କାଠମିସ୍ତ୍ରୀ ଭାବେ ଘରୋଇ କାମସାରି ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ନୀଳଗିରି, ବାଲିଗୋହିରି ଛକ ନିକଟରେ ଶେରଗଡ଼ରୁ ନୀଳଗିରି ଅଭିମୁଖେ ଆସୁଥିବା ଏକ ଅଜଣା ଅଟୋ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଉଭୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନୀଳଗିରି ପୋଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ପ୍ରଥମେ ନୀଳଗିରି ମେଡିକାଲରେ ଆଶୁଚିକିତ୍ସା ପରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଉଭୟ ପୂରଣ ଏବଂ ପ୍ରଣୟଙ୍କ ଡାହାଣ ଗୋଡ଼ ଭାଙ୍ଗିବା ସହିତ ଗୋଡ଼ଅଙ୍ଗୁଳି କଟି ପ୍ରବଳ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି।

# ଶୁଖିଲା ବୈତରଣୀକୁ ନେଇ ପ୍ରଶାସନିକସ୍ତରରେ ତତ୍ପରତା

### ଉନ୍ନୟନ କମିଶନରଙ୍କ କାନପୁର ଡ୍ୟାମ ଗସ୍ତ



**ଯୋଡା,୪।୫ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ଠାରେ ନିର୍ମାଣଧୀନ ଓଡ଼ିଶାର ଦ୍ୱିତୀୟ ନଦୀବନ୍ଧ ଯୋଜନା କାନପୁର ଡ୍ୟାମର ବୈଷୟିକ ତ୍ରୁଟି ଫଳରେ ଚିରୋସ୍ରୋତା ବୈତରଣୀ ନଦୀର ତଳମୁଣ୍ଡ ଶୁଷ୍କ ହୋଇ ଗଲାଣି । ରବିବାର ସକାଳ ୭ ଘଟିକାରେ ଓଡ଼ିଶାର ଉନ୍ନୟନ କମିଶନର, ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ଯୋଜନା ଏବଂ ଅଭିବୃଦ୍ଧି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ, ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଚନ୍ଦ୍ର ଶେଖର ପାଢ଼ୀ, କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ, ସହକାରୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ବିନ୍ଧାଣି, ବନ୍ଧର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା, ପୁନର୍ବସତି ଓ ଥଇଥାନ ଯନ୍ତ୍ରୀ ଅଜୟ କୁମାର ନାୟକ ସମେତ ବନ୍ଧର ସହକାରୀ ଯନ୍ତ୍ରୀ ଅମୂଲ୍ୟ ରାଉତ, ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା ପ୍ରମୁଖଙ୍କ ସମେତ ଏକ ଉଚ୍ଚସ୍ତରୀୟ ବୈଷୟିକ ଦଳ ଜିଲ୍ଲା ପ୍ରଶାସନ ବନ୍ଧର ବିଭିନ୍ନ ସ୍ଥାନକୁ ଯାଇ ପରିଦର୍ଶନ କରିଥିଲେ । ପୂର୍ବାହ୍ନ ୧୦ ଘଟିକାରେ ଏକ ସମୀକ୍ଷା ବୈଠକ କାନପୁର ପ୍ରଦକ୍ଷଣ ଗୃହରେ ଆୟୋଜନ କରାଯାଇଥିଲା। ପ୍ରୋଜେକ୍ଟର ମାଧମରେ ଯନ୍ତ୍ରୀମାନେ ବନ୍ଧ ସମ୍ପର୍କରେ ଅବଗତ କରାଇଥିଲେ ।

ରବିବାର ଗସ୍ତରେ ଆସିଥିବା କମିଶନର କହିଛନ୍ତି ଯେ, କାନପୁର ଡ୍ୟାମ ପ୍ରୋଜେକ୍ଟର ରିଭିଉ କରାଯାଇଛି । ଆସନ୍ତା ଜୁଲାଇ ମାସ ମଧରେ ବନ୍ଧ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ କରାଯିବ। ୨୯ ହଜାର ହେକ୍ଟର ସମୁଦାୟ ଜଳ ସେଚନ ଅଞ୍ଚଳ ଥିବା ବେଳେ ଚଳିତ ବର୍ଷ ୧୩ ହଜାର ହେକ୍ଟର ଜମିକୁ ଜଳ ସେଚିତ କରାଯିବାର ଲକ୍ଷ୍ୟ ରଖାଯାଇଛି । ଚାଷୀମାନଙ୍କୁ ପାଣି ଯୋଗାଇବା ସମ୍ପର୍କରେ ସେ କହିଥିଲେ ଯେ,ଡିସ୍ଲୁଇସ ଲଗାଇବାର କାରଣ ମନ୍ଥର ଗତିରେ ନଦୀକୁ ଜଳ ଛଡାଯିବ। ଯାହାକି ଚାଷ ପାଇଁ ଉପୋଯୋଗୀ ହେବ । ୮ରୁ ୯ଟି ଗାଁ ବିସ୍ଥାପିତଙ୍କ ଥଇଥାନ ଓ ସେଠାକାର ସୁବିଧା ଅସୁବିଧା ସଂପର୍କରେ ବୁଝିବା ପାଇଁ ସମୀକ୍ଷା ବୈଠକରେ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଶିଳ୍ପ କମ୍ପାନୀମାନେ ଜଳ ଭଣ୍ଡାରରୁ ଜଳ ଶୋଷି ନେଉଥିବା ପ୍ରଶ୍ନର ଉତ୍ତର ରେ କମିଶନର ଗର୍ଗ କହିଥିଲେ ଯେ, ପାନୀୟ ଜଳ ପ୍ରକଳ୍ପ ,ଚାଷକୁ ପାଣି ଦିଆଯିବା ପରେ ଶିଳ୍ପ ପାଇଁ ପାଣି ବ୍ୟବସ୍ଥା କରାଯିବ । ବନ୍ଧର ତଳ ମୁଣ୍ଡକୁ ବୈତରଣୀ ଜଳ ଯାଉ ନ ଥିବାରୁ ପ୍ରାୟ ୧୦ ଟି ଗ୍ରାମର ଗ୍ରାମବାସୀ କମିଶନର ଗର୍ଗଙ୍କୁ ଏହାର ଶୀଘ୍ର ସମାଧାନ ପାଇଁ ଅଭିଯୋଗ ପତ୍ର ଦେଇଥିଲେ। ବନ୍ଧର କିଛି ଅଧିକାରୀ ଗ୍ରାମବାସୀଙ୍କୁ କମିଶନରଙ୍କୁ ଦେଖା କରିବାକୁ ବାରଣ କରିବାରୁ ଶତାଧିକ ଗ୍ରାମବାସୀ କମିଶନର ଗର୍ଗଙ୍କୁ ଘେରିଯାଇ ସେମାନଙ୍କର ଅସୁବିଧା କହିଥିଲେ ଓ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ସେହିପରି ବିସ୍ଥାପିତ ଜଗନ୍ନାଥପୁର ଅଞ୍ଚଳର ଗ୍ରାମବାସୀମାନେ ବିସ୍ଥାପିତ ଗ୍ରାମରେ ଜଳ ସଂଯୋଗ ହୋଇ ନ ଥିବା ଅଭିଯୋଗ କରିଥିଲେ ।

## କାଳବୈଶାଖୀ ପ୍ରଭାବରେ ସୁବର୍ଣ୍ଣପୁର ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି

- ଜଣେ ମୃତ, ଉଜୁଡି ଗଲା ଆମ୍ବ ଚାଷ, ଚାଷୀ ହତାଶ

**ସୁବର୍ଣ୍ଣପୁର,୪।୫ (ସଂଚାର ବ୍ୟୁରୋ):** ଗତକାଲି ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ବ୍ଲକରେ ସନ୍ଧ୍ୟା ସମୟରେ କାଳବୈଶାଖୀ ତାଣ୍ଡବ ପ୍ରଭାବରେ ପ୍ରବଳ ଝଡ ତୋଫାନ ସାଙ୍ଗକୁ ଦୀର୍ଘ ଏକ ଘଣ୍ଟା କାଳ ପ୍ରବଳ ବର୍ଷା ହେବାସହ ପ୍ରବଳ ପବନ ବୋହିଥିଲା । ଶନିବାର ସକାଳୁ ପାଣିପାଗ ସ୍ୱାଭାବିକ ଥିବା ବେଳେ ସନ୍ଧ୍ୟାରେ ସମୟରେ ପ୍ରାୟ ୮୦/୯୦ କିମି ବେଗରେ ପବନ ବହିବା ସହ ବଡ ବଡ ଗଛ ସବୁ ଉପୁଡି ପଡିଛି। ସହର ତଥା ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଥିଲା। ଝଡ଼ବର୍ଷା ଯୋଗୁଁ ଘର ଛପର ଉଡି ଯାଇଥିବା ବେଳେ ଧାନ ଓ ପନିପରିବା ଚାଷ ବ୍ୟାପକ କ୍ଷତି ହୋଇଛି। ତରଭା ବ୍ଲକ ସିଂହାରୀ ପଞ୍ଚାୟତ ଲୁକାପାଲି ଗ୍ରାମର ମଞ୍ଜି ବଗର୍ତ୍ତି (୪୨)ଙ୍କ ଉପରେ ଗଛ ପଡ଼ିଯିବାରୁ ଚାପି ହୋଇ ମୃତବରଣ କରିଛନ୍ତି। ସେପଟେ ଜିଲ୍ଲାରେ ଚଳିତ ବର୍ଷ ଫାର୍ମ ମାନଙ୍କରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅପେକ୍ଷାକୃତ କମ ଆମ୍ବ ଆସିଥିବା ବେଳେ ଆମ୍ବ ଅମଳ ସମୟ ବେଳେ ପ୍ରାୟ ୯୦ ଭାଗ ଆମ୍ବ ଝଡି ଯାଇଛି। ଆମ୍ବ ଚାଷୀ ବର୍ତ୍ତମାନ ମୁଣ୍ଡରେ ହାତ ଦେଇ ବସିଛି।